ଆଜି - ଗୁରୁବାର
ତାରିଖ - ୦୯ ଜୁଲାଇ ୨୦୨୬
ମାସ - ମିଥୁନ, ଦିନ - ୨୫
ତିଥି - ନବମୀ , ପକ୍ଷ- କୃଷ୍ଣ
ନକ୍ଷତ୍ର - ଅଶ୍ୱିନୀ, ମେଷ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୮: ୦୦
ସୂର୍ଯ୍ୟାସ୍ତ - ୬ : ୨୬: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଯେଉଁ ବ୍ୟକ୍ତି ନିଃସ୍ୱାର୍ଥପର ଭାବରେ ଅନ୍ୟମାନଙ୍କ ପାଇଁ କାର୍ଯ୍ୟ କରନ୍ତି, ସେ ପ୍ରକୃତରେ ନିଜର ହିଁ ମଙ୍ଗଳ କରିଥାନ୍ତି ।"

- ରାମକୃଷ୍ଣ ପରମହଂସ


E-News : www.Ajikali epaper.com

Vol.- 41 ISSUE- 86 R.N.I. REGD. No. 44026/86 ବାଲେଶ୍ୱର ୦୯ ଜୁଲାଇ ୨୦୨୬ ଗୁରୁବାର BALASORE 09 JULY 2026 THURSDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


# ଆଜି ଓଡ଼ିଶା ଗସ୍ତରେ ଆସୁଛନ୍ତି ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ

## ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନ ଦସ୍ତାବିଜର କରିବେ ଉନ୍ମୋଚନ

ନୂଆଦିଲ୍ଲୀ : ଭାରତ ସରକାରଙ୍କ ମତ୍ସ୍ୟ ବିଭାଗ ଆଜି ଭୁବନେଶ୍ୱରଠାରେ 'ଗଭୀର ସମୁଦ୍ରରେ ଦୀର୍ଘସ୍ଥାୟୀ ମାଛ ଉତ୍ପାଦନ ଲାଗି ଅନୁମୋଦନ ପତ୍ର'ର ଶୁଭାରମ୍ଭ ନିମନ୍ତେ ଏକ ଜାତୀୟସ୍ତରର କାର୍ଯ୍ୟକ୍ରମ ଆୟୋଜନ କରୁଛି । ଉପରାଷ୍ଟ୍ରପତି ଶ୍ରୀ ସି.ପି. ରାଧାକୃଷ୍ଣନ୍ ଏହି ଏଲଓଏକୁ ଉନ୍ମୋଚନ କରିବେ । ଏହି ଅବସରରେ ସେ 'ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନ ଦସ୍ତାବିଜ'କୁ ମଧ୍ୟ ଉନ୍ମୋଚନ କରିବେ । ଭାରତ ସରକାରଙ୍କ ମତ୍ସ୍ୟ ବିଭାଗ, ବିଭିନ୍ନ ପଦକ୍ଷେପ ମାଧ୍ୟମରେ ମତ୍ସ୍ୟ କ୍ଷେତ୍ରର ଡିଜିଟାଲାଇଜେସନ୍ ଉପରେ ଧ୍ୟାନ ଦେଉଛି । ଏଥିସହିତ ମତ୍ସ୍ୟ ଚାଷୀ ଉତ୍ପାଦକ ସଂଗଠନ ଓ ମତ୍ସ୍ୟ ସମବାୟ ସମିତିଗୁଡ଼ିକୁ ସୁଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ଦେଉଛି । ଉପରୋକ୍ତ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଜାତୀୟ ସମବାୟ ରପ୍ତାନି ଲିମିଟେଡ୍ (ଏନସିଇଏଲ) ସମେତ ମତ୍ସ୍ୟ ସମବାୟ ସମିତି ଏବଂ ମାଛ ଧରିବା ଜାହାଜର ମାଲିକମାନଙ୍କୁ ଅନୁମୋଦନ ପତ୍ର ବଂଟନ କରିବେ । ଏହା ଦ୍ୱାରା ଯୋଗ୍ୟ ଭାରତୀୟ ମାଛଧରା



ଜାହାଜଗୁଡ଼ିକୁ ଗଭୀର ଅନ୍ତର୍ଜାତୀୟ ସାମୁଦ୍ରିକ ଜଳସୀମାରେ ନିୟନ୍ତ୍ରିତ ମାଛ ଧରିବା କାର୍ଯ୍ୟ ଲାଗି ଅନୁମତି ମିଳିପାରିବ । କାର୍ଯ୍ୟକ୍ରମରେ ଶ୍ରୀ ମହାବୀର ମଛିମାର ସହକାରୀ ମଣ୍ଡଳୀ ଲିମିଟେଡ୍, ଶ୍ରୀ ମାର୍ତଣ୍ଡ ପ୍ରସନ୍ନ କୋଲାବା ମତ୍ସ୍ୟୋଦ୍ୟୋଗ ବିବିଧ କାର୍ଯ୍ୟକାରୀ ସହକାରୀ ସଂସ୍ଥା ମର୍ଯ୍ୟାଦିତ, ସାଉଥ ଗୋଆ ମେକାନାଇଜଡ୍ ବୋଟ୍ ଓନର୍ସ କୋଅପରେଟିଭ ଏଣ୍ଡ ମାର୍କେଟିଂ ସୋସାଇଟି ଲିମିଟେଡ୍, ପାରାଦୀପ ମରିନ୍ ? ପ୍ରାଇମେରୀ ଫିସ ପ୍ରଡକ୍ସନ ଏଣ୍ଡ ମାର୍କେଟିଂ କୋ-ଅପରେଟିଭ୍ ସୋସାଇଟି ଲିମିଟେଡ୍, ଥେଙ୍ଗାପଟ୍ଟନମ୍ ଡିପ୍ ସି ଫିସ୍ ପ୍ରଡୁସର୍ସ କୋଅପରେଟିଭ ସୋସାଇଟି, ଏବଂ ମାଲପେ ଫିସରମେନ୍ ପ୍ରାଇମେରୀ କୋଅପରେଟିଭ୍ ସୋସାଇଟି ଲିମିଟେଡ୍ ଆଦି ସଂସ୍ଥାଗୁଡ଼ିକୁ ଅନୁମୋଦନ ପତ୍ର ପ୍ରଦାନ କରାଯିବ । 'ଭାରତୀୟ-ପତାକାଧାରୀ ମାଛଧରା ଜାହାଜ ଦ୍ୱାରା ଦୀର୍ଘସ୍ଥାୟୀ ଗଭୀର-ସମୁଦ୍ର ମାଛଧରା ପାଇଁ ମାର୍ଗଦର୍ଶିକା ୨୦୨୫ ଅଧୀନରେ ଅନୁମୋଦନ ପତ୍ର ହାସଲ କରିବା ଏକ ବାଧ୍ୟତାମୂଳକ ଆବଶ୍ୟକତା । ଗଭୀର ସମୁଦ୍ର ମାଛଧରା କିମ୍ବା ତତ୍ ? ସମ୍ପର୍କିତ କାର୍ଯ୍ୟକଳାପରେ ନିୟୋଜିତ ଭାରତୀୟ ଜାହାଜ ପାଇଁ ଏକ ସ୍ୱଚ୍ଛ ଉତରଦାୟୀ ଢାଂଚା ପ୍ରଦାନ କରିବା ଲାଗି ଏଲଓଏ କେବଳ ନିର୍ଦ୍ଦିଷ୍ଟ ଜାହାଜକୁ ମିଳିବ ଏବଂ ଏହାକୁ ହସ୍ତାନ୍ତର କରାଯାଇପାରିବ ନାହିଁ । ଏହା 'ରିଅଲକ୍ରାଫ୍ଟ ମାଛଧରା ଜାହାଜ ପଞ୍ଜିକରଣ ପୋର୍ଟାଲ୍' ସହିତ ସମନ୍ୱିତ । ଫଳରେ ବ୍ୟବସ୍ଥିତ, ତଥ୍ୟ-ଚାଳିତ ଏବଂ ନିରୀକ୍ଷଣଯୋଗ୍ୟ କାର୍ଯ୍ୟ ସୁନିଶ୍ଚିତ ହୋଇପାରିବ । ଏଲଓଏ ସର୍ବନିମ୍ନ ମୂଲ୍ୟରେ ଜାରି ଏବଂ ନବୀକରଣ କରାଯାଇପାରିବ । ଏହାର ଆବେଦନକୁ ବାସ୍ତବ ସମୟରେ ଟ୍ରାକିଂ କରାଯାଇପାରିବ । ଏହାର ବାଧାମୁକ୍ତ ପ୍ରକ୍ରିୟା ମତ୍ସ୍ୟଜୀବୀ ଏବଂ ଜାହାଜ ପରିଚାଳକମାନଙ୍କ ପାଇଁ ନିୟାମକ ଅନୁପାଳନକୁ ସରଳ କରିଥାଏ । ଏଲଓଏ ଥିବା ଜାହାଜଗୁଡ଼ିକ ପ୍ରଚଳିତ ଆଂଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ଦ୍ୱାରା ନିର୍ଦ୍ଧାରିତ ସଂରକ୍ଷଣ ଏବଂ ପରିଚାଳନା ପଦକ୍ଷେପଗୁଡ଼ିକୁ ପାଳନ କରିବା ଆବଶ୍ୟକ । ଏଥିରେ ଦାୟିତ୍ୱପୂର୍ଣ୍ଣ ଓ ଦୀର୍ଘସ୍ଥାୟୀ ମାଛଧରା ପାଇଁ ସୀମା, ମାଛଧରା ଗିୟର ଉପରେ ନିୟମ, ବାଇକ୍ୟାଚ୍ କମ କରିବା ପାଇଁ ପଦକ୍ଷେପ, ଫିସ୍ ଏଗ୍ରିଗେଟିଂ ଡିଭାଇସର ପରିଚାଳନା, ଜଳଯାତ୍ରା ରିପୋର୍ଟିଂ ଏବଂ ଅନ୍ୟାନ୍ୟ ଆବଶ୍ୟକତା ଅନ୍ତର୍ଭୁକ୍ତ । ଏଲଓଏ ମାଛ ଚାଷୀ ଉତ୍ପାଦକ ସଂଗଠନ (ଏଫଏଫପିଓ) ମତ୍ସ୍ୟ ସମବାୟ ସଂସ୍ଥାଗୁଡ଼ିକୁ ସୁଦୃଢ଼ କରିବ । ଏହା ଦୀର୍ଘସ୍ଥାୟୀ ଗଭୀର ସମୁଦ୍ର ଏବଂ ମୁକ୍ତ ସାଗର ବା ଅନ୍ତର୍ଜାତୀୟ ଜଳସୀମାରେ ମାଛ ଧରିବାରେ ଅଂଶଗ୍ରହଣକୁ ସହଜ କରିବ । ଏହାଦ୍ୱାରା ଉଚ୍ଚ-ମୂଲ୍ୟ ସମ୍ବଳଗୁଡ଼ିକ ପାଇଁ ପ୍ରବେଶ ବୃଦ୍ଧି ହେବ ଏବଂ ମତ୍ସ୍ୟଜୀବୀମାନଙ୍କ ପାଇଁ ଉତମ ଆୟ ସୁଯୋଗ ସୃଷ୍ଟି ହେବ । ଏହି ପଦକ୍ଷେପ ଡିଜିଟାଲାଇଜେସନ୍ ଉପରେ ମଧ୍ୟ ବିଶେଷ ଗୁରୁତ୍ୱାରୋପ କରେ । ସମଗ୍ର ଏଲଓଏ ପ୍ରକ୍ରିୟାକୁ ଅନଲାଇନ୍, ସ୍ୱଚ୍ଛ ଏବଂ ସମୟସୀମା ଭିତରେ ଆବଦ୍ଧ କରାଯାଇଛି । ଏହା ମତ୍ସ୍ୟ ପାଳନ କ୍ଷେତ୍ର ମଧ୍ୟରେ ସେବା ପ୍ରଦାନ, ସ୍ୱଚ୍ଛତା, ଅନୁସନ୍ଧାନ ଏବଂ ସୁଶାସନକୁ ଉନ୍ନତ କରିବ । ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ (୨୦୨୬-୨୦୩୬) ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ 'ନୀଳ ଅର୍ଥବ୍ୟବସ୍ଥା' ପଦକ୍ଷେପ ।

## ଇଣ୍ଡୋନେସିଆର ପ୍ରମ୍ବନନ୍ ମନ୍ଦିର ପୁନରୁଦ୍ଧାର ପ୍ରକଳ୍ପର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋଓ ସୁବିଆନ୍ତୋ ବୁଧବାର ମିଳିତ ଭାବେ ଇଣ୍ଡୋନେସିଆର ଯୋଗାକାର୍ତାରେ ବିଶ୍ୱ ପ୍ରସିଦ୍ଧ ପ୍ରମ୍ବନନ୍ ମନ୍ଦିର ପରିସରର ସଂରକ୍ଷଣ ଏବଂ ପୁନରୁଦ୍ଧାର ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏହି ମନ୍ଦିର ପରିସର, ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ, ଇଣ୍ଡୋନେସିଆର ସର୍ବବୃହତ ହିନ୍ଦୁ ମନ୍ଦିର ପରିସର । ଭଗବାନ ଶିବଙ୍କୁ ଉତ୍ସର୍ଗୀକୃତ, ଦଶମ ଶତାବ୍ଦୀର ଏହି ଐତିହାସିକ ଐତିହ୍ୟ ସ୍ଥଳକୁ ଭାରତ-ଇଣ୍ଡୋନେସିଆ ସହଭାଗୀ ସାଂସ୍କୃତିକ ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ଭାବରେ ବିବେଚନା କରାଯାଏ । ଏହି ପ୍ରକଳ୍ପର ଶୁଭାରମ୍ଭ ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଏହା ତାଙ୍କର ସୌଭାଗ୍ୟ ଯେ ସେ ତାଙ୍କ ଜୀବନରେ ବାରମ୍ବାର ଭଗବାନ ଶିବଙ୍କ ସହ ଜଡ଼ିତ ପବିତ୍ର ସ୍ଥାନଗୁଡ଼ିକର ସେବା ଏବଂ ସଂରକ୍ଷଣ କରିବାର ସୁଯୋଗ ପାଇଛନ୍ତି । ସେ କହିଛନ୍ତି ଯେ ସେ ଗୁଜରାଟର ବଡ଼ନଗରରେ ଜନ୍ମଗ୍ରହଣ କରିଥିଲେ, ଯେଉଁଠାରେ ହାଟକେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ତୀର୍ଥଯାତ୍ରା ରହିଛି । ବାରଟି ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ପ୍ରଥମ ସୋମନାଥ ମଧ୍ୟ ଗୁଜରାଟରେ ଅବସ୍ଥିତ ଏବଂ ଏହାର ବିକାଶରେ ସିଧାସଳଖ ଭୂମିକା ଗ୍ରହଣ କରିବାର ସୁଯୋଗ ତାଙ୍କୁ ମିଳିଥିଲା । ସେ କହିଥିଲେ



ଯେ ତାଙ୍କ ରାଜନୈତିକ ଜୀବନର କେନ୍ଦ୍ରବିନ୍ଦୁ କାଶୀ ବିଶ୍ୱନାଥ ମଧ୍ୟ ରହିଛନ୍ତି, ଯେଉଁଠାରେ ସେ ଲଗାତାର ଭାବେ ବାବା ବିଶ୍ୱନାଥଙ୍କ ଆଶୀର୍ବାଦ ପାଉଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କେଦାରନାଥ ଧାମର ପୁନଃନିର୍ମାଣ, ଉଜ୍ଜୈନରେ ମହାକାଳର ବିକାଶ ପରେ, ବ୍ରହ୍ମା, ବିଷ୍ଣୁ ଏବଂ ମହେଶଙ୍କ ସହ ଜଡ଼ିତ ଏହି ମହାନ ସାଂସ୍କୃତିକ ଐତିହ୍ୟର ପୁନରୁଦ୍ଧାର କାର୍ଯ୍ୟର ଶୁଭାରମ୍ଭ କରିବା ତାଙ୍କର ସୌଭାଗ୍ୟ । ସେ କହିଛନ୍ତି ଯେ ଏହି ଐତିହାସିକ ଘଟଣାର ସାକ୍ଷୀ ହେବା ପାଇଁ ସେ ନିଜକୁ ଭାଗ୍ୟବାନ ବୋଲି ବିବେଚନା କରନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଇଣ୍ଡୋନେସିଆ ଗସ୍ତର ତୃତୀୟ ଦିନରେ ମଧ୍ୟ ସେ ବାୟୁରେ ଭାରତୀୟ ସଂସ୍କୃତିର ସେହି ସୁଗନ୍ଧ ଅନୁଭବ କରିଥିଲେ, ଯାହା ଭାରତୀୟ ମାଟିରେ ଅନୁଭୂତ ହୋଇଥାଏ । ପ୍ରାୟ ୧୨୦୦ ବର୍ଷ ଧରି ଏହି ଐତିହ୍ୟକୁ ସଂରକ୍ଷିତ ରଖିଥିବାରୁ ସେ ଇଣ୍ଡୋନେସିଆର ଜନସାଧାରଣ ଏବଂ ବିଭିନ୍ନ ଯୁଗରେ ଏଠାରେ ଶାସନ କରିଥିବା ସମସ୍ତ ଲୋକଙ୍କୁ କୃତଜ୍ଞତା ଜଣାଇଥିଲେ । ଧାନମନ୍ତ୍ରୀ କହିଛନ୍ତି ଯେ ଲାସା ଠାରୁ କୈଳାସ ମାନସରୋବର ପର୍ଯ୍ୟନ୍ତ ଯାତ୍ରା ହେଉ କିମ୍ବା ଇଣ୍ଡୋନେସିଆର ପବିତ୍ର ପ୍ରମ୍ବନନ୍ ମନ୍ଦିର, ମହାମୃତ୍ୟୁଞ୍ଜୟ ମନ୍ତ୍ର ଏବଂ 'ଓମ୍ ନମଃ ଶିବାୟ'ର ଜ ସବୁଆଡ଼େ ଶୁଣିବାକୁ ମିଳେ । ସେ କହିଛନ୍ତି ଯେ ଏହି ଦୃଶ୍ୟ ଅତ୍ୟନ୍ତ ଭାବପ୍ରବଣ ଥିଲା ।

## ଅଳ୍ପରେ ଖବର

- ଓଡ଼ିଶାରେ ଖୁବଶୀଘ୍ର କାର୍ଯ୍ୟକାରୀ ହେବ ପେଶା ଆଇନ । ଏନେଇ ଆସନ୍ତା କ୍ୟାବିନେଟ ବୈଠକରେ ପ୍ରସ୍ତାବ ଆଗତ କରାଯିବ ବୋଲି ପଂଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି ।
- ଗଛ ଉପରୁ ବାଘର ମୃତଦେହ ମିଳିବା ଘଟଣାରେ ପ୍ରାଥମିକ ତଦନ୍ତ ଆଧାରରେ ବର୍ହା ଫାଶରେ ପଡ଼ି ବାଘର ମୃତ୍ୟୁ ହୋଇଥିବା ସୂଚନା ଦେଇଛନ୍ତି ରାଜ୍ୟର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ ।
- ଓଡ଼ିଶା ପୋଲିସ ବିଭାଗରେ ମାନବ ସମ୍ବଳର ଅଭାବ ରହିଥିବା କହିଛନ୍ତି ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ. ବି. ଖୁରାନିଆ । ବର୍ତମାନ ରାଜ୍ୟ ପୋଲିସ ବିଭାଗରେ ପ୍ରାୟ ୨୬ ହଜାର ପଦବୀ ଖାଲି ପଡ଼ିଥିବା ସେ ସୂଚନା ଦେଇଛନ୍ତି ।
- ବିଧାୟିକା ସୀମାରାଣୀ ନାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଧାୟିକା ଶ୍ରୀମତୀ ସୀମାରାଣୀ ନାୟକଙ୍କୁ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ।

## ଦେଶର ପ୍ରମୁଖ ବିମାନବନ୍ଦରରେ ସୁରକ୍ଷା, ଇମିଗ୍ରେସନ୍ ଓ ଯାତ୍ରୀ ସୁବିଧା ଉପରେ ସମୀକ୍ଷା କଲେ ଅମିତ ଶାହ

ନୂଆଦିଲ୍ଲୀ : କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଏବଂ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଶ୍ରୀ ରାମମୋହନ ନାଇଡୁ କିଞ୍ଜାରାପୁ ପ୍ରମୁଖ ବିମାନ ବନ୍ଦରରେ ଯାତ୍ରୀ ସୁବିଧା, ସୁରକ୍ଷା ବ୍ୟବସ୍ଥା ଏବଂ ଇମିଗ୍ରେସନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ଏହି ବୈଠକରେ କେନ୍ଦ୍ର ଗୃହ ସଚିବ, ଗୁଇନ୍ଦା ନିର୍ଦ୍ଦେଶକ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସଚିବ, କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ (ସିଆଇଏସ୍‌ଏଫ୍) ର ମହାନିର୍ଦ୍ଦେଶକ, ଭାରତୀୟ ବିମାନ ବନ୍ଦର ପ୍ରାଧିକରଣର ଅଧ୍ୟକ୍ଷ ଏବଂ ଗୃହ ମନ୍ତ୍ରଣାଳୟ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଅନେକ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ । କେନ୍ଦ୍ର ଗୃହମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଯେ ମାନବ ସମ୍ବଳ ଖର୍ଚ୍ଚ ହ୍ରାସ କରିବା ଉଦ୍ଦେଶ୍ୟରେ ଦେଶର ସମସ୍ତ ବିମାନବନ୍ଦରରେ ପର୍ଯ୍ୟାୟକ୍ରମେ ଏକ ସ୍ୱୟଂଚାଳିତ ଏକ୍ସ-ରେ ଟ୍ରେ ରିଟର୍ଣ୍ଣ ସିଷ୍ଟମ (ଏଟିଆରଏସ) ସ୍ଥାପନ କରାଯିବ । ସେ ଏହା ମଧ୍ୟ



କହିଥିଲେ ଯେ ନୂଆ ବିମାନ ବନ୍ଦରରେ ସ୍ୱୟଂକ୍ରିୟ ଏକ୍ସ-ରେ ଟ୍ରେ ରିଟର୍ଣ୍ଣ ସିଷ୍ଟମ ସ୍ଥାପନ କରିବା ଲାଗି ଉପଯୁକ୍ତ ମାନଦଣ୍ଡ ନିର୍ଦ୍ଧାରଣ କରାଯିବା ଉଚିତ । ଶ୍ରୀ ଅମିତ ଶାହ ନିର୍ଦ୍ଦେଶ ଦେଇଛନ୍ତି ଯେ ବିମାନବନ୍ଦରରେ ପ୍ରବେଶ ପଥ, ଚେକ୍-ଇନ୍ କାଉଂଟର, ସୁରକ୍ଷା ସ୍କ୍ରିନିଂ ଲେନ୍ ଏବଂ ଇମିଗ୍ରେସନ୍ କାଉଂଟର ମଧ୍ୟରେ ପାରସ୍ପରିକ ନିର୍ଭରଶୀଳତାକୁ ଧ୍ୟାନରେ ରଖି ଏକ ବ୍ୟାପକ ଢାଂଚା ବିକଶିତ କରାଯିବ, ଯାହା ଦ୍ୱାରା କୌଣସି ସ୍ପର୍ଶ-ପଏଂଟରେ ଯାତ୍ରୀଙ୍କ ଆତଯାତ ବାଧାପ୍ରାପ୍ତ ହେବ ନାହିଁ । ସେ କହିଥିଲେ ଯେ ବିମାନ ବନ୍ଦରରେ ପ୍ରତ୍ୟେକ ସ୍ଥାନ ପାଇଁ ଏକ ସମନ୍ୱିତ ଯୋଜନା ପ୍ରସ୍ତୁତ କରାଯାଇଛି, ଯାହାଦ୍ୱାରା ଯାତ୍ରୀମାନଙ୍କ ନିରବଚ୍ଛିନ୍ନ ଯାତାୟାତ ସୁନିଶ୍ଚିତ ହୋଇପାରିବ । କେନ୍ଦ୍ର ଗୃହମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଯେ ବର୍ତମାନ ନିର୍ମାଣାଧୀନ ୨୧ଟି ବିମାନବନ୍ଦର ଏବଂ ଅବଶିଷ୍ଟ ୪୧ଟି ବିମାନବନ୍ଦରକୁ ବେସାମରିକ ବିମାନ ଚଳାଚଳ ସୁରକ୍ଷା ବ୍ୟୁରୋର (ବିସିଏଏସ) ଦ୍ୱାରା ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡ ଅନୁଯାୟୀ ଯାତ୍ରୀ ଯାତାୟାତ ଆଧାରରେ ବିକାଶ ପାଇଁ ପ୍ରାଥମିକତା ଦିଆଯିବ । ଆଗାମୀ ଦୁଇ ବର୍ଷ ମଧ୍ୟରେ ସମସ୍ତ ୬୨ଟି ବିମାନ ବନ୍ଦରର କାର୍ଯ୍ୟ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ଅମିତ ଶାହ ମଧ୍ୟ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଯାତ୍ରୀ ସଂଖ୍ୟା ଏବଂ ବିମାନ ଯାତାୟାତ ଆଧାରରେ ସମସ୍ତ ବିମାନବନ୍ଦରରେ ଏରୋବ୍ରିଜେସ୍ ସଂଖ୍ୟା ପାଇଁ ନିୟମ ସ୍ଥିର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ପିଏମ୍-ସୂର୍ଯ୍ୟ ଘରକୁ ପିଏମ୍-ଆବାସ ଯୋଜନା ସହ ସଂଯୋଜନ କରାଯିବ: ଉପ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ଶକ୍ତି କ୍ଷେତ୍ରର ସୁଧାର, ସୁରକ୍ଷା ଏବଂ କେନ୍ଦ୍ର ଓ ରାଜ୍ୟ ଯୋଜନାର କାର୍ଯ୍ୟକାରିତା ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି । ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ, ଶ୍ରୀ ବିଶାଳ କୁମାର ଦେବ ଓପିଟିସିଏଲ୍ ର ସିଏମ୍ଡି ଶ୍ରୀ ଭାସ୍କର ଜ୍ୟୋତି ଶର୍ମା, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଏସ୍ ଏନ୍ ଗିରୀଶ ଏବଂ ଶକ୍ତି ବିଭାଗ ଓ ବିଦ୍ୟୁତ ବିତରଣ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ନବୀକରଣୀୟ ଶକ୍ତି ଏବଂ ସୁଲଭ ଗୃହ ନିର୍ମାଣ ଉପରେ ଗୁରୁତ୍ୱ ଦେଇ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ ଘୋଷଣା କରିଛନ୍ତି ଯେ ପିଏମ୍-ସୂର୍ଯ୍ୟ ଘର ଯୋଜନାକୁ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ଯୋଜନା ଯଥା ପିଏମ-ଆବାସ ଯୋଜନା ସହ ସଂଯୋଜନ କରାଯିବ । ଏହା ସେମାନଙ୍କ ଇଚ୍ଛାଧୀନ ରହିବ । ଆମର ଲକ୍ଷ୍ୟ ହେଉଛି ପିଏମ୍ ଆବାସ ଏବଂ ଅନ୍ୟାନ୍ୟ ଗୃହ ଯୋଜନାର ପ୍ରତ୍ୟେକ ହିତାଧିକାରୀ ମଧ୍ୟ ସୌର ଶକ୍ତିର ସୁବିଧା ପାଇପାରନ୍ତୁ । ରାଜ୍ୟ ଗୃହ ଯୋଜନା ସହ ପିଏମ୍-ସୂର୍ଯ୍ୟ ଘରକୁ ସଂଯୋଜନ କରି ଆମେ ଲୋକଙ୍କୁ ୨୪ ଘଂଟିଆ ପରିଷ୍କାର ଏବଂ ସୁଲଭ ବିଜୁଳି ଯୋଗାଇ ଦେବା ସହ ସେମାନଙ୍କ ବିଜୁଳି ବିଲ୍ ମଧ୍ୟ ହ୍ରାସ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଛନ୍ତି ।

## ନିର୍ମାଣ ବିଭାଗ ପ୍ରକଳ୍ପ ଖର୍ଚ୍ଚର ସମୀକ୍ଷା କଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର : ରାଜ୍ୟର ବିକାଶକୁ ତ୍ୱରିତ ଗତିରେ ଆଗେଇ ନେବା ପାଇଁ ରାସ୍ତାଘାଟ, କୋଠାବାଡ଼ି ଏବଂ ସେତୁ ଆଦି ନିର୍ମାଣ ପ୍ରକଳ୍ପ ସମୟ ଅବଧି ମଧ୍ୟରେ ଶେଷ କରିବାକୁ ପଡ଼ିବ । ଏଥି ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅନୁମୋଦନ ଏବଂ ୟୁଟିଲିଟି ସିଫ୍ଟିଂ ଆଦି ସମସ୍ୟାର ସମାଧାନ ଦିଗରେ ସମ୍ପୃକ୍ତ ମୁଖ୍ୟଯନ୍ତ୍ରୀ ଏବଂ ଅଧିକ୍ଷଣ ଯନ୍ତ୍ରୀମାନେ ସ୍ୱତସ୍ଫୁର୍ତ ଭାବେ କାର୍ଯ୍ୟ କରିବା ଉପରେ ଆଇନ, ପୂର୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁତ୍ୱ ଦେଇଛନ୍ତି । ଆଜି ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଂଟରଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ବିଗତ ଦୁଇବର୍ଷ ମଧ୍ୟରେ ବିଭାଗୀୟ ଅଧିକାରୀ ଏବଂ ଇଂଜିନିୟରମାନଙ୍କ ପ୍ରୟାସ ଯୋଗୁଁ ଅନେକ ବୃହତ ପ୍ରକଳ୍ପର ପରିସମାପ୍ତି ଘଟିଥିବାବେଳେ ବହୁ ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଂଚିଛି । ତେବେ ଏହି ପ୍ରକ୍ରିୟାକୁ ଅଧିକ ତ୍ୱରିତ ଗତିରେ ଆଗକୁ ନେବାକୁ ପଡ଼ିବ । ଏଥି ସହିତ ଦୀର୍ଘ ଦିନ ଧରି ପଡିରହିଥିବା ପ୍ରକଳ୍ପକୁ ଆଗେଇ



ନେବା ସହ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପ୍ରକଳ୍ପ ଅର୍ଥ ଖର୍ଚ୍ଚ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ ଓ ସେଥିପାଇଁ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମୁଖ୍ୟଯନ୍ତ୍ରୀଙ୍କ ସମେତ ଅଧିକ୍ଷଣ ଯନ୍ତ୍ରୀମାନେ ନିୟମିତ ଅଂଚଳ ପରିଦର୍ଶନ ସହ ପ୍ରତି ମାସରେ କାର୍ଯ୍ୟର ଅଗ୍ରଗତି ଏବଂ ସମସ୍ୟା ସମାଧାନ ନେଇ ବୈଠକ କରିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଥିଲେ । ବୈଠକରେ ଡିଭିଜନ ୱାରୀ ବିଭିନ୍ନ ପ୍ରକଳ୍ପ ପାଇଁ ହୋଇଥିବା ଖର୍ଚ୍ଚ, ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି, ବିଭିନ୍ନ ସମସ୍ୟାର ସମାଧାନ ଓ ଆଧୁନିକ ଜ୍ଞାନକୌଶଳର ଉପଯୋଗ ସାଙ୍ଗକୁ ଓସ୍ୱାସ୍ ଓ ୱାମିସ୍ ଭଳି ସଫଟୱେୟାର ବ୍ୟବହାର ଉପରେ ବିଭଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହ ଆଲୋଚନା କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ. ଲକ୍ଷ୍ମୀକାନ୍ତ ପାଢ଼ୀ, ଅର୍ଥ ପରାମର୍ଶଦାତା ଶ୍ରୀ ରତିକାନ୍ତ ମହାପାତ୍ର, ଇଆଇସି (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ଇଆଇସି (ରୋଡସ୍) ଇଂ ଧ୍ୟାନଚାନ୍ଦ ନାୟକ, ମୁଖ୍ୟଯନ୍ତ୍ରୀ ଇଂ ପ୍ରିୟବ୍ରତ ସାମନ୍ତରାୟ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ମନୋଜ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶାରେ ମତ୍ସ୍ୟଚାଷ ଓ ଜଳଜୀବ ପାଳନ ବିକାଶ ଯୋଜନାର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂହ

ନୂଆଦିଲ୍ଲୀ : ଭାରତ ସରକାରଙ୍କ ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ପକ୍ଷରୁ ୮ ଜୁଲାଇ ୨୦୨୬ରେ ଓଡ଼ିଶାର ଭୁବନେଶ୍ୱରଠାରେ 'ଓଡ଼ିଶାରେ ମତ୍ସ୍ୟ ଏବଂ ଜଳଜୀବ ପାଳନ କ୍ଷେତ୍ରର ବିକାଶ ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ରୂପାୟନ' ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ଏବଂ ପଂଚାୟତିରାଜ ମନ୍ତ୍ରୀ ଶ୍ରୀ ରାଜୀବ ରଞ୍ଜନ ସିଂହ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମତ୍ସ୍ୟପାଳନ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ଏବଂ ପଂଚାୟତିରାଜ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂହ ବଘେଲ ଏବଂ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ



ଥିଲେ । ଏହା ସହିତ ଭାରତ ସରକାରଙ୍କ ମତ୍ସ୍ୟଚାଷ ବିଭାଗ, ଓଡ଼ିଶା ରାଜ୍ୟ ମତ୍ସ୍ୟଚାଷ ବିଭାଗ, ଜାତୀୟ ମତ୍ସ୍ୟଚାଷ ବିକାଶ ବୋର୍ଡ, ଆଇସିଏଆର ପ୍ରତିଷ୍ଠାନ ସମୂହ, ଏନସିଡିସିର ଅଧିକାରୀବୃନ୍ଦ ଏବଂ ପାରାଦୀପ ପୋର୍ଟ ଟ୍ରଷ୍ଟର ପ୍ରତିନିଧିମାନେ ମଧ୍ୟ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ । ଏହି ବୈଠକ ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂହ ଓଡ଼ିଶାର ପ୍ରଶଂସା କରି କହିଛନ୍ତି ଯେ, ବିବିଧ ପ୍ରକାରର ମଧୁର ଜଳ, ଲୁଣା ଜଳ ଏବଂ ସାମୁଦ୍ରିକ ମତ୍ସ୍ୟ ସମ୍ପଦକୁ ନେଇ ଓଡ଼ିଶା ଏକ ପ୍ରମୁଖ ମତ୍ସ୍ୟପାଳନ କେନ୍ଦ୍ର ଭାବେ ଉଭା ହୋଇଛି । ରାଜ୍ୟରେ ୨୦୨୫-୨୬ ବର୍ଷରେ ୧୨.୭୦ ଲକ୍ଷ ମେଟ୍ରିକ ଟନ ମାଛ ଉତ୍ପାଦନ ହୋଇଛି । ଏହି କ୍ଷେତ୍ର ପ୍ରାୟ ୧୬ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀଙ୍କୁ ଜୀବିକା ଯୋଗାଇ ଦେଉଛି ଏବଂ ଏହାଦ୍ୱାରା ୫,୪୨୯ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ରପ୍ତାନି ସମ୍ଭବ ହୋଇପାରିଛି । ସେ କହିଥିଲେ ଯେ 'ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା' ଅଧୀନରେ ଓଡ଼ିଶାକୁ ବ୍ୟାପକ ସହାୟତା ମିଳିଛି । ଏଥିରେ ୧,୩୦୧ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି, ଯାହା ମାଛ ଉତ୍ପାଦନ ବୃଦ୍ଧି, ଭିତିଭୂମି ବିକାଶ, ଆଧୁନିକ ଜ୍ଞାନକୌଶଳର ବ୍ୟବହାର, ମତ୍ସ୍ୟଜୀବୀଙ୍କ କଲ୍ୟାଣ ଏବଂ ଅମଳ ପରବର୍ତୀ ସୁବିଧା ସୁଯୋଗ କ୍ଷେତ୍ରକୁ ସାମିଲ କରୁଛି । କେନ୍ଦ୍ରମନ୍ତ୍ରୀ ଓଡ଼ିଶା ସରକାରଙ୍କୁ ମତ୍ସ୍ୟପାଳନର ମୂଲ୍ୟଶୃଙ୍ଖଳକୁ ଅଧିକ ମଜବୁତ କରିବାକୁ ଏବଂ ମତ୍ସ୍ୟଜୀବୀ, ମାଛ ଚାଷୀ, ରପ୍ତାନିକାରୀ, ସମବାୟ ସମିତି, ମତ୍ସ୍ୟ ଚାଷୀ ଉତ୍ପାଦକ ସଂଗଠନ ଓ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ରପ୍ତାନିର ଅପୂର୍ଣ୍ଣ ସମ୍ଭାବନାର ସୁଯୋଗ ନେବାକୁ ଅନୁରୋଧ କରିଛନ୍ତି ।





# ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ



ବାଲେଶ୍ୱର(ନିପ୍ର): ବନ ମହୋତ୍ସବ ସପ୍ତାହ ପାଳନ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଛୁଆ ଗ୍ରାମରେ ଏକ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ଭାରତ ସରକାରଙ୍କ 'ଉନ୍ନତ ଭାରତ ଅଭିଯାନ' ଅଧୀନରେ ମଛୁଆ ଗ୍ରାମକୁ ବିଶ୍ୱବିଦ୍ୟାଳୟର ତୃତୀୟ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରାଯାଇଛି । ଏହାପୂର୍ବରୁ ବିଶ୍ୱବିଦ୍ୟାଳୟ ନୂଆପାଢ଼ୀ ଓ ମର୍ଦ୍ଦରାଜପୁର ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିଅଛି । ମଛୁଆ ଗ୍ରାମକୁ ସାମିଲ କରିବା ଫଳରେ ସ୍ଥାୟୀ ଗ୍ରାମୀଣ ବିକାଶ ଓ ସମାଜ ସହ ବିଶ୍ୱବିଦ୍ୟାଳୟର ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ଉତ୍କର୍ଷ ସହ ସାମାଜିକ ଦାୟିତ୍ୱବୋଧକୁ ସମାନ ଗୁରୁତ୍ୱ ଦେବାର ଦୃଷ୍ଟିଭଙ୍ଗୀକୁ ବ୍ୟକ୍ତ କରିଥିଲେ । ସେ କହିଥିଲେ ଯେ, ନିକଟ ଭବିଷ୍ୟତରେ 'ଉନ୍ନତ ଭାରତ ଅଭିଯାନ' ଅଧୀନରେ ଆଉ ଦୁଇଟି ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରି ସେଠାରେ ବିକାଶମୂଳକ କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରାଯିବ ଏବଂ ବିଶ୍ୱବିଦ୍ୟାଳୟ-ସମାଜ ସହଭାଗିତାକୁ ଆହୁରି ସୁଦୃଢ଼ କରାଯିବ । ମଛୁଆ ଗ୍ରାମର ସରପଂ ଓ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ, ସ୍ୱେଚ୍ଛାସେବୀ ଏବଂ ଗ୍ରାମବାସୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଗ୍ରାମର ବିଭିନ୍ନ ସ୍ଥାନରେ ଜାମୁ, ବେଲ, ନିମ୍ବ, କରଞ୍ଜ ଓ ପଣସ ପ୍ରଭୃତି ପରିବେଶ ଉପଯୋଗୀ ଏବଂ ଦେଶଜ ପ୍ରଜାତିର ସର୍ବମୋଟ ୧୨୦ଟି ଚାରାରୋପଣ କରାଯାଇଥିଲା । ପ୍ରତ୍ୟେକ ଚାରାର ସୁରକ୍ଷା ଓ ସୁସ୍ଥ ବିକାଶ ନିମନ୍ତେ ଧାତବ ସୁରକ୍ଷା ବେଷ୍ଟନୀ ସ୍ଥାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା, ଜାତୀୟ ସେବା ଯୋଜନାର ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ପ୍ରତିମା ପ୍ରଧାନ ଓ ସ୍ୱେଚ୍ଛାସେବୀମାନଙ୍କ ସମନ୍ୱୟରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା । ପରିବେଶ ସଂରକ୍ଷଣ, ଗ୍ରାମୀଣ ସଶକ୍ତୀକରଣ ଏବଂ ସ୍ଥାୟୀ ବିକାଶ ପ୍ରତି ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରୟାସର, ଏହି କାର୍ଯ୍ୟକ୍ରମ ଏକ ଉଜ୍ଜ୍ୱଳ ନିଦର୍ଶନ । ଏଥିସହିତ ସାମାଜିକ ସହଭାଗିତା ମାଧ୍ୟମରେ ସବୁଜ, ସମୃଦ୍ଧ ଓ ସମାବେଶୀ ଭବିଷ୍ୟତ ଗଠନ କରିବା ଦିଗରେ ବିଶ୍ୱବିଦ୍ୟାଳୟ ନିରନ୍ତର କାର୍ଯ୍ୟ କରିଆସୁଛି ।

# ଚିଙ୍ଗୁଡ଼ି ଝିଲରେ କାମ କରୁଥିବା ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ

ବାଲିଆପାଳ(ନିପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ କଠାଶଗଡ଼ା ଗ୍ରାମର ଶ୍ରୀନିବାସ ପାତ୍ରଙ୍କ ପାକମୁଢ଼ି ଗ୍ରାମରେ ଥିବା ବେଆଇନ ଚିଙ୍ଗୁଡ଼ି ଝିଲରେ ବୁଧବାର ପୂର୍ବାହ୍ନ ଦଶ ଘଟିକା ସମୟରେ ଏକ ଯୁବକଙ୍କ ସନ୍ଦେହ ଜନକ ଭାବରେ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ହେଲେ ମୟୂରଭଞ୍ଜ ଜିଲ୍ଲାର, ବିଶୋଇ ବ୍ଲକର କାଶୀପେଣ୍ଡ ଗ୍ରାମର ଗଙ୍ଗାଧର ନାୟକ (୪୧) । ଚିଙ୍ଗୁଡ଼ି ଝିଲର ମାଲିକ ଶ୍ରୀ ପାତ୍ର ଘଟଣା ବାବଦରେ ପୋଲିସକୁ ନ ଜଣାଇ ମୃତ ଦେହକୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୋଷ୍ଟମର୍ଟମ କରାଇବାକୁ ନେଇଯିବେ କହି ମୃତ ଦେହକୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇ ଯାଇ ପୁଣି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଫେରି ଆଣି ଥିଲେ । ଏପଟେ ଜାମକୁଣ୍ଡା ଫାଣ୍ଡି ଅଧିକାରୀ କେଶବ ଚନ୍ଦ୍ର ବେଶ୍ରା ଖବର ପାଇ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ମୃତ ଦେହକୁ ଏଣେ ତେଣେ ଖୋଜାଖୋଜି କରି ନ ପାଇ ପୋଲିସ କଂଟ୍ରୋଲ ରୋମକୁ ଏ ବାବଦରେ ଜଣାଇଥିଲେ । ପୋଲିସ କଂଟ୍ରୋଲ ରୋମକୁ ଜଣାଇବା ପରେ ଝିଲ ମାଲିକ ଶ୍ରୀ ପାତ୍ର ଅପରାହ୍ନ ପାଂଚଟା ସମୟରେ ବସ୍ତାରୁ ସ୍ୱାସ୍ଥ୍ୟ କେନ୍ଦ୍ରରୁ ମୃତ ଦେହକୁ ପୁଣି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ପରେ ଫାଣ୍ଡି ଅଧିକାରୀ ଶ୍ରୀ ବେଶ୍ରା ସ୍ୱାସ୍ଥ୍ୟ କେନ୍ଦ୍ରରୁ ମୃତ ଦେହ ଜବତ କରିଛନ୍ତି । ଶବ ବ୍ୟବଚ୍ଛେଦନ କରାଯିବ ବୋଲି ଶ୍ରୀ ବେଶ୍ରା କହିଛନ୍ତି । ପ୍ରକାଶ ଥାଉକି ଉକ୍ତ ଯୁବକ ଜଣକ ଆଜି ହିଁ ଶ୍ରୀନିବାସର ଚିଙ୍ଗୁଡ଼ି ଝିଲରେ କାମରେ ଯୋଗ ଦେଇଥିଲା । ମାତ୍ର କିଛି ଘଂଟା ପରେ ତାର ମୃତ୍ୟୁହେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ତେବେ ତଦନ୍ତ ପରେ ମୃତ୍ୟୁର ସତ୍ୟା ସତ୍ୟ ଜଣା ପଡ଼ିବ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ସ୍ୱଚ୍ଛ ବେଳାଭୂମି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ: ଓୟୁଜେ



ବାଲେଶ୍ୱର(ନିପ୍ର): ଦେଶ ବିଦେଶ ର ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବାକୁ ହେଲେ ବେଳାଭୂମି ଗୁଡ଼ିକର ସ୍ୱଚ୍ଛତା ରକ୍ଷା ନିହାତି ଜରୁରୀ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତ ବ୍ୟକ୍ତ କରିଛନ୍ତି । ଆଜି ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ବାଲିଆପାଳ ବ୍ଲକର ଯମୁନାଶୂଳ ବେଳାଭୂମିରେ ସ୍ୱଚ୍ଛତା ଅଭିଯାନ ରେ ସମୂହ ସଫେଇଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବେଳାଭୂମିକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ବିଶେଷ କରି ସ୍ଥାନୀୟ ଲୋକମାନଙ୍କର ଗୁରୁଦାୟିତ୍ୱ ରହିଛି । ପରିବେଶ ସ୍ୱଚ୍ଛ ରହିଲେ ବେଳାଭୂମିକୁ ବୁଲିବାକୁ ଆସୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ବକ୍ତା ମାନେ ମତ ବ୍ୟକ୍ତ କରିଥିଲେ । ବାଲେଶ୍ୱର ଜିଲ୍ଲାର ତାଳସାରି, ଉଦୟପୁର, ଡଗରା, ଯମୁନା ଶୂଳ, ବଳରାମଗଡି, ଇଂଚୁଡ଼ି, ଚାନ୍ଦିପୁର, ଦୁବଲା ଗଡି ଆଦି ସ୍ଥାନକୁ ଗୁରୁତ୍ୱ ଦେଇ ପର୍ଯ୍ୟଟକ ମାନେ ଆସୁଥିବାରୁ ଏହି ସ୍ଥାନ ଗୁଡ଼ିକର ପରିବେଶ ଠିକ୍ ରହିବା ଆବଶ୍ୟକ ବୋଲି ବରିଷ୍ଠ ସାମ୍ବାଦିକ ମାନେ ମତବ୍ୟକ୍ତ କରିଥିଲେ । ୟୁନିଅନର ବରିଷ୍ଠ ସଦସ୍ୟ ଅନାମ ଚରଣ ପଣ୍ଡା, ଶିଶିର କୁମାର ଦାସ, ରାମନାରାୟଣ ଶତପଥି ଓ ବିବେକାନନ୍ଦ ଦାସ ଙ୍କ ପରାମର୍ଶ କ୍ରମେ ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ନେତୃତ୍ୱରେ କରଯାଇଥିବା ଏହି ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଉତ୍କଳ ବନ୍ଧୁ ପଣ୍ଡା, ସୁରେଶ ଚନ୍ଦ୍ର ଦାସ ଲକ୍ଷ୍ମୀଧର ଗାଣ, ତପୋଧନ ବାରିକ, ସଞ୍ଜୟ ବେହେରା, ସଞ୍ଜୟ କୁମାର ଗିରି, କହ୍ନେଇ ଚରଣ ପ୍ରଧାନ, ରବିରଞ୍ଜନ ତ୍ରୀପାଠୀ, ପ୍ରତିମା ଜେନା, ରାଜଶ୍ରୀ ପାଣିଗ୍ରାହୀ, ଶମ୍ଭୁନାଥ ନାୟକ, କୈଳାସ ଚନ୍ଦ୍ର ଦାସ, ପ୍ରଦୀପ୍ତ କୁମାର ଦାସ, ଶାନ୍ତନୁ ମହାପାତ୍ର, ମନ୍ମଥ ଚକ୍ରବର୍ତ୍ତୀ, ସତ୍ୟ ରଞ୍ଜନ ସାହୁ ଙ୍କ ସମେତ ବହୁ ସ୍ଥାନୀୟ ଲୋକେ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମ କୁ ସଫଳ କରିଥିଲେ ।

# ସାବରମତି ଆଶ୍ରମରେ ବାଲେଶ୍ୱରର ସାଂସଦ ପ୍ରତାପ ଷଡ଼ଙ୍ଗୀ





ବାଲେଶ୍ୱର(ନିପ୍ର): ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବେ ଗୁଜୁରାଟ ଗସ୍ତରେ, ଆଜି ଗୁଜୁରାଟ ର ରାଜଧାନୀ ଆହମଦାବାଦରେ ଆୟୋଜିତ ସଂସଦୀୟ ଲୋକ ଉଦ୍ୟୋଗ ସମିତିର ବୈଠକରେ ଏନ୍ ଏଚ ଏ ଆଇ , ପିଏଫସି ,ଏବଂ ବିପିଶିଏଲ୍ ର ଅଧିକାରୀମାନଙ୍କ ସହ ଫଳପ୍ରଦ ଆଲୋଚନା କରିଛନ୍ତି ଶ୍ରୀଯୁକ୍ତ ଷଡ଼ଙ୍ଗୀ ଏହି ବୈଠକରେ ଉକ୍ତ ସାର୍ବଜନିକ କ୍ଷେତ୍ରର ଉଦ୍ୟୋଗଗୁଡ଼ିକର କାର୍ଯ୍ୟଦକ୍ଷତା, ସମ୍ମୁଖୀନ ଚ୍ୟାଲେଞ୍ଜ ଏବଂ ଭବିଷ୍ୟତ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଦେଶର ଭିତିଭୂମି ବିକାଶକୁ ସୁଦୃଢ଼ କରିବା, କାର୍ଯ୍ୟକ୍ଷମତା ବୃଦ୍ଧି କରିବା ଏବଂ ଜାତୀୟ ସ୍ୱାର୍ଥରେ ସ୍ଥାୟୀ ଓ ସନ୍ତୁଳିତ ବିକାଶକୁ ପ୍ରୋତ୍ସାହନ ଦେବା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିବା କହିଥିଲେ ସାଂସଦ । ତତ୍ ସହ ସାବରମତୀ ଆଶ୍ରମ ବୁଲି ଦେଖିଥିଲେ ଶ୍ରୀଯୁକ୍ତ ଷଡ଼ଙ୍ଗୀ ।

# ବାଳକ କବାଡି ଦଳ ଚାମ୍ପିଅନ୍ ହେବା ପରେ ଜିଲ୍ଲାପାଳଙ୍କ ଦ୍ୱାରା ପୁରସ୍କୃତ



ବାଲେଶ୍ୱର(ନିପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ, ବାଲେଶ୍ୱର, ଜିଲ୍ଲା କ୍ରୀଡ଼ା ଅଧିକାରୀ, ବାଲେଶ୍ୱର, କାର୍ଯ୍ୟକାରୀ ସଭାପତି ଏବଂ ସହକାରୀ ସାଧାରଣ ସମ୍ପାଦକ, ବାଲେଶ୍ୱର କ୍ରୀଡ଼ା ସଂଘ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଚାମ୍ପିଅନ୍ ଦଳକୁ ନଗଦ ଅର୍ଥରାଶି ପ୍ରଦାନ କରାଯାଇଛି ।



ମହମଦାବାଦର ରାଧାକୃଷ୍ଣ ମନ୍ଦିରକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିବ କେବେ ? ୧୦୦୮ ଶିବଲିଙ୍ଗ ସମେତ ଶ୍ରୀକୃଷ୍ଣଙ୍କ ଲିଳା ଓ ଚିତାକର୍ଷକ ମନ୍ଦିର ଏବଂ ୩୦ଫୁଟ ଉଚ୍ଚତା ବିଶିଷ୍ଟ ଶିବଲିଙ୍ଗ ଏ ଅଂଚଳରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ ସ୍ଥଳୀର ଶ୍ରଦ୍ଧାଳୁଙ୍କ ଆକର୍ଷିତ କରୁଛି ।(ଫଟୋ-ଦେବବ୍ରତ)

# ଉରୁବେଲି ଉନ୍ନତ ଉଚ୍ଚ ବିଦ୍ୟାଳୟକୁ ବସ୍ ସେବା ଦାବି ଜୋରଦାର

ମାଲକାନଗିରି(ନିପ୍ର): ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ଅନ୍ତର୍ଗତ ଉରୁବେଲି ସରକାରୀ ଉନ୍ନତ ଉଚ୍ଚ ବିଦ୍ୟାଳୟକୁ ଯାତାୟାତ ସୁବିଧାର ଅଭାବ ଯୋଗୁଁ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟାଳୟଟି ୩୨୬ ନମ୍ବର ଜାତୀୟ ରାଜପଥର ପୁଷ୍ପୁଗୁଡ଼ା ଛକଠାରୁ ପ୍ରାୟ ୪ରୁ ୫ କିଲୋମିଟର ଦୂରରେ ଥିବାରୁ ପ୍ରତିଦିନ ଛାତ୍ରଛାତ୍ରୀଙ୍କୁ ପାଦେ ଚାଲି ବିଦ୍ୟାଳୟକୁ ଯିବାକୁ ପଡୁଛି । ବିଦ୍ୟାଳୟରେ ପ୍ରାୟ ୨୮୦ରୁ ଅଧିକ ଛାତ୍ରଛାତ୍ରୀ ପଢୁଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୧୫୦ ଜଣ ନିକଟସ୍ଥ ଗ୍ରାମରୁ ପାଦେ ଆସୁଛନ୍ତି । ଅନ୍ୟ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ବସ୍ କିମ୍ବା ଅଟୋରେ ପୁଷ୍ପୁଗୁଡ଼ା ଛକ ପର୍ଯ୍ୟନ୍ତ ଆସି, ସେଠାରୁ ପୁଣି ୪ କିଲୋମିଟରରୁ ଅଧିକ ରାସ୍ତା ପାଦେ ଚାଲି ବିଦ୍ୟାଳୟରେ ପହଂଚୁଛନ୍ତି ।

**NOTICE (FOR MINOR)**

By virtue of an affidavit sworn before Executive Magistrate, Balasore, dated : 08.07.2026 I, Rabindra Mohanty, At.-Medinipur, P.O.-Olipur, P.S.-Sadar, Dist.-Balasore-756027 declare that I have changed the name of my daughter from Sruti Rekha Mahanty (old name) to Smrutirekha Mohanty (new name). Henceforth, he/she shall be known as Smrutirekha Mohanty (new name) for all purposes.

Sd/-
**Rabindra Mohanty**

# ପୁରାତନ ବିଦ୍ୟାର୍ଥୀ ପରିଷଦ ତରଫରୁ ବନ ମହୋତ୍ସବ ପାଳିତ

ବାଲେଶ୍ୱର(ନିପ୍ର): ସଦର ବ୍ଲକ ଗେଙ୍ଗୁଟି ଗ୍ରାମପଂଚାୟତର ଆଂଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ, ସାଉଁ ପରିସରରେ ମହାସମାରୋହରେ ପ୍ରତିଷ୍ଠା ଦିବସ ଓ ବନମୋହତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ସଂଗଠନର ସଭାପତି ଜଳଧର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରାକ୍ତନ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ. କାଳିପଦ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବିଦ୍ୟାର୍ଥୀ ପରିଷଦର ଏତାଦୃଶ କାର୍ଯ୍ୟକୁ ସାଧୁବାଦ ଜଣାଇବା ସହ ଏଭଳି ସଂଗଠନ ପ୍ରତି ବିଦ୍ୟାଳୟରେ ଆବଶ୍ୟକ ତା ଅଛି ବୋଲି ବକ୍ତବ୍ୟ ରଖିଥିଲେ । ସଂଗଠନର ସମ୍ପାଦକ କବି ସୁଧାକର ସେଠୀ ମଂଚ ପରିଚାଳନା କରିଥିଲେ ସହ ସମ୍ପାଦକ ନବକୁମାର ନାୟକ ମଂଚାଆହ୍ୱାନ କରିଥିବା ବେଳେ ସାବିତ୍ରୀରାଣୀ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ, ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ପ୍ରାକ୍ତନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାହୁ, ପ୍ରତିଷ୍ଠାତା ସଦସ୍ୟ ପରିବାରରୁ ତଥା ବିଦ୍ୟାଳୟର ପ୍ରଥମ ଦିନର ଛାତ୍ରୀ ବନଲତା ଦାସ, ବିଦ୍ୟାଳୟ ପାଇଁ ଜମି ଦାତା ପରିବାରରୁ ବିଜୟ କୁମାର ପରିଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦ୍ରୋଣାଚାର୍ଯ୍ୟ ପଟ୍ଟାୟତ, ସଂଗଠନର ଉପଦେଷ୍ଟା ପିତାମ୍ବର ମହାପାତ୍ର ପ୍ରମୁଖ ମଂଚାସିନ ଥିଲେ । କାର୍ଯ୍ୟକ୍ରମର ସଂଯୋଜକ ଇଂ ମନ୍ମଥ କୁମାର ବାରିକ, ଆଗଧାଡିର ପରିଷଦର ସଦସ୍ୟ ଯୁବ ଆଇନଜୀବି ପ୍ରଶାନ୍ତ କୁମାର ସାମଲ, ଯତୀନ କୁମାର ମହାନ୍ତି, ପ୍ରମୁଖ ପରିଷଦକୁ ନେଇ ଦେଖିଥିବା ସ୍ୱପ୍ନ ବଖାଣି ଥିଲେ । ଚଳିତ ମ୍ୟାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟରେ ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାରୀ ତିନି ଛାତ୍ରୀଙ୍କୁ ଅଭିପ୍ସା ସାମଲ, ରାଜଲକ୍ଷ୍ମୀ ସାମଲ, କୁମାରୀ ରିତୁପର୍ଣ୍ଣା ପ୍ରଧାନଙ୍କୁ ବିଦ୍ୟାର୍ଥୀ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା । ଚିତ୍ରାଙ୍କନରେ ପ୍ରଥମ ମୋନାଲୀ ସେନାପତି, ଶତାବ୍ଦୀ ମହାପାତ୍ର, ସ୍ୱସ୍ତିଶ୍ରୀ ନାୟକ ସାଧାରଣ ଜ୍ଞାନ ପ୍ରଥମ ବର୍ଷା ପ୍ରିୟଦର୍ଶିନୀ ନାୟକ, ଦ୍ୱିତୀୟ ସଞ୍ଜୟ ସିଂ ତୃତୀୟ ଲିପ୍ସାରାଣୀ ଜେନା ବକ୍ତୃତା ପ୍ରତିଯୋଗିତା ପ୍ରଥମ ସୁଭଲିପ୍ସା ନାୟକ ଦ୍ୱିତୀୟ ପ୍ରତ୍ୟାଶା ଆଚାର୍ଯ୍ୟ ତୃତୀୟ ଶୁଭ୍ରାଂଶୁ ପୁହାଣ ଛାତ୍ରୀମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ପରିବେଶ ପ୍ରତି ଅବଦାନକୁ ଆଖିଆଗରେ ରଖି ଅବନୀ କୁମାର ରାଉତକୁ ଚଳିତ ବର୍ଷ ବୃକ୍ଷ ବନ୍ଧୁ ସମ୍ମାନ -୨୦୨୬ ପ୍ରଦାନ କରାଯାଇଥିବା ବେଳେ ସମସ୍ତ ଛାତ୍ରଛାତ୍ରୀଙ୍କୁ ତିନିଶହରୁ ଅଧିକ ଚାରଗଛ ବଂଟନ କରାଯାଇଥିଲା । ଏଥିସହିତ ସମସ୍ତ ଚାରଗଛକୁ ବଂଚାଇ ରଖିବାକୁ ଛାତ୍ରଛାତ୍ରୀ ମନେ ଶପଥ ପାଠ କରିଥିଲେ । ବିଦ୍ୟାଳୟ ପରିସରରେ ଅତିଥି ମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା । ଦିବସ ବ୍ୟାପି କାର୍ଯ୍ୟକ୍ରମର ପରିଷଦ ଓ ଆମେ ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ଜୟଶ୍ରୀ ରାଉତ, ଶୁଭ୍ରାଂଶୁ ରାଉତ, ଋତୁପର୍ଣ୍ଣା ପାଣିଗ୍ରାହୀ, ଗୌରୀଶଙ୍କର ରାଉତ, ରାହୁଲ କୁମାର ବାରିକ, କୁଞ୍ଜ ବିହାରୀ ସେଠୀ, ହିମାଂଶୁ ଶେଖର ପରିଡା, ଆତ୍ମନ ପତି, ପବିତ୍ରା ଦାସ, ନିହାର ରଞ୍ଜନ ବେହେରା, ଦିବ୍ୟସା ଆଚାର୍ଯ୍ୟ, ପ୍ରିୟବ୍ରତ ଆଚାର୍ଯ୍ୟ ଭଗନେଇଥିଲେ । ଇଂ ସବ୍ୟସାଚୀ ପ୍ରଧାନ, ବିଶ୍ୱରଂଜନ ସାମଲ, ପାର୍ଥ ସାରଥୀ ପ୍ରଧାନ ପ୍ରମୁଖ ସମସ୍ତକର୍ଯ୍ୟ ପରିଚାଳନା କରିଥିଲେ ।





# ନାରାୟଣ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ



ନୟାଗଡ(ନିପ୍ର): ନାରାୟଣ ଉଚ୍ଚ ବିଦ୍ୟାଳୟ ଶରଣ କୁଳ ପରିସରରେ ଶରଣକୁଳ ବନାଂଚଳ ପକ୍ଷରୁ ୭୭ତମ ବନ ମହୋତ୍ସବ ବୁଧ ବାର ପାଳିତ ହୋଇ ଯାଇଛି । ଏହି ବନ ମହୋତ୍ସବରେ ଫଂଚିରିଡ଼ା ଶରଣକୁଳ ସହକାରୀ ବନ ସଂରକ୍ଷକ ଚୂଡ଼ା ରାଣୀ ମୁର୍ମୁ, ଫଂଚିରିଡ଼ା ବନପାଳ ଶ୍ରବଣ କୁମାର ବଳିଆରସିଂ, ବନରକ୍ଷୀ ଅଶୋକ କୁମାର ଗୁରୁ, ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞାପାରମିତା ସାହୁ, ସହକାରୀ ଶିକ୍ଷକ ପ୍ରକୃତି ବନ୍ଧୁ ପ୍ରଶାନ୍ତ କୁମାର ଦାଶ, ଦୀପକ କୁମାର ନାୟକ, ଚନ୍ଦନ ମଲିକ, ଗୋଦାବରୀ ବସନ୍ତିଆ,ଆଲୋକ କୁମାର ମଲିକ, ଜନାର୍ଦ୍ଦନ ପରିଡା, ସଚ୍ଚିଦାନନ୍ଦ ପାତ୍ର କ୍ରୀଡା ଶିକ୍ଷକ ଦାମୋଦର ସାହୁ, ସୁଶାନ୍ତ କୁମାର ସାହୁ,ରଞ୍ଜନ କୁମାର ପୃଷ୍ଟି, ଗୌରାଙ୍ଗ ସାହୁ, ରୋଜାଲିନ ମିଶ୍ର, ଶୁଭସ୍ମିତା ସାହୁ, ପ୍ରତିଭା ମଞ୍ଜରୀ ସ୍ୱାଇଁ, ସୃଷ୍ଟି ସୃଜୟିନୀ ମହାପାତ୍ରଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଯୋଗଦାନ କରି ବିଦ୍ୟାଳୟ ହତା ମଧ୍ୟରେ ଅଁଳା, ଗଙ୍ଗଶିଉଳି, ପେସ୍ତା, ଡାଳିମ୍ବ, ଦେବଦାରୁ, ଶାଗୁଆନ, କରଞ୍ଜ ଆଦି ବୃକ୍ଷ ରୋପଣ କରିଥିଲେ । ଏହି ଅବସରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବନ ସଂରକ୍ଷକ ଚୁଡ଼ରାଣୀ ମୁର୍ମୁ ଓ ବନପାଳ ଶ୍ରୀ ବଳିୟାରସିଂ ସାମ୍ପ୍ରତି ପରିସ୍ଥିତିରେ ବୃକ୍ଷର ଆବଶ୍ୟକତା ଓ ଉପକାରିତା ଉପରେ ଛାତ୍ରଛାତ୍ରୀଙ୍କୁ ବୁଝାଇ ଥିଲେ ।

# ୭ବାଲି ମାଫିଆଙ୍କ ନାଁରେ ଖଣି ବିଭାଗର ଥାନାରେ ଏତଲା: ଅନ୍ୟ ମାନଙ୍କ ଉପରେ କେବେ ?

ଜଳେଶ୍ୱର(ନିପ୍ର)କ୍ଷମତାସୀନ ସରକାର ଅମଳରେ ଲଘୁ ଖଣିଜ ଦ୍ରବ୍ୟର ବ୍ୟାପକ ଚୋରା ଚାଲାଣ ହେଉଛି । ଏହାର ଅନେକ କାରଣ ଥିବା ବେଳେ, ରାଜସ୍ୱ ବିଭାଗ ଠାରୁ ଖଣି ବିଭାଗ କୁ ଦାୟିତ୍ୱ ଗଲା ପରେ ଖଣିଜ ଦ୍ରବ୍ୟ ସୁରକ୍ଷା ନିୟନ୍ତ୍ରଣ ବାହାରକୁ ଚାଲି ଯାଇଛି ।ବର୍ଷା ଯାକ ବାଲି, ମାଟି, ମୋରମ ଲୁଟ୍ ପରେ ବର୍ଷା ଦିନିଆ ଖଣି ବିଭାଗ ବାଲି ମାଫିଆଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେଇଛନ୍ତି ।୪ଦିନ ତଳେ ଖଣି ବିଭାଗ ପକ୍ଷରୁ ୭ଜଣ ବାଲି ମାଫିଆଙ୍କ ନାମରେ ଜଳେଶ୍ୱର ଥାନାରେ ମାମଲା ରୁଜୁ କରାଯାଇଛି । ଫଳରେ ସୁବର୍ଣ୍ଣରେଖା ନଦିରୁ ଚୋରା ବାଲି ଚାଲାଣ କରୁଥିବା ବହୁ ମାଫିଆଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି ।ଘଟଣାରୁ ପ୍ରକାଶ, ସୁବର୍ଣ୍ଣରେଖା ନଦୀର ଜଳେଶ୍ୱର ତହସିଲ ଅଧିନ ବିଭିନ୍ନ ସ୍ଥାନରୁ ନଦୀବନ୍ଧ କାଟି ମେସିନ୍ ?ଦ୍ୱାରା ପ୍ରତିଦିନ ହଜାର ହଜାର ଡମ୍ପର ଦ୍ୱାରା ଖୋଲା ଖୋଲି ପର୍ଶ୍ଚିମବଂଗକୁ ଚାଲାଣ କରି ଆସୁଛନ୍ତି । ସରକାରଙ୍କ ହଜାର ହଜାର କୋଟି ଟଙ୍କାର ରାଜସ୍ୱ କରାଉଥିବା ବେଳେ ମାଫିଆମାନେ ଅଚଳାଚଳ ସମ୍ପତି ର ମାଲିକ ସାଜିଛନ୍ତି । ଏ ସଂପର୍କରେ ବିଭିନ୍ନ ଗଣମାଧମରେ ପ୍ରକାଶ ପାଇଆସୁଥିବା ବେଳେ ସ୍ଥାନୀୟ ପ୍ରଶାସନ ହାତଗଣତି କେତ ଜଣଙ୍କ ଉପରେ ସାମାନ୍ୟ ଫାଇନ୍ ଆଦାୟ କରି ଚୁପ୍ ବସୁଛନ୍ତି । ଏନ୍‌ଫୋର୍ସ ଟିମ୍‌ରେ ପୁଲିସ୍ ଓ ତହସିଲ ଅଫିସରମାନେ ଥିଲେ ମଧ ଚଢାଉ ପୂର୍ବରୁ ମାଫିଆମାନଙ୍କ ନିକଟରେ ସୂଚନା ପହଁଚି ଯାଉଥିବାରୁ ଚଢାଉ ଫଳ ପ୍ରଦ ହେଉନାହିଁ । ସୁବର୍ଣ୍ଣରେଖା ନଦୀରୁ ରାୟାଁରାମଚନ୍ଦ୍ରପୁର, ଚାଲନ୍ତି, ଶିଖରପୁର, ସେଖସରାଇ, ସେକବାର୍ଡ, ଗୁଆଗଡିଆ, ଡିପିପୁର, ବାଲିକବାର୍ଡ, କଂଟାପାଳ, ରାଜନଗର, ଗୋପ, ବିରିଶ ପୁର ଇତ୍ୟାଦି ସ୍ଥାନରୁ ପ୍ରତିଦିନ ଶହ ଶହ ଟ୍ରିପ ବାଲି ପରିବହନ ହୋଇ ଆସୁଛି । ଏକସପ୍ତାହ ହେବ ଜଳେଶ୍ୱର ଅଂଚଳରେ ବର୍ଷା ଲାଗି ରହିଥିବାରୁ ମାଫିଆମାନେ ନଦିରୁ ବାଲି ଉତୋଳନ କରି ବିଭିନ୍ନ ସରକାରୀ ଓ ବେସରକାରୀ ସ୍ଥାନରେ ପାହାଡଭଳି ଗଦା କରି ରଖିଛନ୍ତି । ବର୍ଷା ଦିନ ଆସିଥିଲେ ମଧ ମଉକା ଦେଖି ମାଫିଆମାନେ ପର୍ଶ୍ଚିମବଂଗକୁ ଚାଲାଣ କରି ଆସୁଛନ୍ତି । ଫଳରେ ପ୍ରଶାସନ କା ଭା କାର୍ଯାନୁଷ୍ଠାନ ନେଉଥିବା ବେଳେ ଅଧିକ ମାମଲାରେ ନିଦାବିଷ୍ଟ ସାଜିଛନ୍ତି । ପରିସ୍ଥିତି ଏମିତି ହୋଇଛି ଯେ, ଯଦି କେତେକ ସଚ୍ଚୋଟ ଅଫିସର କାର୍ଯ୍ୟାନୁଷ୍ଠାନ ନେଲେ ସେମାନଙ୍କୁ ବାଟବଣା କରାଯାଉଛି । ବାରମ୍ୱାର ଖବର ପ୍ରସାରଣ ପରେ ଜିଲ୍ଲା ମାଇନିଂ ବିଭାଗ ନିର୍ଦ୍ଦେଶରେ ଜଳେଶ୍ୱର କନିଷ୍ଠ ଖଣି ଅଧିକାରୀ ତାପସ ବେହେରା ଜଳେଶ୍ୱର ଅଂଚଳର ୭ଜଣ ବାଲି ମାଫିଆଙ୍କ ଉପରେ ୩୯୮/୨୬ରେ ମାମଲା ରୁଜୁ କରିଛନ୍ତି । ସୁବାଶ ପ୍ରମାଣିକ, ଅଧିର ଦେ, ଅଜୟ ମହାନ୍ତି, ରାଜେନ୍ଦ୍ର ଦାସ, ନିଶିକାନ୍ତ ଦେ, ବିନୋଦ ମହାନ୍ତି, ଦିନକୃଷ୍ଣ ଓଝା ପ୍ରମୁଖଙ୍କ ଉପରେ ବାଲି ଚୋରୀ ଅଭିଯୋଗରେ ମାମଲା ରୁଜୁ କରାଯିବାପରେ ଜଳେଶ୍ୱରରେ ବାଲି ମାଫିଆଙ୍କ ମନରେ ଛନକା ପଶିଛି । କେତେକ ମାଫିଆ ସଲା ସୁତୁରା ପାଇଁ ଚେଷ୍ଟା କରୁଥିବା ବେଳେ କେତେକ ଘର ଛାଡିଥିବା ଶୁଣିବାକୁ ମିଳୁଛି । ଖରାଦିନ ଛାଡି ବର୍ଷା ଦିନରେ ଖଣି ବିଭାଗର ଏପରି କଡା ଆଭିମୁଖ୍ୟ ପଛର ରହସ୍ୟ ଜଣା ପଡ଼ିନାହିଁ । ବିଳମ୍ୱ ରେ ହେଲେ ମଧ ପ୍ରଶାସନ ଦୃଢ଼ ପଦକ୍ଷେପ ନେଇଥିବାରୁ ଏହି ପ୍ରସଙ୍ଗରେ ସରକାର ଅଛନ୍ତି ବୋଲି ଲୋକେ ଅନୁଭବ କରୁଛନ୍ତି ।

# ଥାନା ନିକଟରୁ ମହିଳାଙ୍କ ମନିପର୍ସ ଝାମ୍ପିନେଲେ ଦୁର୍ବୃତ୍ତ

ଧାମନଗର(ନିପ୍ର): ଧାମନଗର ଥାନା ଅନ୍ତର୍ଗତ ଗୁମୁଗଡ଼ ଗ୍ରାମର ବର୍ଷାରାଣୀ ବେହେରା ବୁଧବାର ସକାଳ ପ୍ରାୟ ୧୦ଟା ସମୟରେ ତାଙ୍କ ୧୩ ବର୍ଷର ପୁଅଙ୍କ ସହ ଧାମନଗର ବଜାରକୁ ଝିଅର ଜନ୍ମଦିନ ପାଇଁ ଡ୍ରେସ ଓ କେକ୍ କିଣିବାକୁ ଆସିଥିଲେ । ଧାମନଗର ଥାନା ଠାରୁ ମାତ୍ର ୩୦ ମିଟର ଦୂରରେ ଥିବା ଏକ ପରିବା ଦୋକାନରୁ କିଣାକିଣି କରି ସେ ୪ ହଜାର ୫ଶହ ଟଙ୍କା ଥିବା ମନିପର୍ସକୁ ପରିବା ବ୍ୟାଗ ଭିତରେ ରଖିଥିଲେ । ବ୍ୟାଗଟି ତାଙ୍କ ପୁଅ ଧରିଥିବା ବେଳେ ଉଭୟ ଚାଲି ଚାଲି ଯାଉଥିବା ସମୟରେ ପଛପଟୁ ଆସିଥିବା ଜଣେ ଯୁବକ ସୁଯୋଗ ନେଇ ବ୍ୟାଗ ଭିତରୁ ମନିପର୍ସ କାଢ଼ି ଦୌଡ଼ି ପଳାଇଯାଇଥିଲା । ପଛରେ ଥିବା କିଛି ଲୋକ ଘଟଣା ଦେଖି ଚିତ୍କାର କରିବା ପରେ ବର୍ଷାରାଣୀ ବ୍ୟାଗ ଯାଂଚ କରିଥିଲେ । ସେତେବେଳକୁ ମନିପର୍ସ ଗାୟବ ହୋଇଯାଇଥିବା ଜଣାପଡ଼ିଥିଲା । ଏନେଇ ବର୍ଷାରାଣୀ ଧାମନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି । ବଜାର ଅଂଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଂଚ କରି ପୁଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା ବେଳେ ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି । ବର୍ଷାରାଣୀ ଜଣେ ଗରିବ ପରିବାରର ହୋଇଥିବା ବେଳେ ଝିଅର ଜନ୍ମଦିନ ଅବସରରେ ସଂଚୟ କରି ରଖିଥିବା ଟଙ୍କାରେ ଡ୍ରେସ ଓ କେକ୍ କିଣିବାକୁ ବଜାରକୁ ଆସିଥିଲେ । ମାତ୍ର କିଛି ମୁହୂର୍ତ ମଧରେ ଦୁର୍ବୃତ ତାଙ୍କ ସମସ୍ତ ଟଙ୍କା ଥିବା ମନିପର୍ସ ଝାମ୍ପିନେଇ ଫେରାର ହୋଇଯାଇଥିଲା । ଏହି ଘଟଣା ପରେ ଧାମନଗର ବଜାର ଅଂଚଳରେ ଚୋରି ଓ ଚିନ୍ତାଇ ଘଟଣା ବୃଦ୍ଧି ପାଉଥିବା ନେଇ ସ୍ଥାନୀୟ ଲୋକଙ୍କ ମଧରେ ଚିନ୍ତା ପ୍ରକାଶ ପାଇଛି । ବାଜାରରେ ବାରମ୍ୱାର ଗାଡି ମୋଟର, ଦୋକାନ ଲୋଟ ଘଟୁଥିବା ବେଳେ ଆଜି ଚିନ୍ତାଇ ଭଳି ଘଟଣା ମହିଳା ମାନଙ୍କ ସୁରକ୍ଷା ନେଇ ଚିନ୍ତା ବଢ଼ାଇଛି । ବଜାର ଅଂଚଳରେ ପୁଲିସ ପାଟ୍ରୋଲିଂ ବଢ଼ାଇବା ସହ ସିସିଟିଭି ନଜରଦାରିକୁ ଅଧିକ କଡ଼ାକଡ଼ି କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ମାଧମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



କଟକ(ନିପ୍ର): ଆସନ୍ତା ୨୦୨୭ ମସିହା ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷାର୍ଥୀ ମାନଙ୍କ ନିମନ୍ତେ ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରସ୍ତୁତ ପାଠ୍ୟ ଖସଡ଼ା ଆଧାରରେ ଓଷ୍ଟାର ମୁଖ୍ୟ କାର୍ଯ୍ୟାଳୟ, ନୟାସଡ଼କ, କଟକ ଠାରେ ଉଭୟ ବସ୍ତୁନିଷ୍ଠ ଓ ଦୀର୍ଘ ଉତରମୂଳକ 'ଓଷ୍ଟା ଟେଷ୍ଟ ପେପର୍ସ' ପ୍ରକାଶିତ ହୋଇଛି । ଏହା ଆଜିଠାରୁ ବଜାରରେ ଉପଲବ୍ଧ ହେବ । ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପ୍ରତିବର୍ଷ ପରି ଚଳିତ ବର୍ଷ ଏକ ଅଭିନବ ଉପାୟରେ ଉକ୍ତ ଟେଷ୍ଟ ପେପର୍ସକୁ ପ୍ରସ୍ତୁତ କରିଛି ବୋଲି ଓଷ୍ଟାର ସାଧାରଣ ସଂପାଦକ ଶ୍ରୀଯୁକ୍ତ ରଞ୍ଜନ କୁମାର ଦାଶ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ପ୍ରକାଶଥାଉକି, ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) କେବଳ ଶିକ୍ଷକ ମାନଙ୍କର ସମସ୍ୟା ସମାଧାନ ସମ୍ପର୍କରେ କାର୍ଯ୍ୟ କରି ନଥାଏ, ରାଜ୍ୟର ଶିକ୍ଷାବ୍ୟବସ୍ଥା ଓ ଛାତ୍ରଛାତ୍ରୀ ମାନଙ୍କର ଉତମ ଭବିଷ୍ୟତ କଥା ସଦାସର୍ବଦା ଚିନ୍ତା କରିଥାଏ । ଏଣୁ ପ୍ରତିବର୍ଷ ପରି ଚଳିତ ବର୍ଷ ଅର୍ଥାତ୍ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଉଭୟ ସଂକ୍ଷିପ୍ତ ଓ ଦୀର୍ଘ ଉତରମୂଳକ ଟେଷ୍ଟ ପେପର୍ସ ଓଷ୍ଟା ଦ୍ୱାରା ପ୍ରସ୍ତୁତ କରାଯାଇଛି । ଟେଷ୍ଟପେପର୍ସ ପ୍ରକାଶନ କ୍ଷେତ୍ରରେ ଓଷ୍ଟା ୬୧ ବର୍ଷ ଅତିକ୍ରାନ୍ତ କରିଅଛି । ଏହିବର୍ଷ ମଧ୍ୟ ଅଭିଜ୍ଞ ଶିକ୍ଷକମାନଙ୍କର ଦୀର୍ଘ ଅଭିଜ୍ଞତାକୁ ବିନିଯୋଗ କରି ଟେଷ୍ଟ ପେପର୍ସ ପ୍ରସ୍ତୁତ କରାଯାଇଛି । ଜୁଲାଇ ୮ ତାରିଖ ବୁଧବାର ଦିନ ଓଷ୍ଟା ଟେଷ୍ଟ ପେପର୍ସ ବିକ୍ରୟ ଆରମ୍ଭ ହେଉଥିବାରୁ ଏହା ସମଗ୍ର ଓଡ଼ିଶାର ବଜାରରେ ଉପଲବ୍ଧ ହେବ ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି । ଓଷ୍ଟା କାର୍ଯ୍ୟକାରୀ କମିଟିର ନିଷ୍ପତି ଅନୁସାରେ ଓଷ୍ଟାଦ୍ୱାରା ପ୍ରକାଶିତ ଏହି ଟେଷ୍ଟ ପେପର୍ସକୁ ସୁଲଭ ଦରରେ ଯୋଗାଇ ଦିଆଯାଉଛି । ଏହି ଟେଷ୍ଟ ପେପର୍ସ ନିର୍ଦ୍ଧାରିତ ସମୟରେ ପ୍ରକାଶିତ ହୋଇଥିବାରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଏହାକୁ ଅଧ୍ୟୟନ କରି ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରୁଅଛି ରାଜ୍ୟର ସର୍ବପୁରାତନ, ସର୍ବାଧିକ ଆଦୃତ ଏବଂ ମାଟ୍ରିକ୍ ପରୀକ୍ଷାରେ ଅଧିକ ପ୍ରଶ୍ନ ଆସୁଥିବା 'ଓଷ୍ଟା ଟେଷ୍ଟପେପର୍ସ' ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନଙ୍କଦ୍ୱାରା ଆଦୃତ ହୋଇ ପରୀକ୍ଷାର୍ଥୀମାନଙ୍କର ଭବିଷ୍ୟତ ଗଢ଼ିବାରେ ସହାୟକ ହେଲେ ଆମର ଶ୍ରମ ସାର୍ଥକ ହେବ ବୋଲି ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧିଙ୍କ ସମେତ ଓଷ୍ଟା ଟେଷ୍ଟପେପର୍ସ ପ୍ରସ୍ତୁତି ଦାୟିତ୍ୱରେ ଥିବା ସଂପାଦକ ପ୍ରଣବ କୁମାର ଜେନା ପ୍ରମୁଖ ଆଶା ପୋଷଣ କରିଛନ୍ତି ।

**AFFIDAVIT**

By virtue of an affidavit sworn before the Executive Magistrate, Khaira, vide No-1720, dated 18.06.2026 Manoj Biswal, s/o Satrughna Biswal of vill/Po-Saundia, P.S-Khaira, Dist- Baleswar, Odisha do hereby declare that my RPLI bearing policy No-R-OR-BN-EA-102382 in which my name Manaranjan Biswal vill/Po-Saundia, P.S-Khaira, Dist- Baleswar, Odisha is mentioned. But as per my aadhaar card bearing No- 4184 8947 2620 my name is Manoj Biswal.

That **Manaranjan Biswal and Manoj Biswal** both name are one and same person for all purposes i.e. my self.

# ଭାସିଯାଇ ନିଖୋଜ ଥିବା ଯୁବକର ମୃତ ଦେହ ଉଦ୍ଧାର

ବେତନଟୀ(ନିପ୍ର): ବୈଶିଙ୍ଗା ଥାନା ଅଧିନ ବୈଶିଙ୍ଗା ମାଣତ୍ରୀ ରାସ୍ତାର ନାଖରା ବୁଢ଼ାବଳଙ୍ଗ ନଦୀ ପୋଲ ତଳେ ମଙ୍ଗଳବାର ଦିନ ଅପରାହ୍ନରେ ରିଲସ କରି ଗାଧୋଉଥିବା ବେଳେ ବାଲେଶ୍ୱର ସଦର ଥାନା ଅଧିନ ବୁଆଁଳ ଗ୍ରାମର ଆକାଶ ଜେନା ପାଣିରେ ଭାସିଯାଇ ନିଖୋଜ ଥିଲେ । ବେତନଟୀ ବଡ଼ସାହି ଅଗ୍ନିଶମ ବିଭାଗ ଓ ବାରିପଦାର ଓଡ୍ରାଫ ଟିମ ମଙ୍ଗଳବାର ରାତିପର୍ଯ୍ୟନ୍ତ ଚେଷ୍ଟାକରି ମଧ ନିଖୋଜ ଯୁବକର ମୃତ ଦେହ ଉଦ୍ଧାର କରିପାରିନଥିଲେ । ବୁଧବାର ପ୍ରାୟ ଦିନ ୧୧ ଟା ସମୟରେ ଏହି ନିଖୋଜ ଯୁବକର ମୃତଦେହ ଉଦ୍ଧାର ହୋଇଥିବା ଜଣାଯାଇଛି । ବେତନଟୀ ଅଗ୍ନିଶମ ଅଧିକାରୀ ସତ୍ୟବାଦୀ ପଲେଇ ଓ ତାଙ୍କ ଟିମ ବୋଟ ଯୋଗେ ଗଡ଼ଦେଉଳିଆ ରୁ ନାଖରା ବ୍ରିଜ ନିକଟକୁ ଆସୁଥିବା ବେଳେ ପାଟଳିପୁରା ବାଲିଖାଦାନ ନିକଟରୁ ଏହି ନିଖୋଜ ଥିବା ଯୁବକ ଆକାଶ ଜେନା ଙ୍କ ମୃତ ଦେହ ଉଦ୍ଧାର କରି ବୈଶିଙ୍ଗା ଆ*ଳିକ ଡାକ୍ତରଖାନା କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି । ବୈଶିଙ୍ଗା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଛନ୍ତି । ସୂଚନାଯୋଗ୍ୟ ମଙ୍ଗଳବାର ଦିନ ବାଲେଶ୍ୱର ସଦର ଥାନା ଅ*ଳରୁ ପା*ଜଣ ଯୁବକ ବୁଢ଼ାବଳଙ୍ଗ ନଦୀରେ ଗାଧୋଉଥିବା ବେଳେ ଚାରିଜଣ ଯୁବକ ପ୍ରଖର ସ୍ରୋତ ରେ ଭାସିଯାଇଥିବା ବେଳେ ତିନିଜଣ ଯୁବକ ଜୀବନ୍ତ ଅବସ୍ଥାରେ କୂଳକୁ ଫେରି ଆସିଥିଲେ । ସେମାନଙ୍କ ମଧ୍ୟରୁ ଆକାଶ ଜେନା ପାଣିରେ ଭାସିଯାଇ ନିଖୋଜ ଥିଲେ ।

# ମହିଳା ନିଖୋଜ ନେଇ ଥାନାରେ ଅଭିଯୋଗ

ସୋର(ନିପ୍ର): ସୋର ରେ ଜଣେ ମହିଳା ନିଖୋଜ ନେଇ ସୋର ଥାନାରେ ଲିଖିତ ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ସୋର ଜଡିଦା ପଂଚାୟତ ନରସିଙ୍ଘନଗର ଗ୍ରାମର ପଦ୍ମାବତୀ ପୃଷ୍ଟି (୫୫)ଗତ ଜୁନ୍ ୨୩ ତାରିଖ ମଧାହ୍ନ ପାଖରୁ ନିଖୋଜ ହୋଇ ଯାଇଛନ୍ତି । ତାଙ୍କ ବନ୍ଧୁ ବାନ୍ଧବ ତଥା ସାହି ପଡିଶା ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ନମିଳିବାରୁ ଗତ ୨୯ ତାରିଖ ଦିନ ପଦ୍ମାବତୀଙ୍କ ଭାଇ ଅର୍ଜୁନ ସାହୁ ଏବଂ ପୁଅ ନିତ୍ୟାନନ୍ଦ ପୃଷ୍ଟି ଓ ସାନ ଯା ସାବିତ୍ରୀ ପୃଷ୍ଟି ସୋର ଥାନାକୁ ଆସି ଅଭିଯୋଗ କରିଛନ୍ତି ।

**AFFIDAVIT**

By virtue of an affidavit sworn before Executive Magistrate, Balasore dated 06.07.2026 I, Mohammad Laiquddin Sk, aged 53 years, S/o-Sk Kutubuddin, resident of At- Kantabania, Po-Dahapada, Ps- Sahadevkhunta, Dist- Baleswar, Pin-756003, Odisha declare that I have changed my name from Mohammad Liaquddin to Mohammad Laiquddin Sk. Henceforth, I shall be known as Mohammad Laiquddin Sk for all purposes.

Sd/-
**Mohammad Laiquddin Sk**

**NAME CHANGE**

I, Manjulata Maity, Wife of Abanti Kumar Maity, residing At/Po: Hidigaon, PS: Chandipur, Dist: Balasore, 756025 have changed my name from Manjulata Maity to Manjurani Maity by executing an Affidavit before the Executive Magistrate on 08.07.2026. Henceforth, I shall be known and identified by the name Manjurani Maity for all purposes.

Sd/-
**Manjurani Maity**

No. 25001/688/2627

**e-Procurement Notice for Building Works Identification No.**
**02 SERW BLS 2026-27**

1. Name of the Work :- Buildings
2. Total No. of Works :- 49 Nos
3. Estimated Cost :- Estimated Cost Rs 3.58 to Rs 66.78 lakh
4. Class of Contractor :- 'D' , 'C' & 'B' Class
5. Time of Completion :- 3 & 6 Month ( Three and Six Calender Month )
6. Other Details :-

| Procurement Officer | Bid Identification No | Availability of tender On-line for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer R.W. Division; Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division: Balasore | 02 SERW BLS 2026-27 | 18.07.2026 at 11.00 A.M. | 30.07.2026 up to 5.00 P.M. | 30.07.2026 up to 1.00 P.M. | 31.07.2026 at 11.00 A.M. |

Sd/-
Superintending Engineer
R.W. Division, Balasore

OIPR. 25001/25108/1/26-27/0002

No. 32001/515/2627

OFFICE OF THE SUPERINTENDING ENGINEER
MINOR IRRIGATION DIVISION, JASHIPUR
GOVERNMENT OF ODISHA
"e"-PROCUREMENT NOTICE
BID IDENTIFICATION No: 02 MID (JSP/2026-27)

1. Name of the Inviting Officer:- Superintending Engineer, Minor Irrigation Division, Jashipur
2. Name of the Work:- Improvement of Check Dam in different Blocks & Improvement to MIPs in different Block of Mayurbhanj District under Critical Grant.
2. No. of Works:- 9 (nine) Nos.
3. Tender Amount Varies From:- 8.95 lakhs to 46.33 lakhs
4. Date and Time of Availability of BID Document in the Portal for online Bidding from: - Dt.13.07.2026 10.00hrs to Dt.22.07.2026 17.00hrs
5. Last Date and Time of receipt of Bids in the Portal:- Dt. 22.07.2026 upto 17.00hrs
6. Last Date and Time for clarification up to: - Dt. 22.07.2026 upto 17.00hrs
7. Date of opening of Bid: - Dt. 23.07.2026 at 11.00hrs onwards

The detail tender call notice can also be seen in the DOWR website: http://dowrorissa.gov.in


Name & Address of the OIT : Superintending Engineer, M.I. Division, Jashipur, At/PO-Khairi /Dist: Mayurbhanj PIN-757091, E-Mail:-eemijashipur@yahoo.com

Further details can be seen from the : e-Procurement market place. http://tenderorissa.gov.in

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd/-
Superintending Engineer
M.I. Division, Jasipur

OIPR. 32001/32282/1/26-27/0002





ବ୍ୟତିବ୍ୟସ୍ତ ହେଲେ ସଫଳତା ମିଳେ ନାହିଁ । ବରଂ ନିଜ କାମକୁ ଯଥା ଭାବେ ସଂପାଦନ କରି ଫଳ ମିଳିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଦରକାର ।

# ଆଜିକାଲି



ଅନନ୍ତ ବିଜୟଂ ରାଜା, କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ ।
ନକୁଳଃ ସହଦେବଶ୍ଚ, ସୁଘୋଷମଣିପୁଷ୍ପକୌ ।।
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ : ଯୁଧିଷ୍ଠିରଙ୍କ ଅନନ୍ତବିଜୟ, ନକୁଳଙ୍କ ସୁଘୋଷ ଓ ସହଦେବଙ୍କ ମଣିପୁଷ୍ପକ ଏ ସବୁ ଶଙ୍ଖ ମଧ ସଂଗେ ସଂଗେ ବାଜିଲା ।

## ଏଲ-ନିନୋର ଚେତାବନୀ

ଦେଶରେ ପ୍ରଶାନ୍ତ ମହାସାଗରୀୟ ଜଳବାୟୁ ଏଲ-ନିନୋର ସମ୍ଭାବ୍ୟ ପ୍ରଭାବ ନେଇ ବିଭିନ୍ନ ପାଣିପାଗ ମଡେଲର ନିରାଶାଜନକ ଚର୍ଚ୍ଚା ଲାଗି ରହିଥିବା ବେଳେ ଗଲା ଜୁନ ମାସରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ସ୍ୱାଭାବିକ ଠାରୁ ୩୯.୮ ପ୍ରତିଶତ କମ ଥିବାବେଳେ ଦେଶବ୍ୟାପୀ ହାରାହାରି ବର୍ଷା ୯୯.୫ ମିମି ଥିବା ରେକର୍ଡ ହୋଇଛି । ଯାହାକି ୨୦୧୪, ୨୦୦୯, ୧୯୨୬ ଓ ୧୯୦୫ ମସିହାରେ ଜୁନ ମାସରେ ପଂଚମ ରେକର୍ଡ ସର୍ବନିମ୍ନ ବର୍ଷା ବୋଲି କୁହାଯାଉଛି । ସେହିପରି ଗତ ୫ ତାରିଖ ସୁଦ୍ଧା (ଜୁନ୍ ରୁ ସେପ୍ଟେମ୍ବର) ବର୍ଷା ଋତୁରେ ସାମୁହିକ ନିଅଂଟିଆ ବର୍ଷା ୨୪.୧ ପ୍ରତିଶତ ରହିଛି । ଅନ୍ୟପକ୍ଷରେ ତିନି ଦିନ ବିଳମ୍ବରେ କେରଳରେ ପ୍ରବେଶ କରିଥିବା ମୌସୁମୀ ବର୍ତ୍ତମାନ ସୁଦ୍ଧା ଦେଶର ୯୫ପ୍ରତିଶତ ଅଂଚଳ ଛୁଇଁଥିବାବେଳେ ୫ ପ୍ରତିଶତ ଅଂଚଳ ଏବେ ବି ଛୁଇଁ ପାରିନାହିଁ । ଏହା ସତ୍ୱେ ଦେଶରେ ଖରିଫ ବୁଣା ଅବ୍ୟାହତ ରହିଛି । ଯାହାକି ଗତବର୍ଷ ତୁଳନାରେ ମୋଟାମୋଟି ୨୨.୭ ପ୍ରତିଶତ କମ ରହିଛି । ମିଳିଥିବା ତଥ୍ୟ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ଦେଶରେ ତୈଳବୀଜ ୫୩.୩ ପ୍ରତିଶତ, ଡାଲି ଶସ୍ୟ ୩୦.୫ ପ୍ରତିଶତ, ବୁଣା ହୋଇଥିବାବେଳେ ଜୁନ ୩୦ ପରେ ମୌସୁମୀ ସକ୍ରୀୟ ହେବା ପରେ ଆହୁରି ଅଧିକରେ ଖରିଫ ଚାଷ ଆରମ୍ଭ ହେବା ଆଶା ରହିଛି । ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଦେଶରେ ହାରାହାରି ବର୍ଷା ଜୁଲାଇ ମାସରେ ନିଅଂଟିଆ ତଥା ସ୍ୱାଭାବିକ ଠାରୁ କମ୍ ରହିବା ସମ୍ଭାବନା ରହିଛି । ଏବେ ଭୟଙ୍କର ଏଲ-ନିନୋ ମଧ୍ୟମ ପର୍ଯ୍ୟାୟରେ ଥିବାବେଳେ ମୌସୁମୀ ଋତୁର ଦ୍ୱିତୀୟ ଭାଗରେ ଏହା ଶକ୍ତିଶାଳୀ ଏବଂ ଅକ୍ଟୋବରରୁ ଜାନୁୟାରୀ ମଧ୍ୟରେ ଏହା ଅତ୍ୟନ୍ତ ଶକ୍ତିଶାଳୀ ହେବାର ସମ୍ଭାବନା ରହିଥିବା ନେଇ ପାଣିପାଗ ସଂସ୍ଥାଗୁଡିକ ଭବିଷ୍ୟବାଣୀ କରିସାରିଲେଣି । ତେବେ ଏହାର ପ୍ରଭାବ ମୌସୁମୀ ବର୍ଷା ଏବଂ ଖରିଫ ଶସ୍ୟ ଉପରେ ସୀମିତ ରହିବ ନାହିଁ । ମୌସୁମୀ ବର୍ଷାକୁ ପ୍ରଶାନ୍ତ ମହାସାଗରୀୟ ଉଷ୍ଣ ଜଳବାୟୁ ଏଲ-ନିନୋ ପ୍ରଭାବିତ କରିବା ସମ୍ଭାବନା ରହିଛି । ଏହା ମଧ୍ୟ ଉତାପ ବୃଦ୍ଧି କରିବ । ସ୍ୱଳ୍ପ ତଥା ନିଅଂଟିଆ ବୃଷ୍ଟିପାତ ଯୋଗୁଁ ଦେଶର ବହୁ ଅଂଚଳରେ ମରୁଡ଼ିର ଆଶଙ୍କା ରହିଛି । କେବଳ ଏତିକି ନୁହେଁ, ଏଲ-ନିନୋର ପ୍ରଭାବରେ ଦେଶରେ ଶୀତର ଅବଧି ହ୍ରାସ ପାଇବା ସହ ଏକ ଉଷ୍ମ ଶୀତ ଋତୁ ଅନୁଭବ ହେବ । ଯାହାକି ରବି ଶସ୍ୟ ତଥା ଗହମ, ଶୋରିଷ, ଚଣା, ମସୁର ଏବଂ ଆଳୁ ଉତ୍ପାଦନକୁ ପ୍ରଭାବିତ କରିବ । ଉଲ୍ଲେଖଯୋଗ୍ୟ ଯେ, ୨୦୨୩-୨୪ରେ ଶକ୍ତିଶାଳୀ ଏଲ-ନିନୋ ପ୍ରଭାବରେ ଦେଶରେ ୨୦୨୩ ଜୁନରୁ ୨୦୨୪ ଡିସେମ୍ବର ମଧ୍ୟରେ ଖାଦ୍ୟ ମୁଦ୍ରାସ୍ଫୀତି ହାରାହାରି ୮.୫ ପ୍ରତିଶତ ଉପରେ ରହିଥିଲା । ସେହିପରି ପନିପରିବା ଉତ୍ପାଦନ ମଧ୍ୟ ହ୍ରାସ ପାଇବ ଯାହାକି ଖାଦ୍ୟ ମୁଦ୍ରାସ୍ଫୀତିକୁ ଆହୁରି ଉପରମୁହାଁ କରିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । କହିବା ବାହୁଲ୍ୟ ଯେ, ୨୦୨୫-୨୬ ଭାରତ ୧୬.୩ ମିଲିୟନ ଟନ ଖାଇବା ତେଲ ଏବଂ ୭.୩ ମେଟ୍ରିକ ଟନ ପୂର୍ବ ଆର୍ଥିକ ବର୍ଷରେ ଆମଦାନୀ କରିଥିଲା । ଇରାନ-ଆମେରିକା ଯୁଦ୍ଧ ସ୍ଥିତି ଭାରତୀୟ ଅର୍ଥନୀତି ପାଇଁ ସଂକଟଜନକ ସ୍ଥିତ ଉପୁଜ କରିଥିଲା । ଆହୁରି ମଧ୍ୟ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଜଳ ଭଣ୍ଡାର ଗୁଡିକରେ ଜଳ ପତନ ହ୍ରାସ ପାଇବ । ଯାହାର ପ୍ରଭାବରେ କେବଳ ବିଦ୍ୟୁତ ସଂକଟ ଉତ୍ପନ୍ନ ହେବ ନାହିଁ, କେନାଲରେ ଜଳାଭାବ ଯୋଗୁଁ ଶସ୍ୟ ଉତ୍ପାଦନ ବାଧାପ୍ରାପ୍ତ ହେବା ଆଶଙ୍କା ରହିଛି । ତେଣୁ ଭାରତ ବିଦେଶରୁ ଡାଲି, ଗହମ, ତେଲ ଆମଦାନୀ କରିବା ସମ୍ଭାବନାକୁ ଅଣଦେଖା କରାଯାଇନପାରେ । ଜଳଭଣ୍ଡାର ଗୁଡିକରେ ଜଳପତନ ହ୍ରାସ ଏବଂ ଭୂତଳ ଜଳସ୍ତର ହ୍ରାସ ପାଇବା ଦେଶରେ ଉତ୍କଟ ପାନୀୟ ଜଳ ସଂକଟ ସୃଷ୍ଟି କରିବାର କାରଣ ହୋଇପାରେ । ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡିକ ଏବେଠୁ ସଜାଗ ହେବା ଜରୁରୀ । ଆହୁରି ମଧ୍ୟ ଚାଷ ବାଧାପ୍ରାପ୍ତ ଏବଂ ଅସହ୍ୟ ଉତାପ ବୃଦ୍ଧି ଯୋଗୁଁ ଶ୍ରମଦିବସ ବ୍ୟାହତ ହେବା ଆଶଙ୍କା ରହିଛି । ଯାହାକି ଦେଶରେ ବେକାରୀ ରୋଜଗାରୀ ବୃଦ୍ଧି କରିବାର ସମ୍ଭାବନାକୁ ଅଣଦେଖା କରାଯାଇନପାରେ ଏବେ ଦେଶରେ ମନେରଗା ବଦଳରେ ଭିବି-ଜି ରାମ ଜୀ ଯୋଜନା ଆରମ୍ଭ ହୋଇଛି ଗ୍ରାମାଂଚଳରେ ଏହାର କାର୍ଯ୍ୟକାରିତା ଏବଂ ଦରଦାମ ନିୟନ୍ତ୍ରଣ ଏକ ଚ୍ୟାଲେଞ୍ଜ ହେବ, ଏଥିରେ ସନ୍ଦେହ ନାହିଁ ।

# ବିକାଶର ଅନ୍ଧ ଦୌଡ଼ରେ ହଜିଯାଇଥିବା ଗୋଧନ ସଂସ୍କୃତି ଓ ସୁସ୍ଥ ଓଡ଼ିଶାର ଚିତ୍ର



◆ସୌଭାଗ୍ୟ ରଂଜନ ମହାନ୍ତି

ଏହା ଏକ ଚିରନ୍ତନ ସତ୍ୟ ଓ ଏକ ଗଭୀର ସାମାଜିକ ବାସ୍ତବତା ଯେ ଦିନେ ଚାଳିଆରେ ରହୁଥିବା ଏବଂ ସମାଜ ଆଖିରେ ଗରିବ ବୋଲାଉଥିବା ପ୍ରତିଟି ଓଡିଆ ଘରର ରୋଷେଇ ଶାଳରେ ବି ଗୁଆଘିଅର ବାସ୍ନା ମହକୁଥିଲା, ହେଲେ ଆଜି ଆଧୁନିକତାର ଚକାଚକ୍ୟ ଭିତରେ ବଂଚୁଥିବା ଏବଂ କୋଟିପତି ବୋଲାଉ ଥିବା ଲୋକଙ୍କ ଆଲିଶାନ କୋଠାଘରେ ବି ସେହି ଶୁଦ୍ଧ ଗୁଆଘିଅ ଟୋପାଏ ମିଳିବା ଦୁର୍ଲଭ ହୋଇପଡିଛି । ଏହି ପରିବର୍ତନ କେବଳ ଖାଦ୍ୟପେୟର ପରିବର୍ତନ ନୁହେଁ, ବରଂ ଆମ ସଂସ୍କୃତି, ଅର୍ଥନୀତି, ଜୀବନଶୈଳୀ ଏବଂ ସର୍ବୋପରି ଆମ ପ୍ରଗତିର ଏକ ବଡ ପ୍ରଶ୍ନବାଚୀ ଯାହା ଆମକୁ ଚିନ୍ତା କରିବାକୁ ବାଧ କରୁଛି ଯେ ଏହା କଣ ପ୍ରକୃତରେ ବିକାଶଶୀଳ ଓଡିଶାର ବାସ୍ତବ ଚିତ୍ର । ବିକାଶର ସଂଜ୍ଞା ଯଦି କେବଳ ଉଚ୍ଚ ଅଟ୍ଟାଳିକା, ଚଉଡା ପକ୍କା ସଡକ ଏବଂ ବ୍ୟାଙ୍କ ବାଲାନ୍ସକୁ ବୁଝାଏ, ତେବେ ହୁଏତ ଆମେ ଆଜି ବହୁତ ଆଗକୁ ବଢି ଯାଇଛେ, କିନ୍ତୁ ବିକାଶର ଅର୍ଥ ଯଦି ଶୁଦ୍ଧ ଜୀବନ, ସୁସ୍ଥ ଶରୀର, ପାରମ୍ପରିକ ସମ୍ପଦର ସୁରକ୍ଷା ଏବଂ ମାନସିକ ଶାନ୍ତି ହୋଇ ଥାଏ, ତେବେ ଆମେ କେଉଁଠି ନା କେଉଁଠି ପଛକୁ ଫେରି ଯାଇଛେ ବୋଲି ସ୍ୱୀକାର କରିବାକୁ ହେବ । ଅତୀତର ଓଡିଶାରେ ପ୍ରତି ଗାଁରେ ଏକ ଆତ୍ମନିର୍ଭରଶୀଳ ଅର୍ଥନୀତି ଥିଲା ଯେଉଁଠି ଟଙ୍କା ପଇସାର ପ୍ରାଚୁର୍ଯ୍ୟ ନଥିଲେ ବି ସମ୍ପଦର ଅଭାବ ନଥିଲା ଏବଂ ପ୍ରତିଟି ଚାଷୀ ପରିବାରରେ ଗାଈଗୋରୁ ଥିଲେ ଦାଣ୍ଡ ଦୁଆରେ ଗୋଧନର ହମ୍ବା ରଡି ଶୁଭୁଥିଲା, ଯାହାଫଳରେ ଗରିବ ହେଲେ ବି ଚାଳିଆ ଘରର ମାଲିକ ମଧ୍ୟ ଦୁଧ, ଦହି, ଛେନା ଏବଂ ଶୁଦ୍ଧ ଗୁଆଘିଅ ଖାଇବାକୁ ପାଉଥିଲା, ଯାହା ତା'ର ସ୍ୱାସ୍ଥ୍ୟକୁ ସବଳ କରୁଥିଲା ଏବଂ ତା ଜୀବନକୁ ଆୟୁଷ୍ମାନ କରୁଥିଲା । ମାତ୍ର ଆଜି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଯୁଗରେ ମଣିଷ ସହରମୁଖୀ ହୋଇଛି, ପୁରୁଣା ମାଟିଘର ଭାଙ୍ଗି କଂକ୍ରିଟ ଜଙ୍ଗଲ ଠିଆ ହୋଇଛି, କିନ୍ତୁ ସେହି ପ୍ରାକୃତିକ ସମ୍ପଦ ଓ ଗୋଧନ ସଂସ୍କୃତି ସମ୍ପୂର୍ଣ୍ଣ ଭାବେ ଉଭେଇ ଯାଇଛି ଯାହାଦ୍ୱାରା ଆଜି କୋଟି କୋଟି ଟଙ୍କାର ମାଲିକ ମଧ୍ୟ ବଜାରର ମିଶ୍ରିତ ତେଲ, ଡାଲଡା ଏବଂ କେମିକାଲ ଯୁକ୍ତ ନକଲି ଘିଅ ଖାଇବାକୁ ବାଧ ହେଉଛି । ଏହି ବିଡମ୍ବନାକୁ ଆମେ ବିକାଶ କରିବା ନା ବିନାଶର ଆରମ୍ଭ କହିବା ତାହା ଏକ ବଡ ପ୍ରଶ୍ନ କାରଣ ଯେଉଁ ସମାଜ ନିଜର ମୌଳିକ ଶୁଦ୍ଧତା ହରାଇ ବସେ, ସେହି ସମାଜର ଭୌତିକ ସମୃଦ୍ଧି କେବଳ ଏକ ମରୀଚିକା ସଦୃଶ ହୋଇଥାଏ । ଆଜିର ଚକାଚକ ଓଡିଶାରେ ଆମେ ଶିଳ୍ପାୟନ, ସହରୀକରଣ ଏବଂ ଆଧୁନିକ ଶିକ୍ଷାର ପ୍ରସାର ଦେଖୁଛେ ସତ, କିନ୍ତୁ ଏହା ସହିତ ଗ୍ରାମୀଣ କୃଷି ଭିତିଭୂମିର ଯେଉଁ ଅବକ୍ଷୟ ଘଟିଛି ତାହା ଅତ୍ୟନ୍ତ ଚିନ୍ତାଜନକ ଅଟେ । ଗାଁ ଗୁଡିକରୁ ଗୋଠ ଉଭେଇ ଗଲାଣି, ଭାଗବତ ଟୁଙ୍ଗି ଶୂନ୍ୟ ହେଲାଣି ଏବଂ ଯେଉଁ ଗାଈମାନଙ୍କୁ ଦିନେ ଗୃହଲକ୍ଷ୍ମୀ ଭାବେ ପୂଜା କରାଯାଉଥିଲା, ସେମାନେ ଆଜି ରାସ୍ତାଘାଟରେ ପ୍ଲାଷ୍ଟିକ ଖାଉଥିବାର ଦେଖାଯାଉଛି, ଯାହା ଆମର ତଥାକଥିତ ବିକାଶର ଅସଲ ମୁଖା ଖୋଲିଦିଏ । ଏହି ଆର୍ଟିକିଲ ମାଧ୍ୟମରେ ଆମେ ଏହି ବିଷୟର ଗଭୀରତାକୁ ଅନୁଧ୍ୟାନ କରିବୁ ଏବଂ ଦେଖିବୁ କିପରି ଓଡିଶାର ବିକାଶଶୀଳ ଯାତ୍ରା ଭିତରେ ଆମେ ଆମର ମୂଲ୍ୟବାନ ସଂସ୍କୃତି ଓ ସ୍ୱାସ୍ଥ୍ୟପ୍ରଦ ପରମ୍ପରାକୁ ହରାଇ ବସିଛେ ଏବଂ ଏହାର ପ୍ରତିକାର ପାଇଁ ଆମକୁ କେଉଁ ସବୁ ପଦକ୍ଷେପ ନେବାକୁ ହେବ । ଅତୀତରେ ଓଡିଶା ଥିଲା କୃଷି ଓ ଗୋପାଳନର ଏକ ସୁନ୍ଦର ସମନ୍ୱୟ ଯେଉଁଠି ପ୍ରତିଟି ପରିବାର ନିଜକୁ ଗରିବ ମନେ କରୁନଥିଲେ କାରଣ ସେମାନଙ୍କ ପାଖରେ ପ୍ରକୃତିର ଅମୂଲ୍ୟ ଦାନ ଥିଲା । ଚାଳିଆ ଘରଟିଏ ହେଲେ ବି ତାର ଗୁହାଳରେ ଗାଈ ଦୁହୁଁଥିଲେ ସେହି କ୍ଷୀରକୁ ଜାଳ ଦେଇ ଦହି ବସାଉଥିଲେ ଏବଂ ସେହି ଦହିକୁ ମନ୍ଥନ କରି ସେଥିରୁ ସୁବାସିତ ଲହୁଣୀ ଓ ଗୁଆଘିଅ ପ୍ରସ୍ତୁତ କରୁଥିଲେ । ସେହି ଶୁଦ୍ଧ ଗୁଆଘିଅ କେବଳ ଖାଦ୍ୟର ସ୍ୱାଦ ବଢାଉଥିଲା ବରଂ ତାହା ଥିଲା ଘରର ସବୁଠାରୁ ବଡ ଔଷଧ ଯାହା ପିଲାଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ ରଖୁଥିଲା । ଆଜିର ଡାକ୍ତର ମାନେ ଯେଉଁ ଖାଦ୍ୟକୁ ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ଭିଟାମିନର ଭଣ୍ଡାର ବୋଲି କହୁଛନ୍ତି, ତାହା ଆମର ପୂର୍ବପୁରୁଷମାନେ ବିନା କୌଣସି ଲାବୋରେଟୋରୀ ପରୀକ୍ଷାରେ ଜାଣିପାରିଥିଲେ ଏବଂ ପ୍ରତିଦିନ ନିଜ ଖାଦ୍ୟରେ ବ୍ୟବହାର କରୁଥିଲେ । ସେତେବେଳେ ସମାଜରେ ହୃଦରୋଗ, ମଧୁମେହ କିମ୍ବା କର୍କଟ ଭଳି ମାରାତ୍ମକ ରୋଗର ନାଁ କେହି ଶୁଣି ନଥିଲେ କାରଣ ସେମାନଙ୍କ ରକ୍ତରେ ଗୁଆଘିଅର ଶୁଦ୍ଧତା ଏବଂ ମାଟିର ଶକ୍ତି ଥିଲା । ବିକାଶର ପ୍ରଥମ ସୋପାନ ଆମେ ଏହି କୃଷିଭିତିକ ସଂସ୍କୃତିକୁ 'ପଛୁଆ' ବୋଲି ଭାବିଲୁ ଏବଂ ପାଶ୍ଚାତ୍ୟ ଅନୁକରଣରେ ଚାଷକାମ ତଥା ଗୋପାଳନକୁ ହେୟଜ୍ଞାନ କଲୁ ଯାହାର ପରିଣାମ ସ୍ୱରୁପ ଆଜି ଆମ ସମାଜରେ ଧନ ବଢିଛି ସତ, କିନ୍ତୁ ଆୟୁ ଓ ସ୍ୱାସ୍ଥ୍ୟ କମିଯାଇଛି । କୋଠାଘରର ମାଲିକ ଆଜି ଲକ୍ଷ ଲକ୍ଷ ଟଙ୍କାର ମେଡିକାଲ ବିଲ୍ ଦେଉଛି, ବଜାରରୁ ସବୁଠାରୁ ଦାମୀ ବ୍ରାଣ୍ଡେଡ୍ ଜିନିଷ କିଣୁଛି, କିନ୍ତୁ ସେହି ବ୍ରାଣ୍ଡେଡ ପ୍ୟାକେଟ ଭିତରେ ଯେଉଁ ବିଷାକ୍ତ କେମିକାଲ ଏବଂ ପାମୋଲିନ୍ ତେଲ ମିଶି ରହିଛି, ତାହା ତାକୁ ଧୀରେ ଧୀରେ ମୃତ୍ୟୁ ଆଡକୁ ଠେଲି ଦେଉଛି । ଯେଉଁ ଓଡିଶାରେ ଜଗନ୍ନାଥ ସଂସ୍କୃତିର ମୂଳଦୁଆ ଗୋଧନ ଓ କୃଷି ଉପରେ ଆଧାରିତ, ସେହି ଓଡିଶାରେ ଆଜି ଗୁଆଘିଅ ପାଇଁ ଆମକୁ ଅନ୍ୟ ରାଜ୍ୟ ଉପରେ କିମ୍ବା ବଡ ବଡ କମ୍ପାନୀର ଆର୍ଟିଫିସିଆଲ ପୋଡକ୍ଟ ଉପରେ ନିର୍ଭର କରିବାକୁ ପଡୁଛି, ଏହା କେବେ ବି ଏକ ସୁସ୍ଥ ବିକାଶର ଲକ୍ଷଣ ହୋଇନପାରେ । ଆଜିର ଓଡିଶା ବିକାଶଶୀଳ ହେବାର ଦାବି କରୁଥିବା ବେଳେ ଆମେ ଦେଖୁଛେ ଯେ ଆମର ଯୁବପିଢି ନିଜ ମାଟିକୁ ଛାଡି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି କିମ୍ବା ସହରରେ ସ୍ୱଳ୍ପ ଦରମାରେ ଚାକିରି କରୁଛନ୍ତି, କିନ୍ତୁ ନିଜ ଗାଁରେ ରହି ଗୋପାଳନ କରିବାକୁ ବା ଚାଷ କରିବାକୁ ଲାଜ କରୁଛନ୍ତି । ଏହି ମାନସିକତା ହିଁ ଆମକୁ ପ୍ରକୃତ ସମୃଦ୍ଧିରୁ ଦୂରେଇ ନେଇଛି । କୋଟିପତିମାନଙ୍କ ଘରେ ଆଜ ସୁନା ଅଳଙ୍କାର ଅଛି, କାର ଅଛି, ମାର୍ବଲ ଚଟାଣ ଅଛି କିନ୍ତୁ ସକାଳର ସେହି ଶୁଦ୍ଧ ଦୁଧର ବାସ୍ନା ନାହିଁ କି ରୋଷେଇରେ ସେହି ଗୁଆଘିଅର ସୁଗନ୍ଧ ନାହିଁ, ଯାହା ସ୍ପଷ୍ଟ କରେ ଯେ ଆମେ ସୁବିଧା ପାଇଛେ କିନ୍ତୁ ସୁଖ ହରାଇଛେ । ଭାରତୀୟ ସଂସ୍କୃତି ଏବଂ ବିଶେଷ କରି ଓଡିଶାରେ ଗୁଆଘିଅ କେବଳ ଏକ ଖାଦ୍ୟ ପଦାର୍ଥ ଭାବେ ଦେଖାଯାଏ ନାହିଁ ବରଂ ଏହାକୁ ପବିତ୍ରତାର ପ୍ରତୀକ, ଦେବତାଙ୍କର ପ୍ରିୟ ବସ୍ତୁ ଏବଂ ଆର୍ଯ୍ୟୁବୈଦର ଏକ ମହାନ ସମ୍ପଦ ଭାବେ ଗ୍ରହଣ କରା ଯାଇଥାଏ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହିରେ ଗୁଆଘିଅର ବ୍ୟବହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ସହିତ ଘିଅ ପାଇଁ ଦିନେ ସ୍ୱତନ୍ତ୍ର ସେବାୟତ ଓ ଗୋଶାଳାମାନ ରହିଥିଲା । କିନ୍ତୁ ଆଜି ବିକାଶର ନାଁରେ ଯେଉଁ ବ୍ୟବସାୟୀକରଣ ଚାଲିଛି, ତାହା ଭିତରେ ଶୁଦ୍ଧ ଗୁଆଘିଅର ସ୍ଥାନ ନେଇଛି ମିଶ୍ରିତ ଡାଲଡା ଏବଂ ଭେଜାଲ ଲିକ୍ୟୁଇଡ୍, ଯାହା ମଣିଷର ଶରୀରକୁ ଭିତରୁ ଆସ୍ତେ ଆସ୍ତେ ଖୋଳ କରିଦେଉଛି । ପୂର୍ବରୁ ଗରିବ ଲୋକଟିଏ ଦିନଯାକ ବିଲରେ ପରିଶ୍ରମ କରିବା ପରେ ରାତିରେ ଯେତେବେଳେ ପଖାଳ କଂସାଏ ସହିତ ଟୋପାଏ ଗୁଆଘିଅ ଏବଂ ପିଆଜ ଗଣ୍ଡାଏ ଖାଉଥିଲା, ତାର ଶରୀରରେ ଯେଉଁ ଶକ୍ତି ଜାତ ହେଉଥିଲା, ତାହା ଆଜିର ଜିମ୍ ଯାଉଥିବା କୋଟିପତି ଯୁବକମାନଙ୍କ ପାଖରେ ବି ଦେଖିବାକୁ ମିଳୁନାହିଁ କାରଣ ସେମାନେ ପ୍ରୋଟିନ୍ ପାଉଡର ଖାଉଛନ୍ତି ସତ କିନ୍ତୁ ପ୍ରାକୃତିକ ପୋଷଣ ପାଉନାହାନ୍ତି । ଓଡିଶାର ପ୍ରଗତିର ଏହି ଚିତ୍ରଟି ବଡ ବିଚିତ୍ର ଯେଉଁଠି ମଣିଷ ବାହାରକୁ ବହୁତ ସମୃଦ୍ଧ ଦେଖାଯାଉଛି କିନ୍ତୁ ଭିତରୁ ସେ ସମ୍ପୂର୍ଣ୍ଣ ଭାବେ କଙ୍କାଳ ହୋଇଯାଇଛି । ଗରିବ ଚାଳିଆ ଘରେ ଦିନେ ଯେଉଁ ଆତ୍ମସନ୍ତୋଷ ଥିଲା, ଯେଉଁ ସାମାଜିକ ସଦ୍ଭାବନା ଥିଲା, ତାହା ଆଜିର ଏହି କୋଠାଘର ଗୁଡିକରେ କେଉଁଠି ଦେଖିବାକୁ ମିଳେନାହିଁ । ଆଜିର ସମାଜରେ ପଇସା ଅଛି କିନ୍ତୁ ପରସ୍ପର ପ୍ରତି ପ୍ରେମ ନାହିଁ, ସୁଉଚ୍ଚ ପ୍ରାଚୀର ଘେରା କୋଠା ଅଛି, କିନ୍ତୁ ସେଠାରେ ବସିବାକୁ କାହାପାଖରେ ସମୟ ନାହିଁ । ଏହି ଚିତ୍ରଟି ପ୍ରମାଣ କରେ ଯେ ବିକାଶର ଗତିପଥରେ କେଉଁଠି ନା କେଉଁଠି ଏକ ବଡ ତୃଟି ରହିଯାଇଛି, ଯାହାକୁ ସୁଧାରିବା ଆଜିର ସମୟର ସବୁଠାରୁ ବଡ ଆବଶ୍ୟକତା ଅଟେ । ଆମକୁ ଯଦି ପ୍ରକୃତରେ ଏକ ବିକାଶଶୀଳ ଏବଂ ସମୃଦ୍ଧ ଓଡିଶା ଗଠନ କରିବାକୁ ହେବ, ତେବେ ଆମକୁ ପୁଣି ଥରେ ଆମର ମୂଳଦୁଆ କୃଷି ଓ ଗୋପାଳନ ଆଡକୁ ଫେରିବାକୁ ପଡିବ । ସରକାରୀ ସ୍ତରରେ ଗୋଶାଳା ମାନଙ୍କର ପ୍ରତିଷ୍ଠା, ଦେଶୀ ଗାଈ ମାନଙ୍କର ବଂଶ ବୃଦ୍ଧି ଏବଂ ଦୁଗ୍ଧ ଚାଷୀମାନଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଯୋଗାଇଦେବା ଜରୁରୀ, ଯେପରି ପ୍ରତିଟି ଓଡିଆ ଘରେ ପୁଣି ଥରେ ଶୁଦ୍ଧ ଗୁଆଘିଅ ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇପାରିବ । ଏଥିସହିତ ସମାଜର ଧନୀକ ଶ୍ରେଣୀ ଏବଂ କୋଟିପତି ମାନଙ୍କୁ ମଧ ନିଜର ମାନସକତା ବଦଳାଇବାକୁ ହେବ, କେବଳ ବିଦେଶୀ ଜୀବନଶୈଳୀକୁ ଆପଣେଇ ନିଜକୁ ଆଧୁନିକ ପ୍ରମାଣିତ କରିବା ଅପେକ୍ଷା ନିଜର ପାରମ୍ପରିକ ଖାଦ୍ୟ ଓ ସଂସ୍କୃତିକୁ ସମ୍ମାନ ଦେବା ଶିଖିବାକୁ ହେବ, ଯେଉଁଦିନ ପ୍ରତିଟି ଧନୀ ପରିବାର ନିଜ କୋଠାଘର ଦୁଆରେ ଗୋଟିଏ ହେଲେ ବି ଦେଶୀ ଗାଈ ପାଳିବାକୁ ଗର୍ବ ମନେ କରିବେ, ସେହିଦିନ ହିଁ ଓଡିଶାର ପ୍ରକୃତ ସାଂସ୍କୃତିକ ଓ ଅର୍ଥନୈତିକ ବକାଶ ସମ୍ଭବ ହୋଇପାରିବ । ଧନ୍ର ପ୍ରାଚୁର୍ଯ୍ୟ କେବେ ବି ମଣିଷକୁ ଶ୍ରେଷ୍ଠ କରେନାହିଁ, ବରଂ ତାର ଆଚାର, ବିଚାର ଏବଂ ସୁସ୍ଥ ଜୀବନଶୈଳୀ ହିଁ ତାକୁ ସମାଜରେ ପ୍ରତିଷ୍ଠିତ କରାଏ । ଆଜିର ଯୁବପିଢିଙ୍କୁ ମଧ ଏହି ବାର୍ତା ବୁଝିବାକୁ ହେବ ଯେ ମାଟିକୁ ଛାଡି ଆକାଶରେ ଉଡିବା ଦ୍ୱାରା କିଛି ସମୟ ପାଇଁ ଆନନ୍ଦ ମିଳିପାରେ କିନ୍ତୁ ଶେଷରେ ଆଶ୍ରୟ ପାଇଁ ମାଟିକୁ ହିଁ ଫେରିବାକୁ ପଡିଥାଏ । ତେଣୁ ବିକାଶର ଏହି ଅନ୍ଧ ଦୌଡରେ ସାମିଲ ନହୋଇ ଆମେ ଆମର ଗୌରବମୟ ଅତୀତର ଭଲ ଗୁଣ ଗୁଡିକୁ ସାଙ୍ଗରେ ନେଇ ଆଗକୁ ବଢିବା ଉଚିତ । ଯେପରି ଆଗାମୀ ଦିନରେ ଓଡିଶାର କୌଣସି ବି ପ୍ରାନ୍ତରେ ଚାଳିଆ ହେଉ କି କୋଠାଘର, ସବୁଠି ଶୁଦ୍ଧ ଗୁଆଘିଅର ମହକ ରହିବ ଏବଂ ପ୍ରତିଟି ଓଡିଆ ସୁସ୍ଥ ଓ ନିରୋଗ ରହି ନିଜର ପରିଚୟକୁ ବିଶ୍ୱ ଦରବାରରେ ଗର୍ବର ସହ ଉପସ୍ଥାପନ କରି ପାରିବ, ଏବଂ ସେତେବେଳେ ହିଁ ଆମେ ପ୍ରକୃତ ଅର୍ଥରେ କହିପାରିବା ଯେ ଓଡିଶା ଏକ ସଠିକ୍ ଏବଂ ସନ୍ତୁଳିତ ଦିଗରେ ବିକାଶଶୀଳ ହେଉଛି ।

ମୋ ୯୪୩୭୯୯୪୩୭୯



## ପଟିଦିଅଁ ପୂଜା

◆ ରାମଚନ୍ଦ୍ର ବେହେରା

ଅଣସର କାଳେ କାଳିଆ ସାଆନ୍ତ
ଜ୍ୱର ଉପସମ ପାଇଁ
ରନ୍ଧା ଖାଦ୍ୟ ତେଜି ପଣା ଚକଟାକୁ
ଖାଆନ୍ତି କଳା କହ୍ନେଇ
ଫୁଲୁରି ତେଲ ଲଗେଇ
ଦଶ ମୂଳାରିଷ୍ଟ ସେବନ କରନ୍ତି
ଗମ୍ଭୀରା ଭିତରେ ଶୋଇ ।
ଦାରୁଂକ ସ୍ଥାନରେ ପ୍ରଭୁ ନାରାୟଣ
ପୂଜା ପାଆନ୍ତି ମନ୍ଦିରେ
ପଦ୍ମସନାବିଷ୍ଟ ପ୍ରଭୁ ଚତୁର୍ଭୁଜ
ଦିଶନ୍ତି କୃଷ୍ଣ ବର୍ଣ୍ଣରେ ଅପୂର୍ବ ମୁଖ ମଣ୍ଡଳ
ଉର୍ଦ୍ଧ୍ୱ ହସ୍ତେ ଶଂଖ ଚକ୍ର ଶୋଭାପାଏ
ନିମ୍ନରେ ଗଦା କମଳ ।
ମସ୍ତକରେ ତାଂକ କିରିଟୀ ଶୋଭଇ
ଶ୍ୱେତ ବର୍ଣ୍ଣ ସପ୍ତଫେଣୀ
ଭାଲ ପଟେ ଚିତା ରକ୍ତ ବର୍ଣ୍ଣ ଦିଶେ
ମକର କୁଣ୍ଡଳ ପୁଣି
ପୀତ ବସନରେ ପ୍ରଭୁ
ହସ୍ତ ପାଦେ ଶୋହେ ସୁବର୍ଣ୍ଣର ବଳା
ଅପୂର୍ବ ଦିଶନ୍ତି ବିଭୂ ।
କପାଳରେ ଶୋହେ ଦିବ୍ୟ ବିଷ୍ଣୁ ଚିତା
କାନ୍ଧେ ନବଗଣ୍ଠି ସୂତା
ନାଶାଗ୍ରେ ଶୋଭଇ ରାମାନନ୍ଦି ଚିତା
ଗଳାରେ ଶ୍ୱେତ ମୁକୁତା
ଦାରୁବ୍ରହ୍ମଂକୁ ସୁମରି
ସାତ ଜଣ ସାଧୁ ନିମ୍ନରେ ଶୋଭନ୍ତି
ଭକ୍ତିଭାବ ହୃଦେ ଭରି ।
ଅଣସର ଗୃହ ବାହାର ଡାଟିରେ
ଚଉଦ ଦିବସ ଧରି
ରୀତି ଅନୁଯାୟୀ ସାରା ପୂଜା ବିଧି
ପାଇଥାନ୍ତି ଚକ୍ରଧାରୀ
ପଟିଦିଅଁ ଶୋଭାବନ
ସତ୍ୟନିଷ୍ଠ ଚିତେ ଯେ କରେ ଦର୍ଶନ
ଅରଜଇ କୋଟି ପୁଣ୍ୟ ।


ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬


## ତ୍ରୀୟମ୍ବକ — କହିଲେ କହିବ କହୁଛି

ପ୍ରତ୍ୟେକ ପିଲାମାନଙ୍କ ପାଇଁ ତାଙ୍କ ବାପା-ମାଆ ହିଁ ସବୁଠାରୁ ନିଜର । ପିଲାମାନଙ୍କ ଭବିଷ୍ୟତ କିପରି ଉନ୍ନତ ହେବ, ସୁ-ଶିକ୍ଷା, ସୁ-ଦୀକ୍ଷା ସହ ଜଣେ ସୁ ମଣିଷ ଭାବେ ଏ ବିଶ୍ୱଦରବାରରେ ପ୍ରତିଷ୍ଠିତ ହେବେ ଏଇ ଚିନ୍ତା ହିଁ ପ୍ରତ୍ୟେକ ବାପା- ମାଆ ଭାବି ଥାଆନ୍ତି ଏବଂ ସେଇ ଅନୁସାରେ ସେମାନଙ୍କୁ ସୁଶିକ୍ଷା, ନୀତି, ଆଦର୍ଶ, ଏବଂ ଉପଦେଶ ମାଧ୍ୟମରେ ଛୋଟରୁ ବଡ଼ କରିଥାଆନ୍ତି । ଆକାଶଠୁ ପିତା ବଡ଼ ଏବଂ ପୃଥିବୀଠୁ ଗର୍ଭଧାରିଣୀ ମାଆ ବଡ଼ । ଏଇ କଥା ପିଲାମାନଙ୍କୁ ଛୋଟ ବେଳ ଶିକ୍ଷା ଦିଆଯାଇ ଥାଏ । ଯେତେ ଦୁଃଖ-କଷ୍ଟ ଆସୁଥାଉନା କାହିଁକି ବାପା- ମାଆ ମାନେ ସବୁ ଦୁଃଖକୁ ଚାପି ରଖି ପିଲାମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ପ୍ରଚେଷ୍ଟା କରିଥାଆନ୍ତି । ଘରୁ ସୁ-ସଂସ୍କାର ଦ୍ୱାରା ପିଲାମାନେ ହିଁ ବଡ଼ ହୋଇ ଥାଆନ୍ତି । ନୀତି, ଆଦର୍ଶ, ଅନୁଶାସନରେ ହିଁ ସେମାନେ ନିଜକୁ ସୁପ୍ରତିଷ୍ଠିତ କରିଥାଆନ୍ତି । ଯେତେବେଳେ ପିଲା ବଡ଼ ହୁଏ ଏବଂ କର୍ମସଂସ୍ଥାନ ପାଇସାରିଲା ପରେ ବିବାହ ବନ୍ଧନରେ ଆବଦ୍ଧ ହୋଇ ସାରିଲା ପରେ କିଛିକାଂଶରେ ପୁଅର ଅସଲ ଚେହେରା ପଦାକୁ ଆସିଥାଏ । ଯାହାକି ବାର୍ଦ୍ଧକ୍ୟ ଅବସ୍ଥାରେ ପିତା-ମାତାଙ୍କ ପାଇଁ ଦୁଃଖର ଜୁଆର ମାଡ଼ି ଆସେ । ଗୃହବନ୍ଦୀ ଭାବେ ସେମାନଙ୍କୁ ଆବଦ୍ଧ କରାଯାଇଥାଏ । ପୁଅ-ବୋହୂ ମାନଙ୍କ ଶାସନରେ ସେମାନେ ଶାସିତ ହୋଇ ବହୁ ଦୁଃଖ-କଷ୍ଟରେ ଜୀବନ ଧାରଣ କରିଥାଆନ୍ତି । ଏମିତି ଏକ ଉଦାହରଣ ଆଜି ଯେତେବେଳେ ଶୁଣିଲି ବହୁତ କଷ୍ଟ ଲାଗିଲା । ଭାବି ପାରିଲି ନାହିଁ ଏମିତି ବି ଏଇ ସଂସାରରେ ପୁଅ ଜନ୍ମ ହୋଇଛନ୍ତି । ଜନୈକ ବନ୍ଧୁଙ୍କ ସହ ଆଜି ଯେତେବେଳେ ଭେଟ ହେଲା କଥା ପ୍ରସଙ୍ଗ ଛଳରେ ତାଙ୍କ ଘର ପଡ଼ିଶାର କାହାଣୀ ମୋତେ ଶୁଣାଇଲା । ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଏତେ ବଡ଼ ଧନୀ ଘରର ପୁଅ ହୋଇଥିବା ବେଳେ ଜଣେ ସୁପ୍ରତିଷ୍ଠିତ ଚିକିତ୍ସକ ହୋଇ ସୁନାମ ଅର୍ଜନ କରିଛନ୍ତି । ଅଥଚ ତାଙ୍କ ହୃଦୟ ଭିତରେ ଏପରି କଦର୍ଯ୍ୟ ଅମାନବିକ ବ୍ୟବହାର ଯେ ପିତା-ମାତାଙ୍କ ପ୍ରତି ଲୁଚି ରହିଥିଲା ତାହା ପିତା-ମାତାଙ୍କ ବାର୍ଦ୍ଧକ୍ୟ ଅବସ୍ଥାରେ ପରିପ୍ରକାଶିତ ହେଲା । ତାଙ୍କ ବାପା ଜଣେ ଉଚ୍ଚପ୍ରତିଷ୍ଠିତ ବ୍ୟବସାୟୀ ହୋଇଥିବା ବେଳେ ସୁନ୍ଦର ଅଟ୍ଟାଳିକା ସମସ୍ତଙ୍କ ଆଖିକୁ ଝଲସାଇ ଦେଉଛି । ଗୋଟିଏ ବୋଲି ପୁଅ, ଗେହ୍ଲାରେ ପୁଅର ସବୁ ଇଚ୍ଛା ପୂରଣ କରିବା ସହ ପୁଅଟି ମଧ ଭଲ ପାଠ ପଢ଼ି ଜଣେ ଡାକ୍ତର ହିସାବରେ ସୁନାମ ଅର୍ଜନ କରିଛନ୍ତି । ଚାକିରୀ କରିବା ପରେ ପୁଅଟିକୁ ଜଣେ ସୁ-ଶିକ୍ଷିତା ଝିଅ ସହ ବିବାହ କରାଇଲେ । କିଛି ବର୍ଷ ଖୁବ୍ ଆନନ୍ଦରେ ପୁଅ-ବୋହୂଙ୍କ ସହ ବାପା- ମାଆ ଖୁସିରେ ଦିନ କଟାଇଲେ । ନାତି-ନାତୁଣୀଙ୍କ ସହ ଆନନ୍ଦରେ ଜେଜେ ବାପା- ଜେଜେ ମାଆ ଆସନ ନିଭାଇ ତାଙ୍କର କର୍ତବ୍ୟ ସୁଚାରୁ ରୂପେ କରାଇଲେ । ବାର୍ଦ୍ଧକ୍ୟରେ ଉପନୀତ ହେବା ପରେ ଜଣାପଡ଼ିଲା ପୁଅର ଅସଲ ଚେହେରା । ବାପା କିଛି ବର୍ଷ ରୋଗାକ୍ରାନ୍ତ ହୋଇ ବିଛଣା ଧରିଲେ । ଅବଶ୍ୟ ତାଙ୍କର ସ୍ତ୍ରୀ ସ୍ୱାମୀଙ୍କ ସମସ୍ତ ସେବା ଯୋଗାଇ ଦେଇଥାଆନ୍ତି । ଏମିତି କିଛି ବର୍ଷ ଗଲା ପରେ ବାପାଙ୍କର ଦେହାନ୍ତ ହୋଇଗଲା । ଏବେ ପାଳି ପଡ଼ିଲା ମାଆଙ୍କର । ମାଆ ମଧ ବ□ମାନ ବାର୍ଦ୍ଧକ୍ୟ ସହ ରୋଗଗ୍ରସ୍ତା । ଆଣ୍ଠୁ ଯନ୍ତ୍ରଣା ସହ ମୁହଁ , ପାଦ ସବୁ ଫୁଲିକି ଠଳଠଳ । ପୁଅକୁ କହିଲେ ବାପାରେ ! ତୁ ତ ଡାକ୍ତର ମତେ ବହୁତ କଷ୍ଟ ହେଉଛି ମ କଥା ଟିକେ ବୁଝ । ପୁଅ କହିଲା - ମାଆ ତୁମେ ଏବେ ତୁମ ନିଜ ବ୍ୟବସ୍ଥା କର । ମୁଁ ଠିକା ନେଇ ନି ତୁମର ସେବା କରିବା ପାଇଁ । ଯଦି ବେଶୀ ରାଉରାଉ ହେବ ତାହାଲେ ତୁମକୁ ଘରୁ ବାହାର କରିବା ପାଇଁ ମଧ ବେଶୀ କଷ୍ଟ କରିବାକୁ ପଡ଼ିବ ନାହିଁ । ଯେତେ କଷ୍ଟ ହେଉନା କାହିଁକି ନିଜେ ରାନ୍ଧବାଢ଼, ନିଜ ଚିକିତ୍ସା ନିଜେ କର । ସଂପତି ବାଡ଼ିକୁ ଝିଅକୁ ଦେବ ବୋଲି କହୁଛ ଯାଉନ ତୁମେ ଝିଅ ପାଖରେ ରହିବ । ମୁଁ, ମୋ ସ୍ତ୍ରୀ କି ମୋ ପିଲାମାନେ ତୁମର ସେବା କରିପାରିବୁ ନାହିଁ , କି ତୁମକୁ ଟଙ୍କାଟିଏ ବି ଦେବୁ ନାହିଁ । ପୁଅର ଏ କର୍କଶ ବାଣୀ ଶୁଣି ଦୁଇ ଠୋପା ଲୁହ ଝରି ପଡ଼ିଲା ଆଖିରୁ । ମୋର ସେ ବନ୍ଧୁ ଜଣକ ସେଇ ବୟସ୍କା ମାଆର ଯେତେବେଳେ ଦରକାର ସେ ନିଃ ସଂକୋଚ ଭାବେ ସେବା କରୁଛନ୍ତି । ଅବଶ୍ୟ ଏଇ ସପ୍ତାହ ତଳେ ତାଙ୍କ ଝିଅ ଆସି ମାଆକୁ ନିଜ ପାଖକୁ ନେଇ ଯାଇଛନ୍ତି । ବ□ମାନ ପୁଅ-ବୋହୂ ତାଙ୍କ ପିଲାମାନଙ୍କ ସହ ଆନନ୍ଦ କରୁଥିବା ବେଳେ ଯେପରି କିଛି ଅଶାନ୍ତି ନ ହଉ ଏଇ କଥା ଭାବି ପୂଜାପାଠରେ ଲାଗିଛନ୍ତି । ଦାନ, ଧର୍ମ, ହୋମଯଜ୍ଞ କରି ଦେଖାଣିଆ ଭାବେ ଜଣେ ଧାର୍ମିକ ଲୋକ ବୋଲି ବାହାରକୁ ଦେଖାଉଛନ୍ତି । ଏହା କ'ଣ ଜଣେ ଶିକ୍ଷିତ ପୁଅର କର୍ତବ୍ୟ କି ? ଏଠି ଆମେ ବୋହୂର ଦୋଷ ଦେଉ ନାହୁଁ କାହିଁକି ନା ପୁଅ ଯଦି ଠିକ୍ ଥିବ ସେ କେବେ ବି ବୋହୂର କୁ ଉପଦେଶକୁ ଶୁଣିବ ନାହିଁ । ବିବାହ ପରେ କେବଳ ଯେ ପୁଅଟି ତା' ସ୍ତ୍ରୀ କଥାକୁ ନେଇ ଚାଲିବ ତାହାର କିଛି ଅର୍ଥ ନାହିଁ । ସୃଷ୍ଟି ରକ୍ଷା ନିମନ୍ତେ ବିବାହ ନିହାତି ଆବଶ୍ୟକ। କର୍ତବ୍ୟ ପାଇଁ ଭଗବାନ ଏ ସଂସାରକୁ ଆମ ସମସ୍ତଙ୍କୁ ପଠାଇଥିବା ବେଳେ ଆମେ ମାନେ ଯଦି କର୍ତବ୍ୟରୁ ବିଚ୍ୟୁତ ହେବା ତାହାଲେ ପ୍ରଭୁଙ୍କ କଠୋର ଦଣ୍ଡରୁ ଆମେ ରକ୍ଷା ପାଇପାରିବା ନାହିଁ । ଜଣେ ସ୍ତ୍ରୀ ତା'ର ମଧ ଉପଯୁକ୍ତ କର୍ତବ୍ୟ ଶାଶୁ ଘର ଲୋକଙ୍କ ପ୍ରତି ରହିବା ଉଚିତ । ତା' ନକରି ସେ ଯଦି ଶାଶୁ ଘରେ ଗୁରୁଜନ ଲୋକ ଥାଇ ସୁଦ୍ଧା ନିଜକୁ ନିଜେ ସର୍ବେସର୍ବା ଭାବିବ ତାହାଲେ ତା'ର ବୋହୂପଣିଆର କ'ଣ ମହତତ୍ୱ ରହିଲା । ସ୍ୱାମୀ-ସ୍ତ୍ରୀ ଉଭୟ ମିଶି ଯଦି ବିବାହ ପରେ ସୁକର୍ମରେ ଲିପ୍ତ ରହିବେ ତେବେ ସୁ-ସନ୍ତାନ ଜନ୍ମ ହୋଇ ସେମାନଙ୍କ ପ୍ରତି ଉପଯୁକ୍ତ କର୍ତବ୍ୟ କରିବା ସହ ବାର୍ଦ୍ଧକ୍ୟ ଅବସ୍ଥାରେ ସୁଖରେ ରହିବେ ଏହା ସୁନିଶ୍ଚିତ । ତେଣୁ ନିଜେ ନିଜକୁ ଠିକ୍ ହେବାକୁ ଚେଷ୍ଟା କରନ୍ତୁ । ତାହାଲେ ବାପା- ମାଆଙ୍କ ଆର୍ଶିବାଦ ପାଇବା ସହ ଭଗବାନଙ୍କର ଆଶିର୍ବାଦ ନିଶ୍ଚିତ ଭାବେ ମିଳିବ । ଏ ହାତର ପାପ ସେ ହାତ ନିଏ ନାହିଁ । ଭଗବାନ କାହାକୁ କିଛି ଦିଅନ୍ତି ନାହିଁ କି କାହାଠୁ କିଛି ନେବାକୁ ଚାହାଁନ୍ତି ନାହିଁ । କର୍ମାନୁସାରେ ଫଳ ଏଇ କଥା ଭାବି ଆମେ ସମସ୍ତେ ଯଦି ସଚେତନ ହେବା ତାହାଲେ ଏ ଦୁନିଆରେ ଆମେ ଧର୍ମ ରକ୍ଷା କରି ଭଗବାନଙ୍କର ଆଶିଷ ଲାଭ କରିପାରିବା ।

✦✦✦






**ତିରୋଧାନ ଅବସରରେ ଦଳିତନେତା, ପୂର୍ବତନ ମନ୍ତ୍ରୀ ତଥା ସାଂସଦ ସ୍ୱର୍ଗତ 'ବୈରାଗୀ ଜେନା'ଙ୍କ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ**

# ସତରେ ବୈରାଗୀ : ବୈରାଗୀର କି ଘର ?

◆ ପ୍ରଦୀପ ସେନାପତି

ନିତ୍ୟାନ୍ତ ଗରିବ ହରିଜନ ପରିବାରରେ, ପୁଣି ଭଦ୍ରକ ଜିଲ୍ଲାର ସୁଦୂର ମଫସଲ ବାମନବିନ୍ଧାରେ ଜନ୍ମ ହୋଇ ମଧ୍ୟ ନିଜର ପ୍ରଚଣ୍ଡ ପ୍ରତିଭା ପାଇଁ ନିଜକୁ ସାରା ଓଡ଼ିଶାରେ ପ୍ରତିଷ୍ଠିତ କରିପାରିଥିବା ବୈରାଗୀ ଜେନା ଭଦ୍ରକ ହାଇସ୍କୁଲରେ ପାଠପଢ଼ା ସାରି ଭଦ୍ରକ କଲେଜରେ ପଢୁଥିବା ବେଳେ ଗାଁରେ ଜମିଦାର ମାନଙ୍କ ଦ୍ୱାରା ଶୋଷିତ ଓ ଅତ୍ୟାଚାରିତ ହେଉଥିବା ଗ୍ରାମବାସୀମାନଙ୍କ ମନରେ ଜନଜାଗରଣ ସୃଷ୍ଟି କରିବାକୁ ଡାକରା ଦେଇଥିଲେ-"ଲାଲ ଝଣ୍ଡା ଧରି ଲାଲ ଶିରିପା ଭିଡ଼ି ଲାଲ ଫୌଜ ଚାଲରେ ।" ଗାଁର ଶ୍ମଶାନ ଓ ଗୋଚର ଜମିକୁ ଗାଁ ସାଉକାର ମନେ ଦଖଲ କରି ନେଉଥିବାରୁ ତା'ର ପ୍ରତିବାଦରେ ଡାକରା ଦେଇଥିଲେ-ଆମରି ଗାଁର ଶ୍ମଶାନ ଭୂଇଁ, ଶୈତାନ ତୁମେ ପାରିବନି ଛୁଇଁ, ଜାଳିପୋଡ଼ି ଧ୍ୱଂସ କରିଦେବି ମୁହିଁ, ରକ୍ଷା କରିବାକୁ ନଥିବେଟି କେହି । ଏହି ବାର୍ତ୍ତା ସେତେବେଳେ ଭଦ୍ରକର ଜନସାଧାରଣଙ୍କ ମନରେ ହୃଦୟଭରା ଜାଗରଣ ସୃଷ୍ଟି କରିବାରେ ସଫଳ ନେତୃତ୍ୱ ନେଇ ଶେଷରେ ନତମସ୍ତକ ହୋଇଥିଲେ ବୈରାଗୀ ଜେନାଙ୍କ ପାଖରେ ସାଉକାର ମାନେ । ୧୯୬୧ରେ ବିଜୁ ପଟ୍ଟନାୟକ ଓ ନିଳମଣି ରାଉତରାୟଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସରେ ଯୋଗଦେଲେ ଓ ଚାନ୍ଦବାଲିରୁ ପ୍ରଥମେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହେଲେ । ୧୯୬୭ର ପ୍ରବଳ କଂଗ୍ରେସ ବିରୋଧି ଜନମତରେ ବିଜୁ-ପଟ୍ଟନାୟକ ଓ ନିଳମଣି ରାଉତରାୟ ଆଦିଙ୍କ ସହିତ ସେ ମଧ୍ୟ ପରାଜିତ ହେଲେ । ୧୯୭୧ରେ ଇନ୍ଦିରା ଗାନ୍ଧୀ 'ଗରିବ ହଟାଓ' ସ୍ଲୋଗାନରେ ବିଜୁବାବୁ ପା□ଟି ବିଧାନସଭା ଆସନରୁ ଓ ଦୁଇଟି ଲୋକସଭା ଆସନରୁ ପରାଜିତ ହୋଇ ଥିଲେ । ବୈରାଗୀ ଜେନା ମଧ୍ୟ ଚାନ୍ଦବାଲି ବିଧାନସଭା ଆସନରୁ ଉତ୍କଳ କଂଗ୍ରେସ ଟିକେଟରେ ଛିଡ଼ାହୋଇ ଗଙ୍ଗାଧର ଦାସଙ୍କ ଠାରୁ ହାରିଲେ । ୧୯୭୭ରେ ଜନତା ପାର୍ଟିରୁ ଭଦ୍ରକ ଲୋକସଭା ଆସନରୁ ଲୋକସଭାକୁ ନିର୍ବାଚିତ ହେଲେ । ୧୯୯୦ରେ ଜନତା ଦଳ ଟିକେଟରେ ଚାନ୍ଦବାଲିରୁ ନିର୍ବାଚିତ ହୋଇ ବିଜୁବାବୁଙ୍କ ମନ୍ତ୍ରୀମଣ୍ଡଳରେ ପ୍ରଥମେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ପରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ମନ୍ତ୍ରୀ ହେଲେ । କେତେକ ସ୍ୱାର୍ଥାନ୍ୱେଷୀଙ୍କ ଚକ୍ରାନ୍ତର ଶିକାର ହୋଇ ସରଳ ଓ ଅଳ୍ପକେ ସନ୍ତୁଷ୍ଟ ମଣିଷଟି ଅଯଥା ବଦନାମର ବୋଝ ମୁଣ୍ଡାଇଲେ । ଅନ୍ୟ ମାନେ ପଣସ ଖାଇ ତାଙ୍କ ମୁଣ୍ଡରେ ଅଠା ବୋଳି ତାଙ୍କୁ ବଦନାମ କଲେ ବୋଲି କେବଳ ବିଜୁ ପଟ୍ଟନାୟକ ନୁହେଁ, ସାଧାରଣ ଲୋକ ବି ହୃଦୟଙ୍ଗମ କଲେ । ୧୯୯୫ରେ ଅଂଟିଛୁରୀ ତଂଟି କାଟିଲା । ସେ ହାରିଲେ । ତାପରେ ଆସିଲା ବିପର୍ଯ୍ୟୟ । ଦୀର୍ଘଦିନର ରାଜନୈତିକ ଜୀବନରେ ସେ ବହୁ ବନ୍ଧୁ ଓ ଶତ୍ରୁ ସୃଷ୍ଟି କରିଥିଲେ । ଯେଉଁମାନେ ସୁଦିନରେ ତାଙ୍କ ଚାରିପାଖରେ ମାଳ ମାଳ ହୋଇ ବୁଲୁଥିଲେ, ସେମାନେ ତାଙ୍କ ପାଖ ବି ମାଡ଼ିଲେ ନାହିଁ । ନିଜ ପାଇଁ ତାଙ୍କ ଭିଟାମାଟିରେ ପକ୍କାଘର ତ ଦୂରର କଥା, ଖଣ୍ଡେ ମାଟିଘର ବି କରିପାରିଲେ ନାହିଁ । ୧୯୭୭ ମସିହାରେ ମନ୍ତ୍ରୀ ସ୍ୱର୍ଗତ ନଟବର ପ୍ରଧାନଙ୍କ ଦାନ ଓ ପ୍ରଚେଷ୍ଟାରେ ଯେଉଁ ଘର ଖଣ୍ଡିଏ କରିଥିଲେ ତା'ବି ତାଙ୍କ ନିଜ ନାମରେ କରିପାରି ନଥିଲେ । ଏପରିକି, ଭଦ୍ରକ ବା ଟାଉନ ବା ତିହିଡ଼ି ବଜାରରେ ଖଣ୍ଡେ ଜାଗା ମଧ୍ୟ କିଣିପାରି ନାହାଁନ୍ତି । ଯେଉଁ ଫାର୍ମ ହାଉସ ପାଇଁ ବଦନାମ ହେଲେ, ତାହା ଥିଲା ଚରମ୍ପା ଠାରୁ ପାଂଚ କିଲୋମିଟର ଦୂରରେ ମାତ୍ର ଦୁଇ ଏକର ସତାଅଶି ଡିସିମିଲ ଜଳଜମି । ଭୂବନ୍ଧକ ବ୍ୟାଙ୍କରେ ସେଇ ଜମି ବନ୍ଧା ରଖି ଲୋନ୍ ଆଣିଲେ ଓ ପଚିଶ ହଜାର ଟଙ୍କାର ସେ ଲୋନ୍ ଆଜି



ଲକ୍ଷେ ପଂଚାନବେ ହୋଇଛି । ସେଠି ଗୋଟେ ପୋଖରୀ ଖୋଳି ତାକୁ ପୋତି ଗୋଟେ କୁଡ଼ିଆ ଘର କରି ରହୁଥିଲେ । ପୁରୁଣା କାର୍‌ଟିଏ କିଣିଥିଲେ ୩୦ ହଜାର ଟଙ୍କା ଦେଇ ଯାହା ମନ୍ତ୍ରୀ ଥିବା ସମୟରେ ଟି.ଏ.ରୁ ବି ସମୁଦାୟ ଟଙ୍କା ଶୁଝିପାରି ନଥିଲେ । ସରକାର ଗଲା ପରେ ସେଇ କାର୍‌ଟି ଭଡ଼ାରେ ଚଳାଇ ପେଟ ପୋଷିବା ପାଇଁ ତାହା ଥିଲା ଏକମାତ୍ର ସମ୍ବଳ । ଶେଷରେ ତାକୁ ମଧ୍ୟ ବିକି ଦେଇ କିଛିଦିନ ଚଳିଲେ । ଭଣ୍ଡାରୀ ପୋଖରୀ ବଜାରରେ ସେହି ୭୨୨୭ ନମ୍ବର ଗାଡ଼ି ଭଡ଼ା ପାଇଁ ଠିଆ ହୋଇଥିଲେ ଏବଂ ଆମ୍ଭେମାନେ ଦେଖିଲେ ଛାତି ଫାଟିଯାଏ । ଭଡ଼ା ଦେବାକୁ ଦୋକାନ ଘର କରିବା ପାଇଁ ବ୍ୟାଙ୍କରୁ ଏକ ଲକ୍ଷ ପଚାଶ ହଜାର ଟଙ୍କା ଲୋନ୍ କଲେ ଓ ତାର ସୁଧମୂଳ ମିଶି ଚାରିଲକ୍ଷ ଅଶି ହଜାର ଟଙ୍କା ତାଙ୍କର ବେକାରୀ ପୁଅମାନଙ୍କ ମୁଣ୍ଡରେ ବାନ୍ଧି ଦେଇ ଚାଲିଗଲେ । ଏତେ ଦିନ ରାଜନୈତିକ ଜୀବନରେ ଗୋଟିଏ ପୁଅର ବି ଚାକିରି ଖଣ୍ଡିଏ ଦେଇପାରିଲେ ନାହିଁ ବା ବେପାର କରାଇ ଦେବାକୁ ଗୋଟିଏ ଟଙ୍କା ପୁଞ୍ଜି ଯୋଗାଇ ପାରିଲେ ନାହିଁ । ସତରେ ସେ ବୈରାଗ୍ୟ ଜୀବନ ବିତାଇ ମଝି ଦରିଆରେ ତାଙ୍କୁ ଛାଡ଼ି ଚାଲିଗଲେ । ସାରା ଜୀବନ ନିଜେ ଜଳି ଅନ୍ୟକୁ ଆଲୋକ ଦେବାରେ ଅଭ୍ୟସ୍ତ ଲୋକଟା କ୍ଷମତା ପାଇଲା ମାତ୍ରେ କିଛି ଚକ୍ରାନ୍ତକାରୀ ଗୋଷ୍ଠୀଙ୍କ ଶିକାର ହୋଇଯାଆନ୍ତି । କ୍ଷମତା ଚାଲିଗଲା ପରେ ଯେଉଁ ଏକୁଟିଆକୁ ସେଇ ଏକୁଟିଆ । ପୁଣି କ୍ଷମତା ଆସେ, ପୁଣି ସେଇମାନେ ଆସନ୍ତି । ପୁଣି କ୍ଷମତା ଯାଏ, ସେମାନେ ଦୂରେଇ ଯାଆନ୍ତି । ତାଙ୍କ ବୈରାଗ୍ୟ ଜୀବନରେ ଗଲା ଦିନର ଅଭିଜ୍ଞତାରୁ କିଛି ଶିକ୍ଷା ପାଇଲା ପରି ମନେ ହେଉନଥିଲା । "ବାୟା ଚଢେଇର କି ଯାଏ-ବାଆ ହେଲେ ବସା ଦୋହଲୁଥାଏ" ପରି ସେ ନିର୍ବିକାର ବୈରାଗୀଟିଏ ଥିଲେ । ତାଙ୍କର ଜ୍ୟେଷ୍ଠପୁତ୍ର ଅମୂଲ୍ୟ ଭାଇ ମୋର ଏହି ଲେଖା ଦେଖି ମୋତେ କହିଲେ, ପ୍ରଦୀପ ଭଗବାନଙ୍କୁ ଡ଼ାକ ବାବା ମୋର ଆଉ ପୁନର୍ଜନ୍ମ ନ କରନ୍ତୁ । ଯଦି ବା ପୁଣି ଜନ୍ମ ନିଅନ୍ତି, ତେବେ ଏହିଭଳି ବରଡ଼ା ଛତା ଧରି ବୈରାଗୀ ହୁଅନ୍ତୁ, ସଂସାର ନ କରନ୍ତୁ । ମଣିଷ ତ ଭୁଲ୍ କରେ, ସତେ ଯେମିତି ଭୁଲ କରିବାକୁ ମଣିଷ ଜନ୍ମ ହୁଏ, ମଣିଷ କ'ଣ ? ଦେବତା ବି ମଣିଷ ଦେହ ଧରି ଜନ୍ମ ହେଲେ ଭୁଲ୍ କରନ୍ତି । ଅବଶ୍ୟ ସମାଜରୁ ସେଥିରୁ କିଛି ଶିକ୍ଷା ମିଳେ । ସେ ଗଲେ, ମୁଁ ଯିବି, କିନ୍ତୁ ବୈରାଗୀ ଜେନାଙ୍କ ସାଧାରଣ, ପାରିବାରିକ ଓ ରାଜନୈତିକ ଜୀବନରୁ ଆଜିର ନେତା, ଯୁବନେତା ମାନେ ବହୁତ ଶିକ୍ଷା କରିବାର ଓ ସାବଧାନ ହେବାର ଆବଶ୍ୟକତା ରହିଛି ବୋଲି ମୋର ମତ । ତେଣୁ ଆଜିର ଏହି ପବିତ୍ର ୨୪ତମ ଶ୍ରାଦ୍ଧ ବାର୍ଷିକ ଅବସରରେ ଆଦର୍ଶ ପୁରୁଷ ତଥା ଆମର ଆଦରଣୀୟ ପ୍ରିୟନେତାଙ୍କ ପ୍ରତି ମୋର ସହୃଦୟତାର ସହିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

*ରାଜ୍ୟ ସଭାପତି , ବୈରାଗୀ ଜେନା ସ୍ମୃତି ସଂସଦ ତଥା ରାଜ୍ୟ ସଭାପତି ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ, ଓଡ଼ିଶା, ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର-୨, ମୋ : ୭୮୪୮୮୯୮୪୫୬*

# ଦେଶୀ ରନ୍ଧା ମଦ ଜବତ : ୨ ଗିରଫ



ସିମୁଳିଆ : (ନି.ପ୍ର)ବାଲେଶ୍ୱର ଅବକାରୀ ଅଧିକ୍ଷକ ଶେଖ ଅସଫ ଅଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଖଇରା ଥାନା ଅନ୍ତର୍ଗତ ଚନ୍ଦ୍ରଟିକିରି ଓ ମଲ୍ଲିକାପୁର ଗ୍ରାମରେ ଚଢ଼ାଉ କରାଯାଇ ୫୦ ଲିଟର ଦେଶୀ ରନ୍ଧା ମଦ ଜବତ କରାଯିବା ସହିତ ଚନ୍ଦ୍ରଟିକିରି ଗ୍ରାମର ଜୀବନ ସୋରେନ ଏବଂ ମଲ୍ଲିକାପୁର ଗ୍ରାମର ଲକ୍ଷ୍ମଣ ପରିଡ଼ା ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଲ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୦୨ ଗୋଟି ମାମଲା ରୁଜୁ କରାଯାଇଛି ।

# ସାଇବର ସୁରକ୍ଷା ଉପରେ ଶିଶୁ ଓ ଅଭିଭାବକମାନଙ୍କ ସଚେତନତା ଶିବିର

ବଲାଙ୍ଗୀର : (ହି.ସ.) – ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ପୁଇନ୍ତଲା ବ୍ଲକ୍‌ର ରାମଜୀ ଉଚ୍ଚ ବିଦ୍ୟାଳୟ କୁରୁଲ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ବଲାଙ୍ଗୀର ତରଫରୁ ଏକ ସାଇବର ସୁରକ୍ଷା ଉପରେ ଶିଶୁ ଓ ଅଭିଭାବକମାନଙ୍କ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆନନ୍ଦ କୁମାର ସାହୁ ପ୍ରଧାନ ଶିକ୍ଷକଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଆରମ୍ଭ କରାଗଲା । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସାମାଜିକ କର୍ମୀ ଅରୁଣ ଖୁଆସ କହିଲେ ସାଇବର ସୁରକ୍ଷା ପାଇଁ ରଖିବା, ଅନ୍ୟାନ୍ୟ ଅଜଣା ଲିଙ୍କକୁ କ୍ଲିକ୍ ନକରିବା, ସାଇବର୍ ବୁଲିଂ ଅର୍ଥାତ୍ ଭୟଭୀତ କରୁଥିବା ବିଷୟ ଜଣାଇବା ଏବଂ ସରକାରୀ ସହାୟତା ନମ୍ବର ୧୯୩୦କୁ ତୁରନ୍ତ ଜଣାଇବା ପାଇଁ ବୁଝାଇ କହିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷକ ଦିଗମ୍ବର ନାୟକ ଶିଶୁମାନେ ଶିକ୍ଷା ପ୍ରତି ଆଗ୍ରହ ହୋଇ ବୈଷୟିକ, ସେଲ୍ଫ ଫାଇନାନ୍ସ, ପିପିପି ମୋଡ, ବୃତିଭିତିକ ଶିକ୍ଷାରେ ନିଯୁକ୍ତି ସୁଯୋଗ ଥିବାରୁ ଅନୁସରଣ କରିବାକୁ ପ୍ରବର୍ତ୍ତେଥିଲେ । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତୀ ଯେକୌଣସି ଅନଲାଇନ ତଥା ଫେସବୁକ୍, ଇନଷ୍ଟାଗ୍ରାମ, ୱାଟସେପ୍, ୟୁଟ୍ୟୁବ ଭିଡିଓ, ମେସେଜର ଭଲ ଦିଗଗୁଡ଼ିକୁ ଅନୁସରଣ କରି ଭୁଲ ଦିଗକୁ ବ୍ୟବହାର ନକରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସାମାଜିକ କର୍ମୀ ହରିବନ୍ଧୁ ରାଉତ ଶିଶୁମାନଙ୍କୁ ଉତ୍ସାହିତ କରି ଧନ୍ୟବାଦ ଦେଇଥିଲେ ।

# ବ୍ରଜ ଦାସଙ୍କ ସ୍ମୃତି ସମାରୋହ




ଭଦ୍ରକ : ପଦ୍ମୁଆଁସ୍ଥିତ ସୂର୍ଯ୍ୟମନ୍ଦିର ପରିସରରେ ବ୍ରଜ କିଶୋର ଦାସଙ୍କ ସ୍ମୃତି ସମାରୋହ ଡ.ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସଭାରେ ବାସୁଦେବପୁରର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅଶୋକ କୁମାର ଦାସ, ଆକାଶବାଣୀ ଓ ଦୂରଦର୍ଶନ ଗୀତିକାର ପିତାମ୍ବର ମିଶ୍ର, ଡା. ଶ୍ରୀକାନ୍ତ ମହାନ୍ତି, ଶ୍ରୀମତୀ ମନୋରମା ଆଚାର୍ଯ୍ୟ, ଗଗନ ବିହାରୀ ମହାନ୍ତି, ଆଡ଼ଭୋକେଟ ଦିବାକର ଦାସ, ଚନ୍ଦ୍ର କୁମାର ପଟ୍ଟନାୟକ, ନିରୁଜା ପଟ୍ଟନାୟକ, ସୁଜାତା ପଟ୍ଟନାୟକ, ବୃନ୍ଦାବନ ଦାସ, ନିତ୍ୟାନନ୍ଦ ଦାସ, ଦେବାଶିଷ ମହାନ୍ତି ଓ ସହଦେବଖୁଂଟା ପୋଲିସ ଅଧିକାରୀ ମାନସ ଭାଇ ପ୍ରମୁଖ ଯୋଗଦାନ କରି ବ୍ରଜ ଦାସ ଜଣେ ଏକଧାରାରେ ସତ୍ୟନିଷ୍ଠ ପୋଲିସ ଅଫିସର , ମିଷ୍ଟଭାଷୀ, ଉଦାରବାଦୀ, ସମାଜସେବୀ ଓ ବସୁଧୈବ କୁଟୁମ୍ବକମ୍ ବିଚାରଧାରାର ମଣିଷ ବୋଲି ପୃଥକ ପୃଥକ ବକ୍ତବ୍ୟ ରଖିଥିଲେ । ପ୍ରଥମେ ବେଦପାଠ ସହିତ ଦୁଇ ମିନିଟ୍ ବ୍ରଜଦାସଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ ସଭାକୁ ବୀର କିଶୋର ଦାସ, କୃତବିଦ୍ୟ ଦାସ, ଟିକନ ଦାସ, ଲିଟୁ ଦାସ, ଯଯାତି ଦାସ, ନବ ଦାସ, ବିଦ୍ୟାଧର ମିଶ୍ର ପ୍ରମୁଖ ସଂଚାଳନ କରିଥିଲେ ।

# ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଚିଠା ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ

ବଲାଙ୍ଗିର : (ହି.ସ.)- ବଲାଙ୍ଗିର ଜିଲ୍ଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଚିଠା ଭୋଟର ତାଲିକା ଡ୍ରାଫ୍ଟ ଇଲେକ୍ଟ୍ରିକାଲ ରୋଲ) ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି । ଏହି ଉପଲକ୍ଷେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଗୌରବ୍ୱ ଶିବ୍ୱାଜୀ ଇସଲୱ୍ୱାରଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଶ୍ରୀ ଇସଲୱ୍ୱାର ଚିଠା ଭୋଟର ତାଲିକାର ସବିଶେଷ ତଥ୍ୟ ପ୍ରଦାନ କରି କହିଥିଲେ ଯେ, ଚିଠା ଭୋଟର ତାଲିକା ସମ୍ପର୍କରେ ଦାବି ଓ ଆପତି ଆବେଦନ ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଗ୍ରହଣ କରାଯିବ । ପ୍ରାପ୍ତ ଆବେଦନ ଗୁଡ଼ିକ ଉପରେ ୫ ଜୁଲାଇରୁ ୨ ସେପଟ୍ମ୍ବର ୨୦୨୬ ପର୍ଯ୍ୟନ୍ତ ନୋଟିସ ଜାରି ଓ ଶୁଣାଣି ପ୍ରକ୍ରିୟା ଚାଲିବ । ଏହି କାର୍ଯ୍ୟ ପାଇଁ ଜିଲ୍ଲାର ୫ ଜଣ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇ ଆର ଓ ) ଏବଂ ୩୪ ଜଣ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏ ଇ ଆର ଓ)ଙ୍କୁ ଦାୟିତ୍ୱ ଦିଆଯାଇଛି । ଭୋଟରଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ମତଦାନ କେନ୍ଦ୍ରଗୁଡ଼ିକର ସଂଗତିକରଣ କରାଯାଇଛି । ଏହାଫଳରେ ମତଦାନ କେନ୍ଦ୍ର ସଂଖ୍ୟା ୧୫୬୧ରୁ ବୃଦ୍ଧି ପାଇ ୧୭୬୦ରେ ପହଂଚିଛି । ଜିଲ୍ଲାର ପ୍ରାକ୍-ଚିଠା ଭୋଟର ସଂଖ୍ୟା ୧୩,୪୩,୮୧୬ ଥିବାବେଳେ ସଂଶୋଧିତ ଚିଠା ତାଲିକାରେ ବିଭିନ୍ନ କାରଣରୁ ଏହା ୧୨, ୪୪, ୫୫୮କୁ ହ୍ରାସ ପାଇଛି । ଏହି କାରଣଗୁଡ଼ିକ ମଧ୍ୟରେ ମୃତ୍ୟୁ, ସ୍ଥାୟୀ ଭାବେ ସ୍ଥାନାନ୍ତର, ପୂର୍ବରୁ ନାମ ପଞ୍ଜୀକୃତ ହୋଇସାରିବା ଓ ଅନ୍ୟାନ୍ୟ କାରଣ ରହିଛି । ତେବେ ନିର୍ବାଚନମଣ୍ଡଳୀ ଭିତିକ ଭାବେ ଲୋଇସିଂହାରେ ୨, ୨୩, ୪୪୧, ପାଟଣାଗଡ଼ରେ ୨, ୮୮, ୬୬୫, ବଲାଙ୍ଗୀରରେ ୨, ୩୦, ୨୮୩, ଟିଟିଲାଗଡ଼ରେ ୨, ୪୧, ୭୧୮ ଏବଂ କଂଟାବାଞ୍ଜିରେ ୨, ୬୦,୪୫୧ ଜଣ ଭୋଟର ଚିଠା ତାଲିକାରେ ସ୍ଥାନ ପାଇଛନ୍ତି । ସମସ୍ତ ଯୋଗ୍ୟ ଭୋଟର, ବିଶେଷକରି ନୂତନ ଯୁବ ଭୋଟରଙ୍କୁ ନିଜ ନାମ ଓ ବିବରଣୀ ଯାଂଚ୍ କରିବା ସହ କୌଣସି ତ୍ରୁଟି ଥିଲେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସଂଶୋଧନ ପାଇଁ ଆବେଦନ କରିବାକୁ ଜିଲ୍ଲା ପ୍ରସାଶନ ପକ୍ଷରୁ ନିବେଦନ କରାଯାଇଛି । କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ରହି ନିଜ ମତାମତ ରଖିଥିଲେ । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ବିଜୟାନନ୍ଦ ସେଠୀ, ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ, ନିର୍ବାଚନ ବିଭାଗର କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ

# ବନ ମହୋତ୍ସବ ସପ୍ତାହ ଅବସରରେ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ମେଗା ବୃକ୍ଷରୋପଣ

ସମ୍ବଲପୁର : (ହି.ସ.) - ପରିବେଶ ସୁରକ୍ଷା ଓ ନିରନ୍ତର ବିକାଶ ପ୍ରତିବଦ୍ଧତା ପୂର୍ବକ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ବନ ମହୋତ୍ସବ ସପ୍ତାହ-୨୦୨୬ ଅବସରରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପିଡବ୍ଲୁଓଡିଏଲ୍ର କର୍ପୋରେଟ୍ ସାମାଜିକ ଦାୟିତ୍ୱ ଅଧୀନରେ ଏହି କାର ?ୟ୍ୟକ୍ରମ ସହଯୋଗୀ ସଂସ୍ଥା 'ଆଲୋକ'ଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା । 'ଆଜି ଗୋଟିଏ ଗଛ, ଆସନ୍ତାକାଲି ହଜାର ହସ' ବନ ମହୋତ୍ସବର ମୂଳ ବାର୍ତ୍ତାକୁ ସାକାର କରି ପଶ୍ଚିମ ଓଡ଼ିଶାର ୯ ଟି ଜିଲ୍ଲାରେ କମ୍ପାନୀ ପକ୍ଷରୁ ୪,୩୦୦ରୁ ଅଧିକ ଚାରାରୋପଣ କରାଯାଇଛି । ଏହି ଅଭିଯାନର ଅଧିନରେ ଗତ ଜୁଲାଇ ୫ ତାରିଖ ଦିନ ସ୍ଥାନୀୟ ସମ୍ବଲପୁର ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ପରିସରରେ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଯେଉଁଠାରେ ଛାତ୍ର, ଅଧ୍ୟାପକ, ବନ ବିଭାଗ ଅଧିକାରୀ ଏବଂ କମ୍ପାନୀର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ୧,୦୦୦ ବୃକ୍ଷ ଚାରା ରୋପଣ କରିବାକୁ ଏକାଠି ହୋଇଥିଲେ । ଏହି ଅଭିଯାନର ନେତୃତ୍ୱ ନେଇଥିଲେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା, ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର ଏବଂ ବୁର୍ଲାର ଫରେଷ୍ଟର ରୋଶନି ନାୟକ । ପରିବେଶ ସଂରକ୍ଷଣ ପ୍ରତି ଏକ ମିଳିତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ୨୫୦ ରୁ ଅଧିକ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ବିଶେଷ କରି ଶିଶୁ ଓ ଯୁବପିଢ଼ିଙ୍କ ଉତ୍ସାହପୂର୍ଣ୍ଣ ସହଭାଗିତା କାର୍ଯ୍ୟକ୍ରମକୁ ଅଧିକ ପ୍ରେରଣାଦାୟକ କରିଥିଲା ଏବଂ ପରିବେଶ ସୁରକ୍ଷା ପ୍ରତି ଆଗାମୀ ପିଢ଼ିର ଦାୟିତ୍ୱବୋଧକୁ ପ୍ରତିଫଳିତ କରିଥିଲା । ବୁର୍ଲାରେ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ବ୍ୟତୀତ କମ୍ପାନୀ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲାରେ ୧,୦୦୦, କଳାହାଣ୍ଡିରେ ୭୦୦ ଏବଂ କମ୍ପାନୀର ବିଭିନ୍ନ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ସାମୁଦାୟିକ ସ୍ଥାନରେ ୧,୫୦୦ରୁ ଅଧିକ ବୃକ୍ଷ ଚାରାରୋପଣ କରାଯାଇଥିଲା । ଏହିପରି ସମୁଦାୟ ପଶ୍ଚିମ ଓଡ଼ିଶାରେ ୪,୩୦୦ରୁ ଅଧିକ ବୃକ୍ଷରୋପଣ କରାଯାଇ ପରିବେଶ ସୁରକ୍ଷା ଅଭିଯାନକୁ ଆହୁରି ସୁଦୃଢ଼ କରାଯାଇଛି । ଏହି ଅବସରରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଥିଲେ, 'ଟିପିଡବ୍ଲୁଓଡିଏଲ୍ ପାଇଁ ନିରନ୍ତର ବିକାଶ କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଆମ କାର୍ଯ୍ୟ ସଂସ୍କୃତିର ଏକ ଅଭିନ୍ନ ଅଂଶ । ଆଜି ରୋପଣ କରାଯାଉଥିବା ପ୍ରତ୍ୟେକ ବୃକ୍ଷ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ, ସବୁଜ ଓ ସୁରକ୍ଷିତ ପରିବେଶର ମୂଳଦୁଆ । ସମାଜ, ଶିକ୍ଷାନୁଷ୍ଠାନ ଏବଂ ଯୁବପିଢ଼ିଙ୍କ ସହଭାଗିତାରେ ଆମେ ପରିବେଶ ସୁରକ୍ଷାକୁ ଏକ ଜନଆନ୍ଦୋଳନରେ ପରିଣତ କରିବାକୁ ପ୍ରୟାସରତ । ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ସହିତ ଏକ ସବୁଜ, ସ୍ୱଚ୍ଛ ଓ ନିରନ୍ତର ବିକାଶଶୀଳ ପଶ୍ଚିମ ଓଡ଼ିଶା ଗଠନ ଆମର ଲକ୍ଷ୍ୟ ।' ଟିପିଡବ୍ଲୁଓଡିଏଲ୍ ନିଜର କର୍ପୋରେଟ୍ ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ମାଧ୍ୟମରେ ବୃକ୍ଷରୋପଣ, ଜୈବ ବିବିଧତାର ସୁରକ୍ଷା, ପରିବେଶ ସଚେତନତା ଏବଂ ସମୁଦାୟର ସକ୍ରିୟ ସହଭାଗିତାକୁ ପ୍ରୋତ୍ସାହିତ କରିଆସୁଛି । ଆଗାମୀ ଦିନରେ ମଧ୍ୟ ପରିବେଶ ସଂରକ୍ଷଣ ଏବଂ ନିରନ୍ତର ବିକାଶ ଲକ୍ଷ୍ୟକୁ ସାକାର କରିବା ପାଇଁ କମ୍ପାନୀ ଏଭଳି ଜନହିତକର ପଦକ୍ଷେପ ଜାରି ରଖିବ ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମାନସିକ ଅସୁସ୍ଥତା ଏବଂ ବୌଦ୍ଧିକ ଅକ୍ଷମତା ଉପରେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ : ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧୀକରଣ ଏବଂ ଭଦ୍ରକ ରେ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ପକ୍ଷରୁ ଗେଲ୍ ପୁର ସ୍ତିତ ସାଇ ସ୍ୱରୁପା ମାନସିକ ଭିନ୍ନକ୍ଷମ ବିଦ୍ୟାଳୟ ରେ ମାନସିକ ଅସୁସ୍ଥତା ଏବଂ ବୌଦ୍ଧିକ ଅକ୍ଷମତା ଥିବା ବ୍ୟକ୍ତିମାନଙ୍କୁ ଆଇନଗତ ସେବା ନାଲସା ଯୋଜନା, ଅନ୍ତର୍ଗତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଆଇନ ସେବା ପ୍ରାଧୀକରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ । ଅତିଥି । ଭାବେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧୀକାରୀ, ଭଦ୍ରକ ଦୃକ ସ୍ମିତା ମାଝି, ଏଲ ଏ ଡି ସି ଭଦ୍ରକ, ଡେପୁଟି, ପ୍ରତିପକ୍ଷ ଅଧୀବକ୍ତା, ମୋଜାହିଦ ଅଖତର ଖାନ, ଏଲ ଏ ଡି ସି, ଭଦ୍ର ଦ୍ରକ, ସହାୟକ ପ୍ରତିପକ୍ଷ ଅଧୀବକ୍ତା ବହ୍ନିଶିଖା ବିଶ୍ୱାଳ । ପ୍ରଧାନ ଶିକ୍ଷୟିତ୍ରୀ, ରଜନିରାଣୀ ପତି, ପରିଚାଳକ, ଶରତ କୁମାର ଆଚାର୍ଯ୍ୟ ତଥା ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଗଣ ଏବଂ ସେମାନଙ୍କ ଅଭିଭାବକ ଭାବେ ପିତା ମାତା ଉପସ୍ଥିତ ଥୂଲେ । ମାନସିକ ଅସୁସ୍ଥତା ଏବଂ ବୌଦ୍ଧିକ ଅକ୍ଷମତା ଥୂବା ବ୍ୟକ୍ତିବିଶେଷଙ୍କ ପାଇଁ ପରିବାରର ସଦସ୍ୟମାନେ ଏକ ଅମୂଲ୍ୟ ସମ୍ବଳ । ମାନସିକ ରୋଗ ହେଉଛି ଏପରି ଏକ ବ୍ୟାଧୂ ଯାହା ଜଣେ ବ୍ୟକ୍ତିଙ୍କ ମନୋଭାବ, ଚିନ୍ତାଧାରା କିମ୍ବା ଆଚରଣକୁ ପ୍ରଭାବିତ କରେ । ସେଥୂପାଇଁ ସେମାନଙ୍କୁ ଭଲ ବ୍ୟବହାର, ମାନସିକ ରୋଗର ସୁ-ପରିଚାଳନା ଏବଂ ମୁକାବିଲା ପାଇଁ ସୁସ୍ଥ ଦୈନନ୍ଦିନ ଅଭ୍ୟାସ ସହ ନିର୍ଦ୍ଧାରିତ ଭାବରେ ଔଷଧ ସେବନ, ସନ୍ତୁଳିତ ଖାଦ୍ୟ ଖାଇବା ତଥା ନିୟମିତ ଶାରୀରିକ ବ୍ୟାୟାମ କରିବା ଇତ୍ୟାଦି ବିଷୟରେ ସଚେତନ କରାଯାଇଥିଲା ।





# ସ୍ୱଚ୍ଛ ଶକ୍ତିର ବ୍ୟାପକ ପ୍ରସାର: ବିକାଶଶୀଳ ଦେଶମାନଙ୍କ ପାଇଁ ବ୍ୟବହାରିକ ପଥ



ଶ୍ରୀ ଶ୍ରୀପଦ ନାଏକ

ଭାରତର ବ୍ରିକ୍ସ ଅଧ୍ୟକ୍ଷତା, ସ୍ଥିତିସ୍ଥାପକତା, ନବୋନ୍ମେଷ, ସହଯୋଗ ଏବଂ ସ୍ଥାୟୀତ୍ୱ ଉପରେ ଆଧାରିତ ବ୍ୟବହାରିକ ମାର୍ଗଗୁଡ଼ିକୁ ଆଗକୁ ବଢ଼ାଇବା ପାଇଁ ଏକ ସୁଯୋଗ ପ୍ରଦାନ କରୁଛି । ବିଶ୍ୱରେ ଦିନକୁ ଦିନ ଅନିଶ୍ଚିତତା ଯେତିକି ମାତ୍ରାରେ ବଢ଼ିଚାଲିଛି ତାହା ସହିତ ତାଳ ଦେଇ ବୃଦ୍ଧି ପାଉଥିବା ଶକ୍ତି ଚାହିଦା ଏବଂ ବେଳକୁ ବେଳ ତୀବ୍ରତର ହେଉଥିବା ଜଳବାୟୁ ଚ୍ୟାଲେଞ୍ଜର ପରିସ୍ଥିତିରେ, ଅନ୍ତର୍ଜାତୀୟ ସମୁଦାୟ ସମ୍ମୁଖରେ ଜରୁରୀ ହେଉଛି ଏପରି ଶକ୍ତି ପ୍ରଣାଳୀ ନିର୍ମାଣ କରିବା ଯାହା ସ୍ୱଚ୍ଛ, ଅଧିକ ସୁରକ୍ଷିତ, ସୁଲଭ ଓ ନିର୍ଭରଯୋଗ୍ୟ ହୋଇଥିବ ଏବଂ ବିକାଶଶୀଳ ଅର୍ଥନୀତିଗୁଡ଼ିକର ବିକାଶ ଆବଶ୍ୟକତା ଏବଂ ଆର୍ଥିକ ଆକାଂକ୍ଷା ସହିତ ଉପଯୁକ୍ତ ସମନ୍ୱୟ ରକ୍ଷା କରୁଥିବ । ସ୍ୱଚ୍ଛ ଶକ୍ତି କ୍ରମଶଃ ଶକ୍ତି ସୁରକ୍ଷା, ଶିଳ୍ପ ଅଭିବୃଦ୍ଧି ଏବଂ ଦୀର୍ଘକାଳୀନ ବିକାଶର ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ ହୋଇପଡୁଛି । ଏହା ଅସ୍ଥିର ଇନ୍ଧନ ବଜାର ପ୍ରତି ମନରେ ଥିବା ଦୁର୍ବଳତାକୁ ହ୍ରାସ କରିପାରିବ, ଶକ୍ତି ପ୍ରବେଶକୁ ବିସ୍ତାରିତ କରିପାରିବ, ନିଯୁକ୍ତି ସୃଷ୍ଟି କରିବ, ଘରୋଇ ଶିଳ୍ପକୁ ମଜବୁତ କରିପାରିବ ଏବଂ ଜାତୀୟ ସ୍ଥିରତାକୁ ମଧ ବୃଦ୍ଧି କରିବାରେ ସହାୟକ ହୋଇପାରିବ । ତଥାପି ସ୍ୱଚ୍ଛ ଶକ୍ତିର ପଥ କଦାପି ସବୁଠାରେ ସମାନ ହୋଇପାରିବ ନାହିଁ । ସେଗୁଡ଼ିକୁ ଜାତୀୟ ପରିସ୍ଥିତି, ସମ୍ବଳ ପ୍ରଦାନ ଏବଂ ବିକାଶମୂଳକ ପ୍ରାଥମିକତାକୁ ପ୍ରତିଫଳିତ କରିବାକୁ ପଡିବ । ଏହିଠାରେ ବିକାଶଶୀଳ ଅର୍ଥନୀତିଗୁଡ଼ିକ ମଧ୍ୟରେ ସହଯୋଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । 'ବ୍ରିକ୍ସ' ସଦସ୍ୟଭୁକ୍ତ ରାଷ୍ଟ୍ରମାନଙ୍କ ମଧ୍ୟରେ ଅଧିକ ସହଯୋଗ ଶକ୍ତି ସୁରକ୍ଷା, ସ୍ଥିରତା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିର ସହଭାଗୀ ଲକ୍ଷ୍ୟଗୁଡ଼ିକୁ ଆଗକୁ ବଢ଼ାଇବା ସହିତ ସ୍ୱଚ୍ଛ ଶକ୍ତି ନିୟୋଜନକୁ ତ୍ୱରାନ୍ୱିତ କରିବାରେ ମଧ ସହାୟକ ହୋଇପାରିବ । ଭାରତର ନିଜସ୍ୱ ଅଭିଜ୍ଞତା ଦର୍ଶାଏ ଯେ ସ୍ୱଚ୍ଛ ଶକ୍ତି ଲୋକଙ୍କଠାରୁ ଆରମ୍ଭ ହେବା ଉଚିତ । ଗତ ଏକ ଦଶନ୍ଧି ଧରି, ପ୍ରଧାନମନ୍ତ୍ରୀ ସହଜ ବିଜୁଳି ହର ଘର ଯୋଜନା (ସୌଭାଗ୍ୟ) ଅଧୀନରେ, ଦେଶର ପ୍ରାୟ ୨୮.୬ ନିଯୁତ ପରିବାରକୁ ବିଦ୍ୟୁତ ସଂଯୋଗ ଯୋଗାଇ ଦିଆଯାଇଛି, ଯାହା ସାର୍ବଜନୀନ ବିଦ୍ୟୁତୀକରଣକୁ ଆଗକୁ ବଢାଇଛି ଏବଂ ଗ୍ରାମୀଣ ଏବଂ ଅନୁନ୍ନତ ଅଂଚଳରେ ଜୀବନଧାରଣ ମାନକୁ ଉନ୍ନତ କରୁଛି । ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପି.ଏମ.ୟୁ.ୱାଇ.) ଅଧୀନରେ, ମହିଳାମାନଙ୍କୁ ୧୦୫ ନିଯୁତରୁ ଅଧିକ ତରଳ ପେଟ୍ରୋଲିୟମ ବାଷ୍ପ (ଏଲ.ପି.ଜି.) ସଂଯୋଗ ପ୍ରଦାନ କରାଯାଇଛି, ଯାହା ସ୍ୱଚ୍ଛ ରୋଷେଇକୁ ପ୍ରୋତ୍ସାହିତ କରିବାରେ, ପରିବାରର ସ୍ୱାସ୍ଥ୍ୟକୁ ଉନ୍ନତ କରିବାରେ ଏବଂ କଷ୍ଟକୁ ହ୍ରାସ କରିବାରେ ସାହାଯ୍ୟ କରୁଛି । ଏହି ପଦକ୍ଷେପଗୁଡ଼ିକ ଏକ ଗୁରତ୍ୱପୂର୍ଣ୍ଣ ନୀତିକୁ ରେଖାଙ୍କିତ କରେ: ସ୍ୱଚ୍ଛ ଶକ୍ତି ଗ୍ରହଣ କେବଳ ମେଗାୱାଟ୍ ସ୍ଥାପିତ କିମ୍ବା ଯୋଗ କରାଯାଇଥିବା କ୍ଷମତାରେ ମାପ କରାଯାଇପାରିବ ନାହିଁ ବରଂ ଏଥି ଯୋଗୁ ସୃଷ୍ଟି ହୋଇଥିବା ସୁଯୋଗ, ଜୀବିକାକୁ ସୁଦୃଢ଼ କରିବା ଏବଂ ଜୀବନର ଗୁଣବତା ଉନ୍ନତ କରିବାରେ ମଧ ଏହା ବିଶେଷ ମହତ୍ୱ ରଖେ । ପ୍ରଥମେ ନାଗରିକ-ଏହି ପଦ୍ଧତିକୁ ମାତ୍ରା ଏବଂ ସହାୟକ ଭିତିଭୂମି ଦ୍ୱାରା ମେଳ ଖାଇବା ଆବଶ୍ୟକ । ନବୀକରଣୀୟ ଶକ୍ତି ଭାରତର ସ୍ୱଚ୍ଛ ଶକ୍ତି କାହାଣୀର କେନ୍ଦ୍ରବିନ୍ଦୁ ପାଲଟିଛି, କିନ୍ତୁ ଏହାର ସଫଳତା ବ୍ୟବସ୍ଥା ଉପରେ ନିର୍ଭର କରେ, ଯାହା ଏହାକୁ ସମର୍ଥନ କରେ । ସୌର ଏବଂ ପବନକୁ ଶୀଘ୍ର ନିୟୋଜିତ କରାଯାଇ ପାରିବ, ତଥାପି ସେମାନଙ୍କର ପୂର୍ଣ୍ଣ ସମ୍ଭାବନା କେବଳ ସେତିକିବେଳେ ସାକାର ହେବ ଯେତେବେଳେ ପରିବହନ, ବ[ନ, ସଂରକ୍ଷଣ ଏବଂ ଗ୍ରୀଡ୍ ପରିଚାଳନା ଏକତ୍ର ସମନ୍ୱିତ ଭାବରେ ହେବ । ଭାରତ ସ୍ୱଚ୍ଛ ଶକ୍ତି ପ୍ରସାରକୁ ସମର୍ଥନ କରୁଥିବା ବ୍ୟବସ୍ଥାଗୁଡ଼ିକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ କରିଛି । ଶକ୍ତି ସଂରକ୍ଷଣ ଏବଂ ଗ୍ରୀଡ୍ ନମନୀୟତାରେ ବର୍ଦ୍ଧିତ ନିବେଶ ସହିତ ପରିବହନ ଭିତିଭୂମି ସ୍ଥିର ଭାବରେ ବିସ୍ତାରିତ ହୋଇଛି । ବ[ନ ସଂସ୍କାର ଏବଂ ଉନ୍ନତ ଗ୍ରୀଡ୍ ପ୍ରଯୁକ୍ତିବିଦ୍ୟା ଗ୍ରହଣ ନବୀକରଣୀୟ ଶକ୍ତିର ବର୍ଦ୍ଧିତ ଅଂଶକୁ ଏକୀକୃତ କରିବା ପାଇଁ ସକ୍ଷମ ଏକ ଅଧିକ ପ୍ରତିକ୍ରିୟାଶୀଳ ଏବଂ ନିର୍ଭରଯୋଗ୍ୟ ଶକ୍ତି ବ୍ୟବସ୍ଥା ସୃଷ୍ଟି କରିବାରେ ମଧ ସାହାଯ୍ୟ କରୁଛି । ଭାରତର ଅଣ-ଜୀବାଶ୍ମ ଇନ୍ଧନ- ଆଧାରିତ କ୍ଷମତା ବର୍ତମାନ ୨୮୮ ଗିଗାୱାଟକୁ ଅତିକ୍ରମ କରିଛି । ବଡ଼ ଉପଯୋଗୀତା-ସ୍କେଲ ପ୍ରକଳ୍ପ ବ୍ୟତୀତ, ଆବଂଟିତ ନବୀକରଣୀୟ ଶକ୍ତି (ଡି.ଆର.ଇ.) ବ୍ୟବସ୍ଥାଗୁଡ଼ିକ ଛାତ ଉପରେ ସୌର ପାନେଲ ଖଞ୍ଜା, ସୌର ପମ୍ପ, ମିନି-ଗ୍ରୀଡ୍ ଏବଂ ମାଇକ୍ରୋ-ଗ୍ରୀଡ୍ ମାଧ୍ୟମରେ ଗ୍ରାମୀଣ ଏବଂ ଅନୁନ୍ନତ ଅଂଚଳରେ ସ୍ୱଚ୍ଛ ଶକ୍ତି ପ୍ରବେଶକୁ କ୍ରମାଗତ ଭାବରେ ବିସ୍ତାରିତ କରୁଛି । ଏହି ବ୍ୟବସ୍ଥାଗୁଡ଼ିକ ଜଳସେଚନ, ଶୀତଳ ଭଣ୍ଡାର, ବିଦ୍ୟାଳୟ, ସ୍ୱାସ୍ଥ୍ୟସେବା କେନ୍ଦ୍ର ଏବଂ ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ସମର୍ଥନ କରୁଛି, ଯେତେବେଳେ ଗ୍ରାମୀଣ ଜୀବିକା ଏବଂ ସ୍ଥାନୀୟ ଅର୍ଥନୈତିକ ସ୍ଥିରତାକୁ ସୁଦୃଢ଼ କରୁଛି । ଭାରତର ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମାଗଣା ବିଜୁଳି ଯୋଜନା ଏହି ଦୃଷ୍ଟିକୋଣକୁ ମାତ୍ରାରେ ପ୍ରତିଫଳିତ କରେ । ପ୍ରାୟ ୪ ନିୟୁତ ପରିବାର ଏହି କାର୍ଯ୍ୟକ୍ରମରୁ ପୂର୍ବରୁ ଉପକୃତ ହୋଇସାରିଛନ୍ତି, ଯାହା ଗ୍ରାହକମାନଙ୍କୁ ଅଧିକ ବିକେନ୍ଦ୍ରୀକୃତ ଏବଂ ଅଂଶଗ୍ରହଣକାରୀ ଶକ୍ତି ବ୍ୟବସ୍ଥାର ଅବଦାନକାରୀ ହେବାକୁ ସକ୍ଷମ କରିଥାଏ । ତଥାପି, ଅର୍ଥ, ସ୍ୱଚ୍ଛ ଶକ୍ତି ପ୍ରସାରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମର୍ଥକମାନଙ୍କ ମଧ୍ୟରୁ ଗୋଟିଏ ହୋଇ ରହିବ । ଅନେକ ବିକାଶଶୀଳ ଅର୍ଥନୀତିରେ ଅପାର ନବୀକରଣ-ଶକ୍ତି ସମ୍ଭାବନା ରହିଛି, କିନ୍ତୁ ଏହି ସମ୍ଭାବନାକୁ ଆକଳନଯୋଗ୍ୟ ଏବଂ ନିର୍ଭରଯୋଗ୍ୟ ପ୍ରକଳ୍ପରେ ପରିଣତ କରିବା ପାଇଁ ସୁଲଭ, ଦୀର୍ଘକାଳୀନ ପୁଞ୍ଜିର ପ୍ରବେଶ ଏକାନ୍ତ ଆବଶ୍ୟକ । ଆଗାମୀ ବର୍ଷଗୁଡ଼ିକରେ ନବୀକରଣ ଶକ୍ତି, ପରିବହନ ଭିତିଭୂମି, ଗ୍ରୀଡ୍ ଆଧୁନିକୀକରଣ, ସଂରକ୍ଷଣ ବ୍ୟବସ୍ଥା ଏବଂ ଶକ୍ତି-ଦକ୍ଷ ପ୍ରଯୁକ୍ତିବିଦ୍ୟାରେ ପୁଞ୍ଜି ନିବେଶ ଜରୁରୀ ହେବ । 'ନିଉ ଡେଭଲପମେଂଟ ବ୍ୟାଙ୍କ' ଭଳି ସଂସ୍ଥାଗୁଡ଼ିକ ଆର୍ଥିକ ସହାୟତା, ପ୍ରଯୁକ୍ତିବିଦ୍ୟା ସହଭାଗୀତା ଏବଂ କ୍ଷମତା ନିର୍ମାଣ ମାଧ୍ୟମରେ ବିକାଶଶୀଳ ଦେଶଗୁଡ଼ିକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ । ସ୍ୱଚ୍ଛ-ଶକ୍ତି ପ୍ରଯୁକ୍ତିବିଦ୍ୟା ପାଇଁ ସ୍ଥିର ଏବଂ ବିବିଧ ଯୋଗାଣ ଶୃଙ୍ଖଳ ନିର୍ମାଣ କରିବା ସମାନ ଗୁରୁତ୍ୱପୂର୍ଣ୍ଣ । ବିକାଶଶୀଳ ଅର୍ଥନୀତି ପାଇଁ ସୁରକ୍ଷିତ, ସୁଲଭ ଏବଂ ନିର୍ଭରଯୋଗ୍ୟ ଶକ୍ତି ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଉତ୍ପାଦନ, ପ୍ରଯୁକ୍ତିବିଦ୍ୟା, ନବସୃଜନ ଏବଂ ଯୋଗାଣ ଶୃଙ୍ଖଳରେ ସହଯୋଗକୁ ସୁଦୃଢ଼ କରିବା ଜରୁରୀ ହେବ । ଭାରତ ଏହାର ବ୍ରିକ୍ସ ଅଧ୍ୟକ୍ଷତାକୁ ଆଗକୁ ବଢାଇବା ସହିତ, ସହଯୋଗ ପାଇଁ ଏକ ଭବିଷ୍ୟତ-ଦୃଷ୍ଟି ଢାଂଚାକୁ ସୁଦୃଢ଼ କରିବାର ସୁଯୋଗ ରହିଛି ଯାହା ସୁଲଭ, ମାତ୍ରା, ନିର୍ଭରଯୋଗ୍ୟତା, ପ୍ରଯୁକ୍ତିବିଦ୍ୟା ପ୍ରବେଶ, ସ୍ଥିର ଯୋଗାଣ ଶୃଙ୍ଖଳ ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ସମର୍ଥନ କରେ । ଏଭଳି ଚ୍ୟାଲେଞ୍ଜ କେବଳ ଗ୍ରୀଡ଼ ସହିତ ସ୍ୱଚ୍ଛ ଶକ୍ତି କ୍ଷମତା ଯୋଡିବା ନୁହେଁ, ବରଂ ଏପରି ଶକ୍ତି ବ୍ୟବସ୍ଥା ନିର୍ମାଣ କରିବା ଯାହା ସମାବେଶୀ, ସୁଲଭ, ନିର୍ଭରଯୋଗ୍ୟ ଏବଂ ଦୀର୍ଘକାଳୀନ ଆର୍ଥିକ ଅଭିବୃଦ୍ଧି ଏବଂ ମାନବ ବିକାଶକୁ ବଜାୟ ରଖିବାରେ ସକ୍ଷମ ହୋଇପାରୁଥିବ ।

***(ଲେଖକ କେନ୍ଦ୍ର ସରକାରରେ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଭାବରେ କାର୍ଯ୍ୟରତ )***

# ସୁରଟ, ଉଧନା-ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସର ନିୟମିତ ଚଳାଚଳ



ଭୁବନେଶ୍ୱର: ଓଡ଼ିଶା ଏବଂ ଗୁଜରାଟ ମଧ୍ୟରେ ଯାତ୍ରୀଙ୍କ ସୁବିଧା ଏବଂ ରେଳ ସଂଯୋଗକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଭାରତୀୟ ରେଳବାଇ ୧୯୦୨୧/୧୯୦୨୨ ସୁରଟ (ଉଧନା)–ବ୍ରହ୍ମପୁର–ସୁରଟ (ଉଧନା) ଅମୃତ ଭାରତ ଏକ୍ସପ୍ରେସର ଚଳାଚଳ ସମୟସୀମାକୁ ସପ୍ତାହକୁ ତିନି ଦିନ ପରିବର୍ତେ ଦୈନିକ ସେବାକୁ ବୃଦ୍ଧି କରିଛି । ଏହି ପରିବର୍ତନ ଦ୍ୱାରା ଉଭୟ ରାଜ୍ୟ ମଧ୍ୟରେ ଯାତାୟାତ କରୁଥିବା ଶ୍ରମିକ, ବ୍ୟବସାୟୀ, ଛାତ୍ରଛାତ୍ରୀ ଏବଂ ପର୍ଯ୍ୟଟକମାନେ ଅଧିକ ସୁବିଧା ପାଇବେ । ସଂଶୋଧିତ ସମୟସୂଚୀ ନିମ୍ନଲିଖିତ ଅଟେ: ଟ୍ରେନ ନଂ ୧୯୦୨୧ ସୁରଟ (ଉଧନା) – ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ ଉଧନାରୁ ବର୍ତମାନର ରବିବାର, ବୁଧବାର ଏବଂ ଶୁକ୍ରବାର ସେବା ବଦଳରେ, ୦୯ ଜୁଲାଇ ୨୦୨୬ ଗୁରୁବାର ଠାରୁ ପ୍ରତିଦିନ ଚାଲିବ । ଟ୍ରେନ ନଂ ୧୯୦୨୨ ବ୍ରହ୍ମପୁର – ସୁରଟ (ଉଧନା) ଅମୃତ ଭାରତ ଏକ୍ସପ୍ରେସ: ବ୍ରହ୍ମପୁରରୁ ବର୍ତମାନର ସୋମବାର, ଗୁରୁବାର ଏବଂ ଶନିବାର ସେବା ବଦଳରେ, ୧୦ ଜୁଲାଇ ୨୦୨୬ ଶୁକ୍ରବାର ଠାରୁ ପ୍ରତିଦିନ ଚାଲିବ । ଅମୃତ ଭାରତ ଏକ୍ସପ୍ରେସକୁ ଦୈନିକ ସେବାରେ ପରିଣତ କରିବା, ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା ପ୍ରଦାନ ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ରୁଟରେ ବଢୁଥିବା ଯାତ୍ରୀଙ୍କ ଚାହିଦାକୁ ପୂରଣ କରିବା ପାଇଁ ଭାରତୀୟ ରେଳବାଇର ଏକ ପ୍ରତିବଦ୍ଧତା । ଏହି ରେଳ ସେବା ଓଡ଼ିଶା ଏବଂ ଗୁଜରାଟ ମଧ୍ୟରେ ଯାତାୟାତକୁ ଅଧିକ ସୁଗମ କରିବ । ଯାତ୍ରୀମାନଙ୍କୁ ଟ୍ରେନ ଚଳାଚଳରେ ଏହି ପରିବର୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ ଏନକ୍ୱାରୀ ସିଷ୍ଟମ୍'କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ରୁ ସୂଚନା ନେବାକୁ ପରାମର୍ଶ ।

# ଜାତୀୟ ରାଜପଥ-୪୯ କଡ଼ରୁ ହଟିବ ବେଆଇନ ଭାବେ ଠିଆ ହୋଇଥିବା ଗାଡ଼ି



ଝାରସୁଗୁଡ଼ା(ନିପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ଏବଂ ଝାରସୁଗୁଡ଼ା ଉପ-ଜିଲ୍ଲାପାଳ ତଥା ଉପ-ଖଣ୍ଡୀୟ ମାଜିଷ୍ଟ୍ରେଟ୍ଙ୍କ ଆଦେଶ ଅନୁଯାୟୀ, ବ୍ରଜରାଜନଗର ପୌରାଂଚଳ ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ବେଆଇନ ଭାବେ ଠିଆ ହୋଇଥିବା ସମସ୍ତ ଦାବି ନଥିବା ଗାଡ଼ିଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ ଏକ ସରକାରୀ ବିଜ୍ଞପ୍ତି ଜାରି କରାଯାଇଛି । ବିଶେଷ କରି ବ୍ରଜରାଜନଗର ପୌରପାଳିକା ଅନ୍ତର୍ଗତ ବାରଘାଟ ଅଂଚଳରୁ ଆରମ୍ଭ କରି ୯ ନମ୍ବର ଢାବା ପର୍ଯ୍ୟନ୍ତ ରାସ୍ତା କଡ଼ରେ ଦୀର୍ଘ ଦିନ ଧରି ପଡ଼ିରହିଥିବା ଗାଡ଼ିଗୁଡ଼ିକ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି । ଏହି ସମସ୍ତ ଗାଡ଼ି ଯୋଗୁଁ ଯାତାୟାତରେ ବାଧା ସୃଷ୍ଟି ହେବା ସହ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଉଥିବାରୁ ପ୍ରଶାସନ ତରଫରୁ ଏହି ପଦକ୍ଷେପ ନିଆଯାଇଛି । ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୫୨ ୧(କ) ଏବଂ ଉପ-ଜିଲ୍ଲାପାଳଙ୍କ ସରକାରୀ ଆଦେଶ ଅନୁଯାୟୀ, ସମ୍ପୃକ୍ତ ଗାଡ଼ି ମାଲିକମାନଙ୍କୁ ସେମାନଙ୍କର ଗାଡ଼ି ତୁରନ୍ତ ସେହି ସ୍ଥାନରୁ ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯଦି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଏହି ଅଦାବି କିମ୍ବା ପରିତ୍ୟକ୍ତ ଗାଡ଼ିଗୁଡ଼ିକୁ ମାଲିକମାନେ ନହଟାନ୍ତି, ତେବେ ଜିଲ୍ଲା ପ୍ରଶାସନ ଓ ପୋଲିସ କର୍ତୃପକ୍ଷଙ୍କ ଦ୍ୱାରା ସେଗୁଡ଼ିକୁ ଜବତ କରାଯିବ । ଏହାସହ ପ୍ରଶାସନ ପକ୍ଷରୁ କ୍ରେନ୍ ସାହାଯ୍ୟରେ ସେଗୁଡ଼ିକୁ ନିଆଯିବ ବୋଲି ଜିଲ୍ଲା ପ୍ରଶାସନ ସ୍ପଷ୍ଟ କରିଛି । ସର୍ବସାଧାରଣଙ୍କ ନିମନ୍ତେ ସୂଚନା- ସର୍ବସାଧାରଣଙ୍କ ସୁରକ୍ଷା ଏବଂ ଟ୍ରାଫିକ ବ୍ୟବସ୍ଥାର ସୁଧାର ପାଇଁ ଜିଲ୍ଲା ପ୍ରଶାସନକୁ ସହଯୋଗ କରିବାକୁ ସ୍ଥାନୀୟ ନାଗରିକ ଓ ଗାଡ଼ି ମାଲିକମାନଙ୍କୁ ଅନୁରୋଧ କରାଯାଇଛି ।

# ନାବାଳିକା ନିଖୋଜ ଘଟଣାର ପର୍ଦ୍ଦାଫାସ: ଏସ୍‌ଡିପିଓଙ୍କ ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର(ନିପ୍ର): କିଛିଦିନ ପୂର୍ବରୁ ଜଳେଶ୍ୱର ଓ ରୂପସା ଅଂଚଳରୁ ୪ ଝିଅ ନିଖୋଜ ନେଇ ଜଳେଶ୍ୱର ଥାନାରେ ୨ଟି ମାମଲା ରୁଜୁ କରାଯାଇଥିଲା । ଗତକାଲି ସେମାନଙ୍କୁ ପଶ୍ଚିମବଂଗର ଝାଡଗ୍ରାମ ଜିଲାର ଗୋପିବଲ୍ଲଭପୁର ଥାନା ଅଂଚଳରୁ ଉଦ୍ଧାର କରାଯାଇଛି । ଘଟଣାରୁ ପ୍ରକାଶ, ଗତ ୩ ତାରିଖ ଦିନ ରୂପସା ଅଂଚଳର ଜଣେ ନାବାଳିକା ଓ ଜଳେଶ୍ୱର ପୌରପାଳିକାର ୩ଜଣ ନାବାଳିକ ନିଖୋଜ ହୋଇଯାଇଥିବା ନେଇ ଥାନାରେ ମାମଲା ହୋଇଥିଲା । ନାବାଳିକାମାନେ ଏକ ଓଟୋରେ ମୟୂରଭଂଜ ଯାଇ ସେଠାରୁ ବସ୍ ?ରେ ପଶ୍ଚିମବଂଗ ଯାଇଥିବା ନେଇ ଜଳେଶ୍ୱର ପୁଲିସ୍ ଜାଣିବାକୁ ପାଇଥିଲା । ପରେ ସେମାନଙ୍କୁ ପଶ୍ଚିମବଂଗର ଝାଡଗ୍ରାମ ଜିଲାର ଗୋପିବଲ୍ଲଭପୁର ଥାନା ଅଂଚଳର ଜଣେ ମହିଳାଙ୍କ ଘରୁ ଉଦ୍ଧାର କରାଯାଇଛି ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ସୁରେଶ ତ୍ରିପାଠୀ ଓ ଆଇଆଇସି ଅଶୋକ ବାରିକ କହିଛନ୍ତି । ସୂଚନାଯୋଗ୍ୟ ୪ଜଣ ନାବାଳିକା ସାଂଗ ହୋଇଥିବା ବେଳେ ଇଷ୍ଟାଗ୍ରାମରେ ଫ୍ରେଣ୍ଡସିପ ହୋଇ ମହିଳାଙ୍କ ନିକଟରେ ପହଂଚିଥିଲେ । ମହିଳାଙ୍କ ସ୍ୱାମୀ ଜଣେ ସେନାବାହିନୀର ଅଧିକାରୀ ହୋଇଥିବା ଜଣାଯାଇଛି । ଗତକାଲି କେତେକ ଗଣ ମାଧ୍ୟମରେ ନିଖୋଜ ସଂପର୍କୀତ ଖବର ପ୍ରସାରିତ ହେବାପରେ ଆଜି ପୁଲିସ୍ ପକ୍ଷରୁ ସ୍ପଷ୍ଟିକରଣ ଦିଆଯାଇଛି ।

# ଫଳପୁର ରାସ୍ତାରେ ଅଟକିଛି ବକାଶର ଧାରା



ଧାମନଗର(ନିପ୍ର): 'ବିକାଶର ଧାରା ଓଡ଼ିଶା ସାରା' ରାଜ୍ୟ ସରକାରଙ୍କ ଏହି ଡିଣ୍ଡିମ ପିଟା ନାରା ଯେମିତି ଧାମନଗରର -ଫଳପୁର ରାସ୍ତାରେ ଆସି ସମ୍ପୂର୍ଣ୍ଣ ଅଟକି ଯାଇଛି । ଦୀର୍ଘ ୨୨ ବର୍ଷଧରି ଏହି ରାସ୍ତା ନିର୍ମାଣ ଅଧପାନ୍ତରିଆ ହୋଇପଡ଼ିଛି । ଜନସାଧାରଣ ଦାବି କରି ଆସୁଥିଲେ ମଧ ପ୍ରଶାସନିକ ଉଦାସୀନତା ଯୋଗୁଁ 'ପଦ୍ମ ଘୁଂଚି ଘୁଂଚି ଗଲା ଭଳି' ସ୍ଥିତି ସୃଷ୍ଟି ହୋଇଛି । ବର୍ତମାନ ୭ କିଲୋମିଟର ଦୈର୍ଘ୍ୟର ଏହି ସମ୍ପୂର୍ଣ୍ଣ ରାସ୍ତାର ଅବସ୍ଥା ଦିନକୁ ଦିନ ଅତି ବିପର୍ଯ୍ୟସ୍ତ ହେବାରେ ଲାଗିଛି । ମରାମତି ଅଭାବରୁ ରାସ୍ତାରେ ୭୦ ରୁ ଅଧିକ ମରଣଯନ୍ତା ଭଳି ଗାତ ସୃଷ୍ଟି ହୋଇଛି । ଧାମନଗର ବଜାର ଠାରୁ ଫଳପୁର ପର୍ଯ୍ୟନ୍ତ । ବିଭିନ୍ନ ସ୍ଥାନ ରେ ରାସ୍ତା ଫାଟି ଖଣ୍ଡ ଖଣ୍ଡ କଂକ୍ରିଟ ବିଛାଡ଼ି ହୋଇ ପଡ଼ିଥିବା ବେଳେ ବର୍ଷା ପାଣି ଜମି ରହିବା ଯୋଗୁଁ ଅନେକ ସ୍ଥାନରେ ପିଚୁ ଉଠି ବେହାଲ ହୋଇପଡ଼ିଛି । ଚାରିଚକିଆ ଯାନ ଯିବା ତ ଦୂରର କଥା, ବାଇକରେ ଏହି ୭ କିମି ରାସ୍ତା ପାର ହେବାକୁ ଅଧଘଂଟାରୁ ଅଧିକ ସମୟ ଲାଗୁଛି । ଏହି ସମସ୍ୟା ଦୀର୍ଘ ବର୍ଷର ପୁରୁଣା । ୨୦୦୪ ମସିହାରେ ଏହାକୁ ପକ୍କା ସଡ଼କ କରାଯାଇଥିଲେ ବି ବନ୍ୟା ଓ ଭାରି ଯାନ ଚଳାଚଳ ଯୋଗୁଁ ଏହା ପ୍ରତିବର୍ଷ ନଷ୍ଟ ହେଉଛି । କରଦା, ପଧାନି, ଦଳାଙ୍ଗ, ଅର୍ଜ୍ଜୁନପୁର, ଭଟ୍ଟସାହି ଓ ନଦୀଗାଁ ପଂଚାୟତର ପ୍ରାୟ ୩୦ ହଜାରରୁ ଅଧିକ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ିଟିଏ ଯିବା ସମ୍ଭବ ହେଉନାହିଁ । ପୂର୍ବରୁ ୨୦୨୦ ଫେବ୍ରୁଆରି ବଜେଟ୍ ଅଧିବେଶନରେ ଦିବଙ୍ଗତ ବିଧାୟକ ବିଷ୍ଣୁ ଚରଣ ସେଠୀ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇବା ପରେ ମରାମତି ପାଇଁ ୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା, ହେଲେ ଅତି ନିମ୍ନମାନର କାମ ଯୋଗୁଁ ତାହା ବର୍ଷକରେ ଉଭେଇ ଯାଇଥିଲା । ଗତବର୍ଷ ଅର୍ଥାତ ୨୦୨୫ ଜୁନ୍ ୧୫ରେ ପୂର୍ତ ବିଭାଗ ପକ୍ଷରୁ ୨୯ କୋଟି ଟଙ୍କା ମଞ୍ଜୁର ହୋଇଥିବା ସୁଚନା ମିଳିଥିଲା । ହେଲେ ଆଜିବି ଡିପିଆର ଓ ଟେଣ୍ଡର ନାଁରେ କାମ ଶୂନ । ବିଷ୍ଣୁ ସେଠୀଙ୍କ ପରେ ତାଙ୍କ ପୁଅ ତଥା ବର୍ତମାନର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନରୁ ପୂର୍ତ ବିଭାଗକୁ ହସ୍ତାନ୍ତର କରାଇ ଟେଣ୍ଡର ପ୍ରକ୍ରିୟା ଆଗେଇ ଥିଲେ । ଗତ ୨୦୨୬ ଫେବ୍ରୁଆରି ୧୦ରେ ହସନାବାଦ କଲ୍ୟାଣ ମଣ୍ଡପ ଅଭିଯୋଗ ଶୁଣାଣି ସମୟରେ ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ମନ୍ତ୍ରୀ ପ୍ରଶାସନକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ୪ଟି ବକ୍ସେଲ କଲଭର୍ଟ ସହ ରାସ୍ତା ନିର୍ମାଣ ପାଇଁ ଗତ ମେ ୨୭ରେ ସମୀକ୍ଷା ମଧ କରିଥିଲେ । ତେବେ ପ୍ରଶ୍ନ ଉଠୁଛି, ପ୍ରଶାସନିକ ଶିଥିଳତାରେ ଜନସାଧାରଣଙ୍କୁ ଆଉ କେତେ ଦିନ ହନ୍ତସନ୍ତ ହେବାକୁ ପଡ଼ିବ । କାଗଜ ପତ୍ରରେ ବିକାଶର ଗଙ୍ଗା ବହୁଥିବା ବେଳେ ବାସ୍ତବରେ ଜନତା କାଦୁଅ-ଖାଲରେ ସନ୍ତୁଳି ହେଉଛନ୍ତି । ସରକାରଙ୍କ ଏଭଳି ପ୍ରତାରଣାପୂର୍ଣ୍ଣ ଆଭିମୁଖ୍ୟକୁ ଅଂଚଳବାସୀ ତୀବ୍ର ସମାଲୋଚନା କରିବା ସହ ତୁରନ୍ତ ସ୍ଥାୟୀ ପ୍ରତିକାର ପାଇଁ ଦାବି କରିଛନ୍ତି । ତେବେ ଦୁଇ ଦିନ ତଳେ ଲଘୁଚାପ ବର୍ଷାରେ ରାସ୍ତା ଅବସ୍ଥା ବେହାଲ ହୋଇଥିବାବେଳେ କିଛି ଗାତରେ କିଛି ଡଷ୍ଟ ପକାଯାଇଛି । ତେବେ ଆବଶ୍ୟକ କାଗଜ ପତ୍ର ପରେ ଖବୁଶିଘ୍ର ରାସ୍ତା କାର୍ଯ୍ୟ ଆରମ୍ଭ ହେବବୋଲି ବିଭାଗୀୟ ଅଧିକାରୀ ଶ୍ରୀନିବାସ ମଲିକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

## ଓଡ଼ିଶା ଗୋସେବା ସମିତିର ପ୍ରଶିକ୍ଷଣ ବର୍ଗ

ଖଇରା(ନିପ୍ର): ଓଡିଶା ଗୋସେବା ସମିତି ପକ୍ଷରୁ ପ୍ରଶିକ୍ଷଣ ବର୍ଗ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପତିରାଜପୁର ମିଳନ ପଡିଆସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱହିନ୍ଦୁ ପରିଷଦର ଖଇରା ପ୍ରଖଣ୍ଡ ସଭାପତି ବାସୁଦେବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପୁରୀ ବାଲିଘାଇ ହରିହରାନନ୍ଦ ଗୁରୁକୁଳ କ୍ରିୟାଯୋଗ ଆଶ୍ରମର ସନ୍ଥ କୃଷ୍ଣାନନ୍ଦ, ନିର୍ମଳାନନ୍ଦ, ସତସ୍ୱରୂପାନନ୍ଦ ତଥା ଡଃ କୁଳମଣି ଯୋଗଦାନ କରି ଗୋମାତାର ମହିମା,ଜୈବ କୃଷି, ଗୋ ଆଧାରିତ ଔଷଧ, ରାସାୟାନିକ ସାର ପ୍ରତ୍ୟାହାର କରିବା ଉପରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗରସଙ୍ଗସ୍ଥିତ ଜଗନ୍ନେଶ୍ୱର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଜେନା, ଶିବପ୍ରସାଦ ବଳ, ବିଶ୍ୱନାଥ ସେଣ୍ଠ, ପ୍ରଭାତ ଦାସ, ଭଗବାନ ଜେନା, ବଜରଙ୍ଗ ଦଳ ସଂଯୋଜକ ବାପି ନାୟକ, ଦମୟନ୍ତୀ ପଣ୍ଡା ଓ ଅକ୍ଷୟ ପଣ୍ଡାଙ୍କ ସମେତ ୫୦ ଶିବିରାର୍ଥୀ ଯୋଗଦାନ କରିଥିଲେ ।

# କୁଜିଡିହିରେ ଶକ୍ତିକ୍ଲବ ଦ୍ୱାରା ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ




ବାରିପଦା : ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଦୀପକ କୁମାର ବେହେରା ସଭାପତିତ୍ୱ କରିଥିଲେ । ତତ୍ ସହିତ ଶକ୍ତି କ୍ଲବର ପରିଚାଳିକା ଶିକ୍ଷୟିତ୍ରୀ ଶୁଭ୍ରା ଭାରତୀ ତଥା ମଞ୍ଜୁଶ୍ରୀ ସାହୁ ଓ ଅନ୍ୟ ଶିକ୍ଷକ ଶିକ୍ଷିକା ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ବିଦ୍ୟୁତକୁ କିଭଳି ସଠିକ୍ ବିନିଯୋଗ କରି ଆଗାମୀ ଭବିଷ୍ୟତକୁ ସୁରକ୍ଷା କରିପାରିବା, ଘରେ ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା କରାଇବେ ଏବଂ ବିଦ୍ୟୁତ ଦାଉରୁ କିଭଳି ରକ୍ଷା ପାଇପାରିବା ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା । ଏଥିସହିତ ଭିଡିଓ ମାଧ୍ୟମରେ ବିଭିନ୍ନ ପ୍ରକାର ଚିତ୍ର ପ୍ରଦର୍ଶିତ କରାଯାଇ ସଚେତନତା କରାଯାଇଥିଲା । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ଲାକାର୍ଡ ଧରି ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା । ଶିକ୍ଷକ ଦୀପକ କୁମାର ଗୋଛାଏତ୍ ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟୁତ ସତର୍କତା ଉପରେ ଶପଥ ପାଠ କରାଇ ଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଟିନା ବେହେରା, ପାନ୍ନା ମୁର୍ମୁ, ସୁମିତ୍ରା ଦାସ, ଜୟନ୍ତୀ ସିଂ, ଦିପ୍ତିମୟୀ ସେଠୀ ଓ କର୍ମଚାରୀ ପ୍ରବୀର କୁମାର ସି, ମଧୁସୂଦନ ସିଂ, ପ୍ରତିଭା ମଞ୍ଜରୀ ମହାନ୍ତ ସହଯୋଗ କରିଥିଲେ । ପରିଶେଷରେ ସଂସ୍କୃତଶିକ୍ଷକ ଅବିନାଶ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ ।

# ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ

ଭଦ୍ରକ : ଜିଲ୍ଲା ସଂସ୍କୃତି ଭବନ ଠାରେ ଶିଶୁ କିଶୋର ସାହିତ୍ୟ ପତ୍ରିକା କିଶୋର ସ୍ୱାକ୍ଷରର ୨୬ ତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ପ୍ରଶାସନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ଯୋଗ ଦେଇ ସମାରୋହକୁ ଉଦ୍ଘାଟନ କରି ଦୀର୍ଘ ବର୍ଷ ଧରି ଓଡ଼ିଶା ଝାରଖଣ୍ଡ ଓ ପଶ୍ଚିମବଙ୍ଗର ବହୁ ଓଡ଼ିଆ ପ୍ରବାସୀ ଅଂଚଳରେ ପତ୍ରିକାର ପ୍ରସାର ହେବା ସହ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ପରମ୍ପରା କୁ ବଜାୟ ରଖିବା ଦିଗରେ ସମସ୍ତେ ସଂକଳ୍ପ ନେବାକୁ ପରାମର୍ଶ ଦେଇଥିଲେ । ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ କବି ସାହିତ୍ୟକ ପଣ୍ଡିତ ବରିଷ୍ଠ ନାଗରିକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

# ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୮୨ତମ ପ୍ରତିଷ୍ଠା ଦିବସ ପାଳିତ : ଆଂଚଳିକ ଐତିହ୍ୟ ଓ ସଂସ୍କୃତି ସଂରକ୍ଷଣ ପାଇଁ ଗୁରୁତ୍ୱାରୋପ

ସମ୍ବଲପୁର : (ହି.ସ.) - ସମ୍ବଲପୁର ଜିଲ୍ଲାର ଅଗ୍ରଣୀ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୮୨ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ଆଜି ପାଳିତ ହୋଇଯାଇଛି । ଦେଶ ସ୍ୱାଧୀନତା ପୂର୍ବରୁ ଆରମ୍ଭ ହୋଇଥିବା ଏହି ଶିକ୍ଷାନୁଷ୍ଠାନ ଉଚ୍ଚଶିକ୍ଷା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଏକ ଐତିହ୍ୟ ବିଶ୍ୱବିଦ୍ୟାଳୟ ଭାବେ ପରିଚିତ । କାର୍ଯ୍ୟକ୍ରମର ପ୍ରାରମ୍ଭରେ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବା ସହ ବୃକ୍ଷରୋପଣ କରାଯାଇଥିଲା । କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନିଜ ବ୍ୟକ୍ତବରେ ବିଶ୍ୱବିଦ୍ୟାଳୟର ସମୃଦ୍ଧ ଐତିହ୍ୟ, ଶିକ୍ଷାଦାନ, ଗବେଷଣା, ନବସୃଜନ ଓ ସାମାଜିକ ସଂପୃକ୍ତତା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ ସ୍ଥାନୀୟ ଐତିହ୍ୟ, ଆଂଚଳିକ ସଂସ୍କୃତି, ସାହିତ୍ୟ ଓ ଭାଷା କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ଗବେଷଣାମୂଳକ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ କଠିନ ପରିଶ୍ରମ ସହ ସମୟର ସଦୁପଯୋଗକୁ ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ । ଏହି ଅବସରରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ସେନାପତି ଜାତୀୟ ଶିକ୍ଷା ନୀତି-୨୦୨୦ର ରୂପାନ୍ତରକାରୀ ଦୃଷ୍ଟିକୋଣ ଏବଂ ବହୁବିଧ ଶିକ୍ଷା, ଗବେଷଣା ଓ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ମତ ରଖିଥିଲେ । ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ ପ୍ରଫେସର ରବି ନାରାୟଣ ଆଚାର୍ଯ୍ୟ ପାରମ୍ପରିକ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଔଷଧୀୟ ଉଦ୍ଭିଦ ଏବଂ ସ୍ୱଦେଶୀ ଜ୍ଞାନ ଉପରେ ଗବେଷଣାକୁ ପ୍ରୋତ୍ସାହନ ଦେବାକୁ ଆହ୍ୱାନ କରିଥିଲେ । ଆଦିତ୍ୟ ଆଲୁମିନିୟମର ଅଧ୍ୟକ୍ଷ ଜଗନ୍ନାଥ ପ୍ରସାଦ ନାୟକ ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଯୋଗ ବୃଦ୍ଧି, ଇଂଟର୍ନସିପ୍, ଦକ୍ଷତା ବିକାଶ ଏବଂ ଗବେଷଣା କ୍ଷେତ୍ରରେ ସମର୍ଥନ ଜାରି ରଖିବା ପ୍ରତିବଦ୍ଧତା ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପାର୍ଥ ସାରଥୀ ମଲ୍ଲିକ ବିଶ୍ୱବିଦ୍ୟାଳୟର ଶିକ୍ଷା ଓ ଗବେଷଣା କ୍ଷେତ୍ରର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିବା ବେଳେ କୁଳସଚିବ ସନତ କୁମାର ନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅବସରରେ ଶିକ୍ଷା, ଗବେଷଣା, କ୍ରୀଡ଼ା, ସାଂସ୍କୃତିକ ଓ ପାଠ୍ୟକ୍ରମିକ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବା ସହ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ତଥା ସାଇବର ସଚେତନତା ଶିବିର ଅନୁଷ୍ଠିତ

ଭଦ୍ରକ : ଜିଲ୍ଲା ପ୍ରଶାସନ ପକ୍ଷରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ଶିବିର ଓ ସାଇବର ସଚେତନତା ଶିବିର ଭାଣ୍ଡାରୀ ପୋଖରୀ ବ୍ଲକର ବନ୍ଦଲୋ ଗ୍ରାମ ପଂଚାୟତ ରେ ଅନୁଷ୍ଠିତ ହୋଇ ଯାଇଛି । ଶିବିରରେ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ , ସରପଂଚ , ବ୍ୟାଙ୍କ ଅଧିକାରୀ , ପ୍ରମୁଖ ଯୋଗ ଦେଇ ସଂଚୟ ଅର୍ଥର ଅପଚୟ ନଅ କରିବା , ମହତ୍ୱ ଜଣାଇବା ସହ ଆର୍ଥିକ ସକ୍ଷାରତା , ସାଇବର ଅପରାଧ ରୁ ଦୂରରେ ରହିବା , ବିଭିନ୍ନ ପ୍ରସଙ୍ଗରେ ପରାମର୍ଶ ଦେଇ ଥିଲେ । ଏଥିରେ ପଂଚାୟତ ଓ ବିଭିନ୍ନ ଗ୍ରାମରୁ ୧୬୦ ଜଣ ଗ୍ରାମବାସୀ ଯୋଗ ଦେଇ ଥିଲେ ।

# ରାଜ୍ୟସ୍ତରୀୟ ଜୁନିଅର ରେଡକ୍ରସ ଅଣ ତାଲିମପ୍ରାପ୍ତ କାଉନସେଲର୍ ତାଲିମ୍ ଶିବିର ଉଦ୍‌ଘାଟିତ

ସମ୍ବଲପୁର : (ହି.ସ.) - ଭାରତୀୟ ରେଡକ୍ରସ ସୋସାଇଟି ଅଧୀନ ରାଜ୍ୟ ଜୁନିଅର ରେଡକ୍ରସ ଅଣ ତାଲିମ ପ୍ରାପ୍ତ କାଉନସ୍ଲେର୍ ଙ୍କ ତାଲିମ୍ ଶିବିର ଆଜି ଉଦ୍ଘାଟିତ ହୋଇଯାଇଛି । ସମ୍ବଲପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ଏବଂ ଜୁନିଅର ରେଡକ୍ରସ ସୋସାଇଟି, ଓଡିଶା ସହଯୋଗରେ ଧନକଉଡ଼ା ଉଚ୍ଚ ବିଦ୍ୟାଳୟ ଠାରେ ଏହି ଶିବିର ଜୁଲାଇ ୭ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ହେବ । ଶିବିରରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ମୋଟ ୬୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ କାଉଂସେଲର୍ ତାଲିମ୍ ଶିବିରରେ ଯୋଗଦାନ କରିଥିବା ବେଳେ ସେମାନଙ୍କୁ ୬ ଜଣ ସାଧନକର୍ମୀ ତାଲିମ୍ ଦେଉଛନ୍ତି । ଆଜିର ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ସମ୍ବଲପୁରର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ଓ ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ତଥା ଝାରସୁଗୁଡାର ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯଶୋବନ୍ତ ସାହୁ ଯୋଗ ଦେଇ ଜୁନିଅର ରେଡକ୍ରସ ର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ପଟେଲ, ଧନକଉଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୁ ଅଗ୍ରୱାଲ ଅତିଥି ଭାବେ ମଂଚାସୀନ ରହି ଶିବିରାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ବିଶ୍ୱାମିତ୍ର ଦୀପ୍ ପ୍ରାରମ୍ଭିକ ସ୍ୱାଗତ ଭାଷଣ ଦେଇଥିଲେ । ସାଧନ କର୍ମୀ ଭାବେ ସତ୍ୟ ନାରାୟଣ ସାହୁ, ସମୀର କୁମାର ଭୋଇ, ପ୍ରତାପ ସେନାପତି, ଆନନ୍ଦ ଡନସ୍ୱେନା, ଦୀପିକା ପ୍ରଧାନ ପ୍ରମୁଖ ଯୋଗ ଦେଇଥିବାବେଳେ ଆନନ୍ଦ ଡନସ୍ୱେନା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସତ୍ୟ ନାରାୟଣ ସାହୁ ସଂଯୋଜନା କରିଥିଲେ । ଶିକ୍ଷକ ଭୀମସେନ ବାରିକ ଏବଂ ଯୁଗଳ କିଶୋର ପେରା କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

# ଡୁମାଲ ଜାତି ସଭା ଆୟୋଜନ

ବଲାଙ୍ଗୀର : (ହି.ସ.) – ବଲାଙ୍ଗୀର ଜିଲ୍ଲା ଘସିଏନ ନିକଟସ୍ଥ କୁତୁଲ୍ଲା ଗ୍ରାମ ଠାରେ ଜାଳପାଲି କେନ୍ଦ୍ରର ଷାଠିଏ ଘର ଡୁମାଲ ସମାଜର ବୈଠକ ଗୋକୁଳ ପର୍ଡିଆ(ଗୌନ୍ୟା)ଙ୍କ ସଭାପତିତ୍ୱରେ କୁତୁଲ୍ଲା ମାହେଶ୍ୱରୀ ପୀଠରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ବରିଷ୍ଠ ଆଇନଜିବୀ ଜଗନ୍ନାଥ କରନ, ପ୍ରକାଶ ଚନ୍ଦ୍ର ମେର୍ଲି, ରମାକାନ୍ତ ପଧାନ, ତୀର୍ଥ ପଧାନ, ଈଶ୍ୱର କରନ, ବଜରଙ୍ଗ ଅମାତ, ଗୁରୁଦେବ କର୍ମି, ବୃଷଭ ଦନ୍ତା, ଅରବିନ୍ଦ ପଧାନ, କୁଂଟୁ ମେର୍ଲି ତଥା ଜାଳପାଲି କେନ୍ଦ୍ର ଓ ଜିଲ୍ଲାର ବିଭିନ୍ନ ଗ୍ରାମରୁ ଷାଠିଏ(୬୦) ଘର ଡୁମାଲ ସମାଜର ଜାତିଭାଇମାନେ ଉପସ୍ଥିତ ଥାଇ ସୁଚିନ୍ତିତ ମତ ସାବ୍ୟସ୍ତ କରିଥିଲେ । ଉକ୍ତ ସଭାରେ ଜାଳପାଲି କେନ୍ଦ୍ରର ସଭାପତି ଭାବେ ଗୋପାଳ ମହାକୁର ଓ ସମ୍ପାଦକ ଭାବେ ରୋହିତ ପର୍ଡିଆଙ୍କୁ ଚୟନ କରାଯାଇଥିଲା । ଶେଷରେ ସମାଜର ସାମାଜିକ, ଅର୍ଥନୈତିକ ଓ ଶିକ୍ଷାଗତ ଉନ୍ନତି ପାଇଁ ଆଲୋଚନା କରାଯାଇଥିଲା ।

# ଗୋପବନ୍ଧୁଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ପ୍ରତିଯୋଗୀତା

ଭଦ୍ରକ : (ହି.ସ.) - ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ତମ ପୂର୍ଣ୍ଣତିଥି ଅବସରରେ ଭଦ୍ରକ ଜିଲ୍ଲା ବନ୍ତ ଶିଶୁ ମନ୍ଦିରରେ ଚିତ୍ରାଙ୍କନ ଓ ସାଧାରଣଜ୍ଞାନ ପ୍ରତିଯୋଗିତା ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି । ଚିତ୍ରାଙ୍କନରେ ୪୪ ଓ ସାଧାରଣଜ୍ଞାନରେ ୫୫ କୁ ମିଶାଇ ମୋଟ ୯୯ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଶିକ୍ଷକ ସୁକାନ୍ତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସାହିତ୍ୟିକ ଜଗନ୍ନାଥ ପାତ୍ର ପୁରସ୍କାର ବିତରଣୀ ସଭାକୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ବନ୍ତ ଥାନା ଏସ.ଆଇ ଅସ୍ମିତା ପ୍ରଧାନ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଆଦର୍ଶ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢୀ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦାମୋଦର ନାୟକ, ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ସାହୁ , ସାହିତ୍ୟିକ ନାରାୟଣ ଚନ୍ଦ୍ର ଲେଙ୍କା, ଶିକ୍ଷକ ଶ୍ରୀକାନ୍ତ ପଣ୍ଡା, ସ୍ତମ୍ଭକାର ସୁବୋଧ ସାହୁ ଅତିଥି ଭାବେ ଯୋଗଦେଇ ସୁପ୍ତ ପ୍ରତିଭାକୁ ବିକଶିତ କରିବା ଓ ଉତ୍କଳମଣୀ ଗୋପବନ୍ଧୁଙ୍କ ଭଳି ସମାଜପ୍ରତି ଅଙ୍ଗିକାର ବଦ୍ଧତା ମୁହିଁତ ନୁହେଁ ମୋହରି ପାଇଁ ସବୁରି ପାଇଁ ମୋହରି ପ୍ରାଣ ଚେତନା ବଦ୍ଧ ଉଦ୍‌ବୁଦ୍ଧ ହେବାକୁ କହିବା ସହ ଗୋପବନ୍ଧୁ ନାହାଁନ୍ତି ସତ ହେଲେ ସାଧାରଣ ଜୀବନରେ ତାଙ୍କର ଉପସ୍ଥିତି ବାରିହୋଇ ପଡ଼େ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ । ଏହି ଅବସରରେ ଚିତ୍ରାଙ୍କରେ ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିର ନିମାପଡ଼ାର ବର୍ଷା ପ୍ରିୟଦର୍ଶନୀ ବିଶ୍ୱାଳ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ ଟିଲୋର ସାଇ ସମ୍ପୂର୍ଣ୍ଣା ସ୍ୱାଇଁ ଦ୍ୱିତୀୟ, ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିର ନିମାପଡ଼ାର ପ୍ରଭୁଦତ କରର୍ଣମା ତୃତୀୟ ଏବଂ କୁଇଜରେ ପଚାଂୟତ ହାଇସ୍କୁଲ ପଧାନପଡ଼ାର ବିଷ୍ଣୁପ୍ରିୟା ପଣ୍ଡା ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବନ୍ତର ସଂଦୀପ ଜେନା ଦ୍ୱିତୀୟ, ପଚାଂୟତ ହାଇସ୍କୁଲ ପଧାନପଡ଼ାର ରୀୟା ସେଠୀ ତୃତୀୟଙ୍କୁ ପ୍ରମାଣପତ୍ର ଓ ଅର୍ଥରାଶି ଅତିଥିମାନେ ପ୍ରଦାନ କରିଥିଲେ । ଶିକ୍ଷକ ରମାକାନ୍ତ ଜେନା ଅତିଥିଙ୍କୁ ମଂଚ ଆହ୍ୱାନ, ସାମ୍ବାଦିକ ହେମନ୍ତ ସିଂହ ସ୍ୱାଗତ ଭାଷଣ ଓ ଉଦେଶ୍ୟ ଜ୍ଞାପନ କରିଥିଲେ । କଳା ଶିକ୍ଷକ ରମେଶ ପ୍ରସାଦ କର ଓ ଚିତ୍ରଶିଳ୍ପୀ ନମିତା ବେହେରା ଚିତ୍ରାଙ୍କନ ଖାତାର ମୂଲ୍ୟାଙ୍କନ କରିଥିଲେ । ସସ୍ମିତା ଦାସ ପଞ୍ଜିକରଣ ଦାୟିତ୍ୱ ତୁଲାଇ ଥିଲେ । କାର୍ଯ୍ୟକ୍ରମକୁ ଆଲୋକ ରଞ୍ଜନ ମୁଖାର୍ଜି ମାମାଲି ପତି, ଭରତ ଚନ୍ଦ୍ର ପଣ୍ଡା, ସୂର୍ଯ୍ୟମଣି ଜେନା,ଶସ୍ମିତା ପଣ୍ଡା, ଆଶିଷ ସାହୁ ପରିଚାଳନାରେ କରିଥିଲେ ।

# ଜୟପୁର ସଦର ମହକୁମାରେ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଜୟପୁର : (ହି.ସ.) - ଜୟପୁର ସଦର ମହକୁମାରେ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ୨୦୨୬ ମସିହାର ପବିତ୍ର ରଥଯାତ୍ରା ସୁଚାରୁ ଓ ଶୃଙ୍ଖଳିତ ଭାବେ ପାଳନ ନିମନ୍ତେ ଉପଜିଲ୍ଲାପାଳ, ଜୟପୁରଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆଜି ଉପଜିଲ୍ଲାପାଳ, ଜୟପୁରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଜୟପୁର ତହସିଲଦାର ଶ୍ରୀ ସବ୍ୟସାଚୀ ଜେନା, ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତୀ ପୂଜା ରାଉତ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ଯଶୋଦା ଗଦବା, ବିଦ୍ୟୁତ ବିଭାଗର ସୁପରିଟେଣ୍ଡିଂ ଇଞ୍ଜିନିୟର, ପୂର୍ତ୍ତ ବିଭାଗ, ରାସ୍ତା ଓ କୋଠାବାଡ଼ି , ଟାଉନ ଥାନା, ଅଗ୍ନିଶମ ବିଭାଗ, ପିଏଚ୍ଡି ବିଭାଗର ଅଧିକାରୀ ଏବଂ ଶ୍ରୀଜଗନ୍ନାଥ ମନ୍ଦିରର ଦଇତାପତି ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ସୂଚନା ଦିଆଯାଇଥିଲା ଯେ, ଦୀର୍ଘ ଦୁଇ ବର୍ଷ ପରେ ନୂତନ ରଥ ନିର୍ମାଣ କରାଯାଉଛି । ରଥର ଉଚ୍ଚତା ୪୦ ଫୁଟ୍, ଲମ୍ବ ୨୮ ଫୁଟ୍ ଏବଂ ଚଉଡ଼ା ୩୦ ଫୁଟ୍ ରହିଛି । ଆସନ୍ତା ଜୁଲାଇ ୧୨ ତାରିଖ ସୁଦ୍ଧା ରଥକୁ ହସ୍ତାନ୍ତର କରିବା ପାଇଁ କାରିଗରମାନେ ପ୍ରତିବଦ୍ଧ ଥିବା ଜଣାଇଥିଲେ । ରଥର ଗୁଣାତ୍ମକ ମାନ ଓ ସୁରକ୍ଷା ସମ୍ପର୍କିତ ସମ୍ପୂର୍ଣ୍ଣ ଯାଂଚ ଦାୟିତ୍ୱ ସହକାରୀ ଯନ୍ତ୍ରୀ, ରାସ୍ତା ଓ କୋଠାବାଡ଼ିଙ୍କୁ ପ୍ରଦାନ କରାଯାଇଛି । ରଥଯାତ୍ରା ସମୟରେ ଯାନବାହନ ଚଳାଚଳ ନିୟନ୍ତ୍ରଣ ଓ ଆଇନ-ଶୃଙ୍ଖଳା ବଜାୟ ରଖିବା ପାଇଁ ଟାଉନ ଥାନା ପୁଲିସକୁ ଆବଶ୍ୟକ ଦାୟିତ୍ୱ ପ୍ରଦାନ କରାଯାଇଛି । ଉକ୍ତ ଦିନ ସହର ମଧ୍ୟକୁ ଚାରିଚକିଆ ଯାନ ପ୍ରବେଶ ନିଷିଦ୍ଧ ରହିବ । ଏଥିପାଇଁ ଟ୍ରାଫିକ୍ ବ୍ୟବସ୍ଥାପନାର ବ୍ଲୁ-ପ୍ରିଂଟ ପ୍ରସ୍ତୁତ କରି ସାମାଜିକ ଗଣମାଧ୍ୟମ ମାଧ୍ୟମରେ ବ୍ୟାପକ ପ୍ରଚାର କରିବାକୁ ଟାଉନ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରଥଦାଣ୍ଡରେ ଅନାବଶ୍ୟକ ଭିଡ଼କୁ ରୋକିବା ପାଇଁ ପୁଲିସକୁ ସତର୍କ ଦୃଷ୍ଟି ରଖିବାକୁ କୁହାଯାଇଥିବାବେଳେ ରଥ ଉପରେ କେବଳ ୨୫ ଜଣ ଦଇତାପତି ଓ ସ୍ୱେଚ୍ଛାସେବକଙ୍କୁ ରହିବାକୁ ଅନୁମତି ଦିଆଯିବ । ଜନସମାଗମକୁ ଦୃଷ୍ଟିରେ ରଖି ୫ଟି ହାଇମାଷ୍ଟ ଲାଇଟ, ୨ଟି ଜେନେରେଟର, ୬ଟି ହାଲୋଜେନ ଲାଇଟ ଏବଂ ରଥଯାତ୍ରା ପୂର୍ବରୁ ୧୦ଟି ଫୋକସ୍ ଲାଇଟ ବ୍ୟବସ୍ଥା କରିବା ପାଇଁ ବିଦ୍ୟୁତ ବିଭାଗ, ଅଗ୍ନିଶମ ବିଭାଗ ଏବଂ ଓଡ୍ରାଫଙ୍କୁ ଅନୁରୋଧ କରାଯାଇଛି । ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ରଥ ଟଣା ସମୟରେ ୨ଟି ଆମ୍ବୁଲାନ୍ସ, ଜଣେ ଆୟୁଷ ଡାକ୍ତର ଏବଂ ଏକ ସ୍ୱତନ୍ତ୍ର ମେଡିକାଲ ଟିମ୍ ନିୟୋଜିତ ରହିବେ । ରଥଯାତ୍ରା ଦିନଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୮ଟାରୁ ରାତି ୧୦ଟା ପର ?ୟ୍ୟନ୍ତ ସ୍ୱାସ୍ଥ୍ୟସେବା ଉପଲବ୍ଧ ରହିବ । ଅଗ୍ନିଶମ ବିଭାଗକୁ ରଥ ପଛରେ ଅଗ୍ନିନିର୍ବାପକ ଯାନ ସହ ସର୍ବଦା ପ୍ରସ୍ତୁତ ରହିବାକୁ କୁହାଯାଇଛି । ପିଏଚ୍ଡି ବିଭାଗକୁ ଜଗତଜନନୀ ଛକ, ରାଜାନଗର ଛକ, ୱେଲକମ୍ ଛକ ଓ ବାଙ୍କମଠ ଛକରେ ପାନୀୟ ଜଳ ଟ୍ୟାଙ୍କ ସ୍ଥାପନ ସହ କର୍ମଚାରୀ ନିୟୋଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ରଥଯାତ୍ରା ଅବସରରେ ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କୋରାପୁଟ ସାଂସ୍କୃତିକ ବିଭାଗ ପକ୍ଷରୁ ଆୟୋଜିତ ହେବ । ଏଥିସହ ସହରର ସମସ୍ତ ସାର୍ବଜନୀନ ଶୌଚାଳୟର ସଫା-ସୁତୁରା ଓ ପରିଚ୍ଛନ୍ନତା ସୁନିଶ୍ଚିତ କରିବା ପାଇଁ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲା ।

# ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

ନୂଆପଡ଼ା : (ହି.ସ.)- ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି କ୍ଷ ବୈଠକର ପ୍ରାରମ୍ଭରେ ଜିଲ୍ଲାପାଳ ସୁଶାସନକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ତହସିଲ କାର୍ଯ୍ୟାଳୟ ଓ ସାଧାରଣ ଜନତାଙ୍କ ମଧ୍ୟରେ ଥିବା ବ୍ୟବଧାନ ଦୂର କରି ଲୋକଙ୍କୁ ସହଜ, ସ୍ୱଚ୍ଛ ଓ ସମୟୋପଯୋଗୀ ସେବା ଯୋଗାଇବା ପାଇଁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଉପଜିଲ୍ଲାପାଳଙ୍କୁ ସପ୍ତାହକୁ ଅତିକମରେ ଦୁଇଟି ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରି ସେବା ପ୍ରଦାନ ବ୍ୟବସ୍ଥାର ତଦାରଖ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଗଙ୍ଗାଧର ନାୟକ ଯୋଗଦେଇ ସାମାଜିକ ଗୃହ ନିର୍ମାଣ ଯୋଜନାର ସଫଳ କାର ?ୟ୍ୟକାରିତା ପାଇଁ ଉପଯୁକ୍ତ ସରକାରୀ ଜମି ଚିହ୍ନଟ ସମ୍ପର୍କରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ । ଯୋଜନାର ସଫଳ ରୂପାୟନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ଆଶ୍ୱାସନ ଦେଇଥିଲେ । ଏହି ଅବସରରେ ଜିଲ୍ଲାପାଳ ଜିଲ୍ଲାର ସହରାଂଚଳ ବିକାଶ କ୍ଷେତ୍ରର ସଫଳତା ସମ୍ପର୍କରେ ସ୍ୱତନ୍ତ୍ର ଶାସନ ସଚିବଙ୍କୁ ଅବଗତ କରାଇଥିଲେ । ସେ କହିଥିଲେ, ହୋଲ୍ଡିଂ ଟିକସ ଆଦାୟରେ ନୂଆପଡ଼ା ଏନ୍ଏସି ରାଜ୍ୟରେ ପ୍ରଥମ ଏବଂ ଖଡ଼ିଆଳ ଏନ୍ଏସି ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ସେହିପରି ଡିଡିସି, କନ୍ଭର୍ଜେନ୍ସ ଓ ଅନ୍ୟାନ୍ୟ ସମୀକ୍ଷା ବୈଠକରେ ପୌର ପ୍ରଶାସନର ସକ୍ରିୟ ଅଂଶଗ୍ରହଣ ବିଭିନ୍ନ ସହରାଂଚଳ ବିକାଶ ଯୋଜନାର ସଫଳ ରୂପାୟନରେ ସହାୟକ ହେଉଥିବା ସମ୍ପର୍କରେ ମଧ୍ୟ ସେ ସୂଚନା ଦେଇଥିଲେ । ବୈଠକରେ ବାଣିଜ୍ୟ କର ଓ ଜିଏସ୍ଟି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ଜୁନ୍-୨୦୨୬ ସୁଦ୍ଧା ୬୨୮.୧୪ ଲକ୍ଷ ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇଛି, ଯାହା ଗତବର୍ଷର ସମାନ ଅବଧି ତୁଳନାରେ ୩୫.୯୧ ପ୍ରତିଶତ ଅଧିକ । ସେହିପରି ସିଟି ଓ ଜିଏସ୍ଟି ଏନଫୋର୍ସମେଂଟ ୟୁନିଟ୍ ଚଳିତ ଆର୍ଥିକ ବର୍ଷରେ ୪୪୭.୮୦ ଲକ୍ଷ ଟଙ୍କାର ବାର୍ଷିକ ଲକ୍ଷ୍ୟ ବିପରୀତ ଜୁନ୍ ସୁଦ୍ଧା ୯୫.୦୬ ଲକ୍ଷ ଟଙ୍କା ସଂଗ୍ରହ କରିଥିବା ସୂଚନା ଦେଇଥିଲା । ଲିଗାଲ୍ ମେଟ୍ରୋଲୋଜି ବିଭାଗ ପକ୍ଷରୁ ଜୁନ ମାସରେ ୩୧୦ଟି ଯାଂଚ, ୯୧୦ ଜଣ ବ୍ୟବସାୟୀଙ୍କ ନିୟମିତ ପରିଦର୍ଶନ, ୬୫ଟି ଆକସ୍ମିକ ଯାଂଚ ଏବଂ ୭୭୯ଟି ଓଜନ ଓ ପରିମାପ ଯନ୍ତ୍ରର ଯାଂଚ ଓ ଷ୍ଟାମ୍ପିଂ କରାଯାଇଛି । ଏଥିରୁ ୫ ଲକ୍ଷ ୨୨ ହଜାର ୬୦୫ ଟଙ୍କା ଫିସ୍ ସଂଗ୍ରହ ହୋଇଛି । ଗତ ସମୀକ୍ଷା ବୈଠକରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଯାଂଚ କାର୍ଯ୍ୟକୁ ଅଧିକ ଜୋରଦାର କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ଆଂଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ମୋଟ ୧ କୋଟି ୩ ଲକ୍ଷ ୫୨ ହଜାର ୯୫୪ ଟଙ୍କା ରାଜସ୍ୱ ସଂଗ୍ରହ ହୋଇଥିବାବେଳେ, ଅବକାରୀ ବିଭାଗ ପକ୍ଷରୁ ମେ'-୨୦୨୬ ସୁଦ୍ଧା ୫ କୋଟି ୨୪ ଲକ୍ଷ ୨୮ ହଜାର ୨୯୪ ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇଥିବା ଏବଂ ଏହା ଗତବର୍ଷର ସମାନ ଅବଧି ତୁଳନାରେ ୮.୯୮ ପ୍ରତିଶତ ବୃଦ୍ଧି ପାଇଥିବା ସୂଚନା ଦିଆଯାଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ଡେପୁଟି ଜିଲ୍ଲାପାଳ (ନିର୍ବାଚନ) ଶେଖ ନସିମ, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ୧୮ରେ ବିଶେଷ ଲୋକ ଅଦାଲତ

ଭଦ୍ରକ, ୪ ଜୁଲାଇ (ହି.ସ.) - ଜିଲ୍ଲା ନ୍ୟାୟଳୟ, ନଳାଙ୍ଗ, ଭଦ୍ରକ ପରିସରରେ ବିଶେଷ ଲୋକ ଅଦାଲତ( ଏନ୍ ଆଇନ ଆକ୍ଟ କେସ୍) ଧାରା ୧୩୮ ଅନ୍ତର୍ଗତ ମକଦ୍ଦମା ଗୁଡିକର ସମାଧାନ ନିମନ୍ତେ ଏହି ମାସର ୧୮ ତାରିଖ ( ଶନିବାର) ଆୟୋଜନ ହେବାକୁ ଯାଉଅଛି । ଏହି ବିଶେଷ ଲୋକ ଅଦାଲତର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦୀର୍ଘ ଦିନ ଧରି ଚାଲୁରହିଥିବା ବିଚାରଧିନ ମୋକଦ୍ଦମା ଗୁଡିକର ପକ୍ଷ ମାନଙ୍କ ସହମତିରେ ଆପୋଷ ସମାଧାନ କରାଯାଇ ପାରିବ, ଯେଉଁଥିରେ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡ଼ିବ ନାହିଁ । ତେଣୁ ଏହି ସୁଯୋଗର ସଦୁପଯୋଗ କରିବା ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ସବିଶେଷ ବିବରଣୀ ପାଇଁ ତଥା ବିଚାରଧିନ ବିବାଦର ଆପୋଷ ସମାଧାନ ପାଇଁ ଜିଲ୍ଲା ନ୍ୟାୟଳୟ ପରିସରରେ ଥିବା ଆଇନ ସେବା ପ୍ରାଧିକରଣର ସମ୍ମୁଖ କାର୍ଯ୍ୟାଳୟରେ ଖୁବ ଶୀଘ୍ର ଯୋଗାଯୋଗ କରିବା ପାଇଁ ପ୍ରାଧିକରଣ ପକ୍ଷରୁ କୁହାଯାଇଛି ।

# ଗ୍ରାମପଂଚାୟତ ସ୍ତରୀୟ ଶିଶୁ ସୁରକ୍ଷାର ଯୋଜନା ପ୍ରସ୍ତୁତି ତାଲିମ


ବଲାଙ୍ଗୀର: (ହି.ସ.) – ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ପୁଇନ୍ତଲା ବ୍ଲକ୍ ଠାରେ ଅରୁଣା ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ବଲାଙ୍ଗୀରର ଆୟୋଜନ କ୍ରମେ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ଶିଶୁ ସୁରକ୍ଷା କମିଟି ବୈଠକ ଓ ସରପଂଚ ଓ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କ ପାଇଁ ପଂଚାୟତସ୍ତରୀୟ ଶିଶୁ ସୁରକ୍ଷାର ଯୋଜନା ପ୍ରସ୍ତୁତି କରିବାକୁ ଏକ ତାଲିମ ପୁଇନ୍ତଲା ବ୍ଲକ୍ ସଭା ଗୃହ ଠାରେ ଅନୁଷ୍ଠିତ କରାଯାଇଛି । ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସାମାଜିକ କର୍ମୀ ଅରୁଣ ଖୁଆସ ସମସ୍ତଙ୍କୁ ସ୍ୱାଗତ ଜଣାଇ ବ୍ଲକ୍ ସ୍ତରୀୟ ଶିଶୁ ସୁରକ୍ଷା କମିଟିର ଦାୟିତ୍ୱ, କର୍ତବ୍ୟ, ଭୂମିକା ଉପରେ ଜଣାଇଥିଲେ । କିଶୋର ନ୍ୟାୟ ଆଇନ୍ ଉପରେ ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା ଉପରେ ବିଭିନ୍ନ ପ୍ରକାର ଆଇନ୍ ତଥା ବାଲ୍ୟବିବାହ ନିରୋଧ ଆଇନ, ପୋକ୍ସୋ ଆଇନ୍, ଶିଶୁ ଶ୍ରମିକ ନିରୋଧ ଆଇନ, ପିସିପି ଏନ୍‌ଡିଟି ଆଇନ୍ ଉପରେ ଜଣାଇଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୁଇନ୍ତଲା ବ୍ଲକସ୍ତରୀୟ ଗ୍ରାମ ପଂଚାୟତ ସମ୍ପ୍ରସାରଣ ଅଧିକାରୀ ଲିଙ୍ଗରାଜ ବାଘ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣି ସୁଷମା ତ୍ରିପାଠୀ ଉପସ୍ଥିତ ରହି ଶିଶୁମାନଙ୍କ ପାଇଁ ଥିବା ଗ୍ରାମ ପଂଚାୟତ ବିକାଶ ପାଣ୍ଠିର ୫% ଯୋଜନା ରଖି ଶିଶୁଙ୍କ ପାଇଁ ଖର୍ଚ୍ଚ କରିବା ପାଇଁ ତାଲିମରେ ଜଣାଇଥିଲେ । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ରେ ଅବସ୍ଥିତ ଥିବା ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତି ତାଲିମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ କହିବା ସହ ସରପଂଚ ଓ ଇଓମାନଙ୍କର ଭୂମିକା, ଦାୟିତ୍ୱ ଉପରେ ଜଣାଇଥିଲେ । ଗ୍ରାମ ପଂଚାୟତ ବିକାଶ ପାଣ୍ଠିର ଅନ୍ ଟାଏଡ ପାଣ୍ଠିର ୫ % ବିପଦ ସଙ୍କୁଳ ଅବସ୍ଥାରେ ଥିବା ଶିଶୁମାନଙ୍କୁ ଚିହ୍ନଟ କରି ପଂଚାୟତସ୍ତରୀୟ ଶିଶୁ ସୁରକ୍ଷାର ଯୋଜନା ପ୍ରସ୍ତୁତି କରିବାକୁ ଗୋଷ୍ଠି ଭିତିକ ଯୋଜନା ଓ ବ୍ୟକ୍ତିଗତ ଯୋଜନା ପ୍ରସ୍ତୁତି କରିବା ପାଇଁ ଏକ ତାଲିମ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ବ୍ଲକ୍‌ର ୨୩ ଗୋଟି ଗ୍ରାମ ପଂଚାୟତର ସରପଂଚ, ଇଓ ଉପସ୍ଥିତ ଥିଲେ । ଏହି ଅବସରରେ ସିଡିପିଓ ଉପସ୍ଥିତ ରହି ବାଲ୍ୟ ବିବାହ ଉପରେ ସଚେତନତା କାର୍ଯକ୍ରମ ଉପରେ ଜଣାଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର କ୍ଷେତ୍ର ପରିଦର୍ଶକ ବାଳମୁକୁନ୍ଦ ଭିତିରିଆ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପରିଶେଷରେ ସିଡିପିଓ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରି ତାଲିମ୍‌କୁ ଶେଷ କରିଥିଲେ ।

# ଧୈର୍ଯ୍ୟ ହେଉଛି ଯେକୌଣସି ରାଷ୍ଟ୍ରର ସବୁଠାରୁ ବଡ଼ ଶକ୍ତି : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସକାଳେ 'ଏକ୍ସ' ହ୍ୟାଣ୍ଡେଲରେ ଧୈର୍ଯ୍ୟର ଗୁରୁତ୍ୱ ବିଷୟରେ ଆଲୋଚନା କରି ଏକ ବାର୍ତ୍ତା ସେୟାର କରିଛନ୍ତି । ସେ କହିଥିଲେ ଯେ ଧୈର୍ଯ୍ୟ ହେଉଛି ଯେକୌଣସି ଦେଶର ସବୁଠାରୁ ବଡ଼ ଶକ୍ତି । ଏହା ଦେଶକୁ ସବୁଠାରୁ କଠିନ ଆହ୍ୱାନ ମଧ୍ୟରେ ମଧ୍ୟ ଏକଜୁଟ ରହିବାକୁ ଏବଂ ପ୍ରଗତି, ସମୃଦ୍ଧି ଏବଂ ଆତ୍ମନିର୍ଭରଶୀଳତା ଦିଗରେ ନିରନ୍ତର ଆଗକୁ ବଢିବାକୁ ପ୍ରେରଣା ଦେଇଥାଏ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ ଗତିଶୀଳ ପର୍ବତଗୁଡ଼ିକ ମଧ୍ୟ ଗୋଟିଏ ଯୁଗର ଶେଷରେ ପବନ ଦ୍ୱାରା କମ୍ପିତ ହୋଇପାରନ୍ତି । ତଥାପି, କଠିନ ପରିସ୍ଥିତିରେ ମଧ୍ୟ ସଂକଳ୍ପବଦ୍ଧ ବ୍ୟକ୍ତିର ସ୍ଥିର ମନ କଦାପି ବିଚଳିତ ହୁଏ ନାହିଁ । ଅଭିବ୍ୟକ୍ତିଟି ନିମ୍ନରେ ଦିଆଗଲା, ଚଳନ୍ତି ଗିରାୟ: କାମାନା ଯୁଗାନ୍ତପବନହତା: । ସାହସୀମାନଙ୍କର ସ୍ଥିର ମନ ଅନ୍ଧାରରେ ମଧ୍ୟ ଗତି କରେ ନାହିଁ । ଏହାର ଅର୍ଥ ହେଉଛି ଯେ ଯଦିଓ ପରାକାଷ୍ଠାର ଭୟଙ୍କର ଝଡ଼ର ପ୍ରଭାବ ଦ୍ୱାରା ଶକ୍ତିଶାଳୀ ପର୍ବତଗୁଡ଼ିକ ସେମାନଙ୍କ ସ୍ଥାନରୁ କମ୍ପିତ ହୁଅନ୍ତି, ତଥାପି ଧୀର (ସାହସୀ ଏବଂ ବିଚକ୍ଷଣ) ପୁରୁଷମାନଙ୍କ ମନ ତୀବ୍ର ଯନ୍ତ୍ରଣା କିମ୍ବା ସଙ୍କଟ ସମୟରେ ମଧ୍ୟ ଏହାର ସଂକଳ୍ପରେ କଦାପି ବିଚଳିତ ହୁଏ ନାହିଁ । ଏହି ପଦ ଶିକ୍ଷା ଦିଏ ଯେ ଜଣେ ନିଜର ମାନସିକ ସନ୍ତୁଳନ ଏବଂ ସତ୍ୟର ପଥ ହରାଇବା ଉଚିତ୍ ନୁହେଁ, ଏପରିକି ଭୟଙ୍କର ପରିସ୍ଥିତିରେ ମଧ୍ୟ ।

# ଘଡ଼ଘଡ଼ି ସହ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗର ସତର୍କ ଘଂଟି



ଭୁବନେଶ୍ୱର: ରାଜ୍ୟରେ ମୌସୁମୀ ପ୍ରଭାବରେ ପାଣିପାଗର ଲୁଚକାଳି ଖେଳ ଜାରି ରହିଛି । ଗୋଟିଏ ପଟେ ଉଷ୍ମତା ଓ ଗୁଳୁଗୁଳି ଅସ୍ତବ୍ୟସ୍ତ କରୁଥିବା ବେଳେ, ଅନ୍ୟପଟେ ହଠାତ୍ ବଦଳୁଥିବା ପାଣିପାଗ ସ୍ଥିତି ଲୋକଙ୍କ ଉଦ୍‌ବେଗ ବଢ଼ାଇଦେଇଛି । ଏହାରି ମଧ୍ୟରେ ଭାରତୀୟ ପାଣିପାଗ ବିଭାଗର ଭୁବନେଶ୍ୱର ସ୍ଥିତ ଆଂଚଳିକ କେନ୍ଦ୍ର ପକ୍ଷରୁ ଏକ ତାଜା ସତର୍କ ସୂଚନା ଜାରି କରାଯାଇଛି । ବିଶେଷ କରି ଉତର ରାଜ୍ୟର ଦୁଇ ଜିଲ୍ଲା କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲା ପାଇଁ ବିପଦର ଆଶଙ୍କା ଥିବାରୁ ଏଠାରେ 'ୟେଲୋ ଆଲର୍ଟ' ଜାରି କରାଯାଇଛି । ପାଣିପାଗ ବିଭାଗର ସଦ୍ୟତମ ବୁଲେଟିନ୍ ଅନୁଯାୟୀ, ଆଗାମୀ କିଛି ଘଂଟା ମଧ୍ୟରେ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ଘଡ଼ଘଡ଼ି, ବିଜୁଳି ସହିତ ମଧ୍ୟମରୁ ପ୍ରବଳ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ସ୍ଥାନେ ସ୍ଥାନେ ପବନର ବେଗ ବୃଦ୍ଧି ପାଇବା ସହ ବଜ୍ରପାତର ତୀବ୍ର ପ୍ରଭାବ ମଧ୍ୟ ଦେଖିବାକୁ ମିଳିପାରେ । କେବଳ ଏହି ଦୁଇ ଜିଲ୍ଲା ନୁହେଁ, ଏହାର ଆଖପାଖ ଅଂଚଳରେ ମଧ୍ୟ ପାଗ ମେଘୁଆ ରହିବା ସହ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି । ବିଜୁଳି ଓ ଘଡ଼ଘଡ଼ି ସମୟରେ ଧନଜୀବନ ନଷ୍ଟ ହେବାର ବ୍ୟାପକ ଆଶଙ୍କା ଥିବାରୁ, ଜନସାଧାରଣଙ୍କୁ ସମ୍ପୂର୍ଣ୍ଣ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଘଡ଼ଘଡ଼ି ଓ ବିଜୁଳି ମାରୁଥିବା ସମୟରେ ଲୋକଙ୍କୁ ଘରୁ ନବାହାରିବାକୁ ଏବଂ ସୁରକ୍ଷିତ ସ୍ଥାନରେ ବା କୋଠା ଘରେ ଆଶ୍ରୟ ନେବାକୁ କୁହାଯାଇଛି । ସୂଚନାଯୋଗ୍ୟ ଯେ, ରାଜ୍ୟରେ ଏବେ ମୌସୁମୀ ବାୟୁ ଅଧିକ ସକ୍ରିୟ ହେଉଥିବାରୁ ଆଗାମୀ ଦିନରେ ଅଧିକାଂଶ ସ୍ଥାନରେ ଲଗାଣ ବର୍ଷା ହେବାର ସମ୍ଭାବନା ରହିଛି ।



# ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେର ସମୀକ୍ଷା କଲେ ନୀତିନ ଗଡ଼କରୀ

ଅଲୱର : କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ



ଗଡକରୀ ବୁଧବାର ଅଲୱର ଜିଲ୍ଲାର ପିନାନ ବିଶ୍ରାମସ୍ଥଳରେ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେର ଯାଂଚ କରିଥିଲେ । ସେ ଏକ୍ସପ୍ରେସୱେର ଗୁଣବତା, ସଡ଼କ ସୁରକ୍ଷା ଏବଂ ଦୁର୍ଘଟଣାର ବୃଦ୍ଧି ପାଉଥିବା ସଂଖ୍ୟା ସମୀକ୍ଷା କରିଥିଲେ ଏବଂ ଅଧିକାରୀମାନଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଥିଲେ । ରାଜସ୍ଥାନରେ ପ୍ରବେଶ କରିବା ପରେ ଉପମୁଖ୍ୟମନ୍ତ୍ରୀ ଦୀୟା କୁମାରୀ ପିନାନ ବିଶ୍ରାମସ୍ଥଳରେ କେନ୍ଦ୍ର ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଜିଲ୍ଲା କଲେକ୍ଟର ଆର୍ତିକା ଶୁକ୍ଲା, ପୋଲିସ ଅଧୀକ୍ଷକ ସୁଧୀର ଚୌଧୁରୀ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ବରିଷ୍ଠ ଅଧିକାରୀ ଏବଂ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଯାଂଚ ସମୟରେ ଉପସ୍ଥିତ ଥିଲେ । ପିନାନ ବିଶ୍ରାମସ୍ଥଳରେ ପ୍ରାୟ ଏକ ଘଂଟା ରହି, କେନ୍ଦ୍ରମନ୍ତ୍ରୀ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେର ଏକ ବିସ୍ତୃତ ଉପସ୍ଥାପନା ସମୀକ୍ଷା କଲେ ଏବଂ ପରେ ଅଧିକାରୀଙ୍କ ସହିତ ଏକ ସମୀକ୍ଷା ବୈଠକ କଲେ । ବୈଠକ ସମୟରେ, ସେ ସାମ୍ପ୍ରତିକ ସଡ଼କ ଦୁର୍ଘଟଣା ପଛର କାରଣ ବିଷୟରେ ପଚାରି ବୁଝିଲେ ଏବଂ ରାସ୍ତାର ଗୁଣବତା ପାଇଁ ଆହୁରି ବୈଷୟିକ ଉନ୍ନତି ପାଇଁ ନିର୍ଦ୍ଦେଶ ଦେଲେ ।

ଗଡକରୀ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଏକ୍ସପ୍ରେସୱେରେ ବେଆଇନ ଖାଦ୍ୟପେୟ ଏବଂ ଜବରଦଖଲ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ହାଇୱେରେ ପାର୍କିଂ ହୋଇଥିବା ଟ୍ରକଗୁଡ଼ିକୁ ତୁରନ୍ତ ହଟାଇ ଦିଆଯିବା ଉଚିତ, ଏବଂ ଅନଧିକୃତ ରାସ୍ତା ପାର୍କିଂ ନିଷେଧ କରାଯିବା ଉଚିତ । ସେ ନିର୍ଦ୍ଦେଶ ଦେଇଛନ୍ତି ଯେ ରାସ୍ତାରେ ଥିବା ଗର୍ତ୍ତ କିମ୍ବା କ୍ଷତିଗ୍ରସ୍ତ ସ୍ଥାନଗୁଡ଼ିକୁ ତୁରନ୍ତ ମରାମତି କରାଯିବା ଉଚିତ, ନିୟମିତ ତଦାରଖ କରାଯିବା ଉଚିତ ଏବଂ କୌଣସି ସ୍ତରରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ । ରାସ୍ତା ସୁରକ୍ଷାକୁ ଆହୁରି ବୃଦ୍ଧି କରିବା ପାଇଁ, ସେ ହାଇୱେ ପାଟ୍ରୋଲିଂ ବୃଦ୍ଧି କରିବା, ନିୟମିତ ଭାବରେ ପୋଲିସ ପାଟ୍ରୋଲିଂ ବଜାୟ ରଖିବା ଏବଂ ଦୁର୍ଘଟଣା ପ୍ରବଣ ଅଂଚଳରେ ବିଶେଷ ସତର୍କତା ବଜାୟ ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଏକ ଅତ୍ୟାଧୁନିକ ସଡ଼କ ସୁରକ୍ଷା ଏବଂ ଉଦ୍ଧାର ଯାନ ମଧ୍ୟ ଉଦ୍ଘାଟିତ ହୋଇଛି, ଯାହା ଏକ୍ସପ୍ରେସୱେରେ ଦୁର୍ଘଟଣା ହେଲେ ରିଲିଫ୍ ପ୍ରଦାନ ଏବଂ ଟ୍ରାଫିକ୍ ପୁନରୁଦ୍ଧାର କରିବାରେ ସାହାଯ୍ୟ କରିବ ।

# ସମ୍ବଲପୁର ଆଂଚଳିକ ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀରେ ଯୋଗଦେଲେ ଉପ ମୁଖ୍ୟମନ୍ତ୍ରୀ




ସମ୍ବଲପୁର : ସମ୍ପ୍ରତି କେବଳ ମହିଳାଙ୍କ ବିକାଶ ନୁହେଁ, ବରଂ ମହିଳାମାନଙ୍କ ନେତୃତ୍ୱରେ ସମାଜର ସର୍ବାଙ୍ଗୀନ ବିକାଶ ହେଉଛି । ମହିଳାଙ୍କ ବିକାଶରେ ମିଶନ ଶକ୍ତି ଓ ସୁଭଦ୍ରା ଯୋଜନା ଆଣିବ ବଡ଼ ପରିବର୍ତନ ବୋଲି କହିଛନ୍ତି ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ସମ୍ବଲପୁରକୁ ଦୁଇ ଦିନିଆ ଗସ୍ତରେ ଆସି ବୁଧବାର ପ୍ରଥମ ଦିବସରେ ବସନ୍ତପୁର ସ୍ଥିତ ଆଇଆଇଏମ୍ ସମ୍ମିଳନୀ କକ୍ଷରେ ଆୟୋଜିତ 'ଆଂଚଳିକ ଶୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ'ରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଏହା କହିଛନ୍ତି । ଏହି ଅବସରରେ ସେ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ସମାଜରେ ବର୍ତମାନ ମହିଳାମାନଙ୍କ ବିକାଶର ଆବଶ୍ୟକତା ନାହିଁ, ବରଂ ମହିଳାମାନେ ନିଜେ ହିଁ ବିକାଶର ନେତୃତ୍ୱ ନେଉଛନ୍ତି । ମିଶନ ଶକ୍ତି ଓ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନଙ୍କ ଦକ୍ଷତା, ସଂଚୟ ପ୍ରବୃତି ଓ ଅନୁଭବ ବୃଦ୍ଧି ପାଉଛି ଏବଂ ସେମାନେ ଆତ୍ମନିର୍ଭରଶୀଳ ହେଉଛନ୍ତି । ଏଥିରେ ଯୋଡ଼ି ହୋଇଥିବା ୭୦ ଲକ୍ଷ ମା'ମାନେ ହିଁ ମିଶନ ଶକ୍ତି ବିଭାଗକୁ ବଡ଼ କରିଛନ୍ତି । ରାଜ୍ୟରେ ମହିଳାମାନଙ୍କ ଅର୍ଥନୈତିକ ପ୍ରଗତି ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ ଯେ ଓଡ଼ିଶାର ପ୍ରାୟ ୨୬ ଲକ୍ଷ ୪୦ ହଜାର ମହିଳା ଆଜି ଲକ୍ଷପତି ଦିଦି ଭାବେ ନିଜକୁ ପ୍ରତିଷ୍ଠିତ କରି ସାରିଛନ୍ତି ଏବଂ ଏହି ମାମଲାରେ ଓଡ଼ିଶା ଦେଶରେ ଏକ ନମ୍ବର ସ୍ଥାନରେ ରହିଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୨୬ ଲକ୍ଷ ୪୦ ହଜାରରୁ ଅଧିକ ମହିଳା 'ଲକ୍ଷପତି ଦିଦି' ଶ୍ରେଣୀରେ ପହଂଚି ସାରିଥିବା ବେଳେ କେବଳ ବିଗତ ବର୍ଷକ ମଧ୍ୟରେ ୧୧ ଲକ୍ଷ ମହିଳା ଏହି ସଫଳତା ହାସଲ କରିଛନ୍ତି । ଯାହା ସାରା ଦେଶରେ ଓଡ଼ିଶାକୁ ପ୍ରଥମ ସ୍ଥାନରେ ପହଂଚାଇଛି । ସରକାର ୨୦୩୦ ସୁଦ୍ଧା ୨୭ ଲକ୍ଷ ମହିଳାଙ୍କୁ ଲକ୍ଷପତି କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ମା'ମାନଙ୍କର ଦକ୍ଷତା ଯୋଗୁଁ ଏହି ଲକ୍ଷ୍ୟ ୨୦୨୬ ସୁଦ୍ଧା ପୂରଣ ହୋଇଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୋନପୁର ଏବଂ ବଲାଙ୍ଗୀର ଜିଲାର ବ୍ଲକ ସ୍ତରୀୟ ମହାସଂଘ (ବିଏଲଏଫ)ର ପ୍ରତିନିଧି ଓ ସଦସ୍ୟମାନେ ଉପସ୍ଥିତ ଥିଲେ । ସେ ବିଏଲଏଫ ନେତ୍ରୀମାନଙ୍କର କହିବାର ଭାଷା, ଚାତୁରୀ ଏବଂ ଉପସ୍ଥାପନା ଶୈଳୀକୁ ଉଚ୍ଚ ପ୍ରଶଂସା କରିବା ସହ ଏହା ଆଇଆଇଏମ ସାର୍ଟିଫିକେଟ ସହ ସମାନ ବୋଲି ମତ ଦେଇଥିଲେ । ମହିଳାମାନଙ୍କୁ ନିରାପଦରେ ଏବଂ ସ୍ୱାଭିମାନର ସହ କାମ କରିବାକୁ ପରାମର୍ଶ ଦେଇଥିଲେ । କୌଣସି ପରିସ୍ଥିତିରେ ମଧ୍ଯ କାହାକୁ ଡରିବାର ଆବଶ୍ୟକତା ନାହିଁ । ଯଦ୍ୱାରା ମହିଳାମାନେ ନିଜର ପରିଚୟ ସେମାନେ ନିଜେ ସୃଷ୍ଟି କରି ପାରିବେ । ଉପମୁଖ୍ୟମନ୍ତ୍ରୀ ମା'ମାନଙ୍କୁ ସେମାନଙ୍କ ସଫଳତାର କାହାଣୀ ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡିଆରେ ଶେୟାର କରିବାକୁ ଅନୁରୋଧ କରିଥିଲେ ।

# ନୂତନ ରାଜସ୍ୱ ଭବନ ଏବଂ ବିପର୍ଯ୍ୟୟ ପରିଚାଳନା ଭବନ ନିର୍ମାଣ ନିମନ୍ତେ ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ



ଭୁବନେଶ୍ୱର : ଲୋକସେବା ଭବନଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ନୂତନ ରାଜସ୍ୱ ଭବନ ଏବଂ ବିପର୍ଯ୍ୟୟ ଭବନ ନିର୍ମାଣ ନିମନ୍ତେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନର ନୂତନ ଅତ୍ୟାଧୁନିକ ପ୍ରେକ୍ଷାଳୟ ଏବଂ ଭୁବନେଶ୍ୱରର ନୂତନ ସ୍ପେଶାଲ୍ ସର୍କିଟ୍ ହାଉସ୍ ନିର୍ମାଣ ସମ୍ପର୍କରେ ମଧ୍ଯ ସୁବିସ୍ତୃତ ଆଲୋଚନା କରାଯାଇଛି । OBCC ଏବଂ ନିର୍ମାଣ ବିଭାଗ ପକ୍ଷରୁ ଏ ସମ୍ପର୍କିତ ପ୍ରସ୍ତାବିତ ରୂପରେଖ ପ୍ରଦର୍ଶିତ ହୋଇଥିଲା କ୍ଷ ଏ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରି ରାଜ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଭିତିଭୂମି ସୁଦୃଢ଼ ହେବା ଦ୍ୱାରା ସୁଶାସନ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ମାନ୍ୟବର ମନ୍ତ୍ରୀ ବୈଠକରେ ମତପ୍ରକାଶ କରିଛନ୍ତି । ସୂଚନଯୋଗ୍ୟ ଯେ, ଖୁବ୍ ଶୀଘ୍ର ଭୁବନେଶ୍ୱରଠାରେ କଳ୍ପନା ଛକ ନିକଟରେ ନୂତନ ରାଜସ୍ୱ ଭବନ ନିର୍ମାଣ ଆରମ୍ଭ ହେବ । ଏ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ସହ ଏହାର ସମ୍ପୂର୍ଣ୍ଣ ରୂପରେଖ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଦଶ ମହଲା ବିଶିଷ୍ଟ ଏହି ବିଲଡିଂରେ ସମସ୍ତ ପ୍ରକାର ସୁବିଧା ସହିତ ବୋର୍ଡ଼ ଅଫ୍ ରେଭେନ୍ୟୁର କ୍ୟାମ୍ପ୍ କୋର୍ଟ୍ ଏବଂ ବିଭିନ୍ନ ରାଜସ୍ୱ ମାମଲା ଫଇସଲା କରୁଥିବା ଅଧିକାରୀଙ୍କ କୋର୍ଟ୍ ନିମନ୍ତେ ମଧ୍ୟ ବ୍ୟବସ୍ଥା ରହିବ । ସେହିପରି ରାଜସ୍ୱ ବିଭାଗର ଅଧିକାରୀମାନଙ୍କ ବୈଠକ ତଥା ସମ୍ମିଳନୀ ନିମନ୍ତେ ପ୍ରେକ୍ଷାଳୟ ଏବଂ ବିଭିନ୍ନ ଆନୁସାଙ୍ଗିକ ବ୍ୟବସ୍ଥା ମଧ୍ୟ ରହିବ ।

# ନର୍ସିଂ କଲେଜ ପ୍ରତିଷ୍ଠା ଏବଂ ଜନସ୍ୱାସ୍ଥ୍ୟ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କଲେ ମନ୍ତ୍ରୀ ମୁକେଶ ମହାଲିଙ୍ଗ

ଭୁବନେଶ୍ୱର : ଆଜି ଲୋକସେବା ଭବନ ସ୍ଥିତ ସ୍ୱାସ୍ଥ୍ୟ ଏବଂ ପରିବାର



କଲ୍ୟାଣ ବିଭାଗର ସମ୍ମିଳନୀ କକ୍ଷରେ ନର୍ସିଂ କଲେଜ ପ୍ରତିଷ୍ଠା ଏବଂ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଛି । ମାନ୍ୟବର ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ଉଚ୍ଚମାନର ନର୍ସିଂ ଶିକ୍ଷା ବ୍ୟବସ୍ଥା ଗଢ଼ି ତୋଳିବା ପାଇଁ ସମସ୍ତ ଅନୁଷ୍ଠାନରେ ନିର୍ଦ୍ଧାରିତ ମାନଦଣ୍ଡର କଡ଼ାକଡ଼ି ପାଳନ ଅତ୍ୟନ୍ତ ଆବଶ୍ୟକ । ଶିକ୍ଷାର ଗୁଣବତା, ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ପ୍ରଶିକ୍ଷଣର ମାନକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କୌଣସି ପ୍ରକାରର ଅନିୟମିତତାକୁ ପ୍ରଶ୍ରୟ ଦିଆଯିବ ନାହିଁ । ମାନ୍ୟବର ମନ୍ତ୍ରୀ ସମସ୍ତ ଜିଲ୍ଲାପାଳଙ୍କୁ ସେମାନଙ୍କ ଜିଲ୍ଲାର ସମସ୍ତ ବେସରକାରୀ ନର୍ସିଂ ଶିକ୍ଷାନୁଷ୍ଠାନର ନିରପେକ୍ଷ ଏବଂ ବ୍ୟାପକ ଯାଂଚ ଶୀଘ୍ର ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଜ୍ଞପ୍ତି ଅନୁଯାୟୀ ଗଠିତ ଜିଲ୍ଲାସ୍ତରୀୟ ଯାଂଚ ଦଳ ମାଧ୍ୟମରେ ଏହି ଯାଂଚ କରାଯିବ । ଏଥିସହ ଜିଲ୍ଲା ଅ ଗ ଶ ମ ଅଧିକାରୀଙ୍କୁ ମଧ୍ୟ ଏହି ଯାଂଚ ଦଳର ସଦସ୍ୟ ଭାବେ ସାମିଲ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ସମସ୍ତ ଜିଲ୍ଲାପାଳଙ୍କୁ ଚଳିତ ଜୁଲାଇ ମାସ ଶେଷ ସୁଦ୍ଧା ସେମାନଙ୍କର ଯାଂଚ ରିପୋର୍ଟ ମେଡିକାଲ୍ ଶିକ୍ଷା ଓ ପ୍ରଶିକ୍ଷଣ (ଡିଏମଇଟି), ଓଡ଼ିଶାଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# କାଶ୍ମୀରରେ ସୁରକ୍ଷା ସ୍ଥିତି ସମୀକ୍ଷା କଲେ ସେନା ମୁଖ୍ୟ

ଶ୍ରୀନଗର : ସେନା ମୁଖ୍ୟ ଜେନେରାଲ ଧୀରଜ ସେଠ୍ ବୁଧବାର କାଶ୍ମୀର ଉପତ୍ୟକାରେ ବର୍ତମାନର ସୁରକ୍ଷା ପରିସ୍ଥିତି, କାର୍ଯ୍ୟକ୍ଷମ ପ୍ରସ୍ତୁତି ଏବଂ



ଯୁଦ୍ଧ ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ଜେନେରାଲ ସେଠ ଶ୍ରୀନଗରରେ ସେନାର ୧୫ତମ କୋର୍ପସ (ଚିନାର କୋର୍ପସ) ମୁଖ୍ୟାଳୟ ପରିଦର୍ଶନ କରି ପରିସ୍ଥିତି ସମୀକ୍ଷା କରିଛନ୍ତି । ଜେନେରାଲ ସେଠ୍ ନିୟନ୍ତ୍ରଣ ରେଖା ଏବଂ ଆଭ୍ୟନ୍ତରୀଣ ଅଂଚଳରେ ବର୍ତମାନର ସୁରକ୍ଷା ପରିସ୍ଥିତି, କାର୍ଯ୍ୟକ୍ଷମ ପ୍ରସ୍ତୁତି ଏବଂ ଯୁଦ୍ଧ ପ୍ରସ୍ତୁତିର ମୂଲ୍ୟାଙ୍କନ କରିବା ପାଇଁ ଚିନାର କୋର ମୁଖ୍ୟାଳୟ ଏବଂ ଏହାର ୟୁନିଟଗୁଡ଼ିକୁ ପରିଦର୍ଶନ କରିଥିଲେ । ସେନା ମୁଖ୍ୟଙ୍କୁ କାର୍ଯ୍ୟକ୍ଷମ ନିୟୋଜନ, ଆତଙ୍କବାଦ ବିରୋଧୀ ଅଭିଯାନ, ବିଭିନ୍ନ ଏଜେନ୍ସି ମଧ୍ୟରେ ସମନ୍ୱୟ, ବଢୁଥିବା କାର୍ଯ୍ୟକ୍ଷମ ପରିସ୍ଥିତି ଏବଂ ଚଳିତ ବାର୍ଷିକ ଅମରନାଥ ଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥା ବିଷୟରେ ସୂଚନା ଦିଆଯାଇଥିଲା । ସେ ସମସ୍ତ କାର୍ଯ୍ୟରେ ପ୍ରଯୁକ୍ତିବିଦ୍ୟା ଗ୍ରହଣ ଏବଂ ସମନ୍ୱିତ ଯୁଦ୍ଧ ପ୍ରସ୍ତୁତିକୁ ବୃଦ୍ଧି କରିବା ପାଇଁ ପଦକ୍ଷେପଗୁଡ଼ିକର ସମୀକ୍ଷା ମଧ୍ୟ କରିଥିଲେ । କଠିନ ପରିସ୍ଥିତିରେ ମଧ୍ୟ ସେମାନଙ୍କର ଉତ୍କୃଷ୍ଟ ବୃତିଗତତା ଏବଂ ଅଟଳ ପ୍ରତିବଦ୍ଧତା ପାଇଁ ସେନା ମୁଖ୍ୟ ସମସ୍ତ ପଦାଧିକାରୀଙ୍କୁ ପ୍ରଶଂସା କରିଥିଲେ ଏବଂ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ପାଇଁ ସେମାନଙ୍କର ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ ।

# ସାଇବର ଠକେଇର ଶୀଘ୍ର ତଦନ୍ତ ପାଇଁ ଇ-ଜିରୋ ଏଫଆଇଆର ବ୍ୟବସ୍ଥାର ଶୁଭାରମ୍ଭ କଲେ ଡିଜିପି




କଟକ : ସାଇବର ଅପରାଧ ନିୟନ୍ତ୍ରଣ ପାଇଁ ଓଡ଼ିଶା ପୋଲିସ ଲାଗୁ କଲା 'ଇ-ଜିରୋ ଏଫ୍ଆଇଆର୍ ବ୍ୟବସ୍ଥା । ବିଶେଷ କରି ଆର୍ଥିକ ଠକେଇ ମାମଲାର ଶୀଘ୍ର ପଞ୍ଜୀକରଣ, ଦ୍ରୁତ ତଦନ୍ତ ଏବଂ ପୀଡ଼ିତଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ଏହି ବ୍ୟବସ୍ଥା ଲାଗୁ କରାଗଲା ବୋଲି ଡିଜିପି ଯୋଗେଶ ବହାଦୁର ଖୁରାନିଆ କହିଛନ୍ତି । ନୂଆ ବ୍ୟବସ୍ଥା ଅନୁସାରେ ଆର୍ଥିକ ଠକେଇର ଶିକାର ହେବା ମାତ୍ରେ ଜାତୀୟ ସାଇବର ହେଲ୍ପଲାଇନ୍ ୧୯୩୦କୁ ଯୋଗାଯୋଗ କରିବାକୁ ହେବ । CCTNS ଦ୍ୱାରା ଏହା ପଞ୍ଜିକରଣ ହେବା ସହ ଅଭିଯୋଗର ତଦନ୍ତ ଆରମ୍ଭ ହୋଇଯିବ । ତେବେ ୧୦ ଲକ୍ଷ ଟଙ୍କା କିମ୍ବା ତା'ଠାରୁ ଅଧିକ ସାଇବର ଆର୍ଥିକ ଠକେଇ ସମ୍ବନ୍ଧୀୟ ଅଭିଯୋଗ ଗୁଡିକ କ୍ଷେତ୍ରରେ ଏହା ଲାଗୁ ହେବ । ଭବିଷ୍ୟତରେ ଏହାକୁ ଆହୁରି ସରଳିକରଣ କରାଯିବ ବୋଲି ଡିଜିପି କହିଛନ୍ତି । ୧୯୩୦ରେ ପଞ୍ଜୀକୃତ ହେଲେ, CCTNSରେ ସ୍ୱୟଂଚାଳିତ ଭାବେ e-Zero FIR ଅନୁରୋଧ ସୃଷ୍ଟି ହେବ ଏବଂ ତାହା ଅପରାଧ ଶାଖାର ସାଇବର ପୋଲିସ ଷ୍ଟେସନ୍‌କୁ ପଠାଯିବ । ପ୍ରାଥମିକ ଯାଂଚ ପରେ ସାଇବର ପୋଲିସ ଷ୍ଟେସନ୍ ନିୟମିତ ଏଫ୍ଆଇଆର୍ ପଞ୍ଜୀକରଣ କରି ତଦନ୍ତ ଆରମ୍ଭ କରିପାରିବ ।

# ଭାରତରେ ଖେଳାଯିବ ଅଷ୍ଟ୍ରେଲିଆର ବିଗ ବ୍ୟାଶ ଲିଗ୍

ନୂଆଦିଲ୍ଲୀ : ଅଷ୍ଟ୍ରେଲିଆ ଟି-୨୦ ଲିଗ୍ ତଥା ବିଗ ବ୍ୟାଶ ଲିଗ୍(BBL)




ଆଗାମୀ ସିଜନର ପ୍ରଥମ ମ୍ୟାଚ୍ ଭାରତ ମାଟିରେ ଖେଳାଯିବ । ଯାହାର ଘୋଷଣା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଷ୍ଟ୍ରେଲିଆର ମାଟିରେ କରିବେ । ପ୍ରକାଶ ଯେ, ପିଏମ୍ ମୋଦି ଏବେ ୩ ଦେଶର ଗସ୍ତରେ ଅଛନ୍ତି । ଯେଉଁଥିରେ ତାଙ୍କର ଆଗାମୀ ଦେଶ ଅଷ୍ଟ୍ରେଲିଆ ହେବ । ଅଷ୍ଟ୍ରେଲିଆ ଗସ୍ତରେ ସେ ଭାରତରେ ହେବାକୁ ଥିବା ବିଗ ବ୍ୟାଶ ଲିଗ ମ୍ୟାଚର ଘୋଷଣା କରିବେ । ଅଷ୍ଟ୍ରେଲିଆର ସାମ୍ବାଦିକ ଟମ୍ ମୋରିସ ଏହି ଘୋଷଣାକୁ ନେଇ ସୂଚନା ଦେଇଛନ୍ତି । ଏହା ପୂର୍ବରୁ ବି ମୋରିସ ଏହାସହ ଯୋଡ଼ି ହୋଇଥିବା ସୂଚନା ଦେଇ ସାରିଛନ୍ତି । ଏଥର ସେ କହିଛନ୍ତି କି ମ୍ୟାଚର ଘୋଷଣା କେଉଁଦିନ ହେବ । ସେ ତାଙ୍କର ସୋସିଆଲ ମିଡ଼ିଆରେ କହିଛନ୍ତି କି, ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଏନ୍ଥନୀ ଅଲ୍ବାନୀଜ ମେଲବର୍ନରେ ଶୁକ୍ରବାର ମ୍ୟାଚର ଘୋଷଣା କରିବେ । ମ୍ୟାଚ୍ ରେନଗେଡ୍ସ ବନାମ ସ୍କୋର୍ଚର୍ସ ମଧ୍ୟରେ ୧୨ ଡିସେମ୍ବରରେ ଚେନ୍ନାଇରେ ଖେଳାଯିବ । ପ୍ରକାଶ ଯେ, ଏହି ବିଷୟରେ ବିବିଏଲ୍ ତରଫରୁ ଅଫିସିଆଲ୍ ସୂଚନା ଆସିବା ବାକି ରହିଛି । ଏହା ପ୍ରଥମ ଥର ହେବ କି ଯେତେବେଳେ ଅଷ୍ଟ୍ରେଲିଆର ବିଗ ବ୍ୟାଶ ଲିଗର ମ୍ୟାଚ୍ ଭାରତ ମାଟିରେ ଖେଳାଯିବ । ଏହିଭଳି ଭାବେ ଏହା ଐତିହାସିକ ଘୋଷଣା ହେବ ।

# ଟି- ଟ୍ୱେଂଟି ମାନ୍ୟତା: ୧-୨ରେ ଈଶାନ, ଅଭିଷେକ



କନକ ବ୍ୟୁରୋ : ୟୁକେ ଗସ୍ତରେ ଭାରତୀୟ କ୍ରିକେଟ୍ ଦଳର ପ୍ରଦର୍ଶନ ଖରାପ ଥିଲା ବେଳେ ଏହାର ଦୁଇ ବ୍ୟାଟ ? ଈଶାନ କିଶନ ଓ ଅଭିଷେକ ଶର୍ମା ସଦ୍ୟ ପ୍ରକାଶିତ ଆଇସିସି ଟ୍ୱେଂଟି-୨୦ ମାନ୍ୟତାର ଯଥାକ୍ରମେ ୧ ଓ ୨ ସ୍ଥାନରେ ରହିଛନ୍ତି । ଇଂଲଣ୍ଡ ବିପକ୍ଷ ପ୍ରଥମ ଟ୍ୱେଂଟି-୨୦ରେ ୬୮ ଓ ଦ୍ୱିତୀୟ ୩୭ ରନ୍ କରିଥିବା ଭାରତର ନୂଆ ଅଧନାୟକ ଶ୍ରେୟସ ଆୟର ବଡ଼ ଲମ୍ଫ ଦେଇଛନ୍ତି । ସେ ୪୨୫ ସ୍ଥାନ ଡେଇଁ ୯୩ରେ ପହଂଚିଛନ୍ତି । ଦ୍ୱିତୀୟ ଟ୍ୱେଂଟି-୨୦ରେ ୪୬ ବଲ୍‌ରୁ ଅପରାଜିତ ୭୬ ରନ୍ ? କରି ଇଂଲଣ୍ଡକୁ ବିଜୟୀ କରାଇ ଥିବା ଜାକବ ବେଥଲ ୭ ସ୍ଥାନ ଉଠି ଅଷ୍ଟମରେ ଅଛନ୍ତି । ସାମ୍ କରନ୍ ବ୍ୟାଟିଂରେ ୧୨ ସ୍ଥାନ ଉଠି ୧୦୮, ବୋଲିଂରେ ୭୧ ଏବଂ ଅଲ୍‌ରାଉଣ୍ଡରେ ୧୩ରେ ରହିଛନ୍ତି । ଭେଟେରାନ ଲେଗ୍ ସ୍ପିନର ଆଦିଲ ରସିଦ ତୃତୀୟ ସ୍ଥାନରେ ରହିଛନ୍ତି । ପାଦର୍ପଣ କରିଥଇବା ଦ୍ରୁତ ବୋଲର ଜୋସ୍ ? ଟଙ୍ଗ ୩୦୧ରେ ଥିଲା ବେଳେ ଅଲ୍‌ରାଉଣ୍ଡରେ ୱିଲ୍ ଜାକ୍ (ସପ୍ତମ) ଶୀର୍ଷ ୧୦ରେ ପ୍ରବେଶ କରିଛନ୍ତି ।

# ବୈଭବଙ୍କୁ ଦେଶର ମାନ ବଢ଼ାଇବାକୁ କହିଲେ ସୂର୍ଯ୍ୟକୁମାର

ନୂଆଦିଲ୍ଲୀ: ବୈଭବ ସୂର୍ଯ୍ୟବଂଶୀଙ୍କ ଆନ୍ତର୍ଜାତୀୟ ପଦାର୍ପଣ ପରେ



ପୂର୍ବତନ ବିଶ୍ୱକପ ବିଜୟୀ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ବୈଭବ ତୁମେ ଭଲ ପ୍ରଦର୍ଶନ କରି ଦେଶର ମାନ ବଢ଼ାଇବାକୁ ଚେଷ୍ଟା କର । ଏହି ଅବସରରେ ଅଧିନାୟକ ପଦରୁ ହଟିବା ନେଇ ସେ ଅସନ୍ତୁଷ୍ଟ ଥିବା ଖବରକୁ ଖଣ୍ଡନ କରିଛନ୍ତି । ସୋସିଆଲ ମିଡିଆରେ ଏହି ଖବର ଭାଇରାଲ ହେଉଥିଲେ ମଧ୍ୟ ଏହା ସତ୍ୟ ନୁହେଁ । ଏ ଭଳି ଭିତିହୀନ ଖବରକୁ ଆପଣମାନେ ବିଶ୍ୱାସ କରନ୍ତୁ ନାହିଁ ବୋଲି ସୂର୍ଯ୍ୟକୁମାର କହିଛନ୍ତି । ମୁଁ ସର୍ବଦା ଭାରତୀୟ ଟିମ ସହିତ ରହିଛି । ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ଭାରତ ଟି୨୦ ବିଶ୍ୱକପ ଜିତିବା ପରେ ତାଙ୍କୁ ଦଳରୁ ବାହାର କରାଯିବା ସହ ଶ୍ରେୟାଶ ଆୟାରଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଟି୨୦ରେ ସୂର୍ଯ୍ୟକୁମାର ଭାରତର ସବୁଠାରୁ ସଫଳ ଅଧିନାୟକ ଭାବେ ପରିଗଣିତ । ସେ ୫୨ ମ୍ୟାଚରେ ଦଳର ନେତୃତ୍ୱ ନେଇଥିବା ବେଳେ ଟିମ ଇଣ୍ଡିଆ ୪୨ ମ୍ୟାଚରେ ବିଜୟ ହାସଲ କରିଛି । ୮ଟି ମ୍ୟାଚରେ ପରାଜିତ ହୋଇଥିବା ବେଳେ ୨ଟିର ଫଳାଫଳ ବାହାରି ପାରି ନାହିଁ । ଶ୍ରେୟାଶ ଦଳର ନେତୃତ୍ୱ ନେବା ପରେ ଭାରତର ପ୍ରଦର୍ଶନ ସେଭଳି ଉତ୍ସାହଜନକ ରହି ନାହିଁ । ଆୟର୍ଲାଣ୍ଡ ନିକଟରୁ ସିରିଜ ପରାଜୟବରଣ କରିବା ପରେ ଏବେ ଇଂଲଣ୍ଡ ବିପକ୍ଷରେ ଦ୍ୱିତୀୟ ଟି୨୦ରେ ଦଳ ପରାଜିତ ହୋଇଛି । ପ୍ରଥମ ମ୍ୟାଚ ବର୍ଷା ଯୋଗ ବାତିଲ ହୋଇଥିଲା ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**